ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୩/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, December 23/2025 | Page 16 | ₹ 7.00 | DHENKANAL
୫୨ଶ ଭାଗ ୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 30 | ମୂଲ୍ୟ ₹୭/-

DSPL-433



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ୧୧୧ କୋଟି ଟଙ୍କା ବିନିଯୋଗରେ ନୂତନ ୪୨୮ଟି ୧୦୮ - ଆମ୍ବୁଲାନ୍ସ ଯାନର ପ୍ରାବଧାନ

ମୁଖ୍ୟମନ୍ତ୍ରୀ

## ଶ୍ରୀ ମୋହନ ଚରଣ ମାଝୀଙ୍କ

କରକମଳରେ

## ପ୍ରଥମ ପର୍ଯ୍ୟାୟରେ ୧୫୦ ଗୋଟି ଆମ୍ବୁଲାନ୍ସର ଲୋକାର୍ପଣ

**ଗରିମାମୟ ଉପସ୍ଥିତି**

**ଡ. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର -ଭୁବନେଶ୍ୱର

**୨୩ ଡିସେମ୍ବର ୨୦୨୫ | ପୂର୍ବାହ୍ନ ୧୧.୩୦ ଘଟିକା | କଳିଙ୍ଗ ଷ୍ଟାଡିୟମ**

### ଆମ୍ବୁଲାନ୍ସ ପାଇଁ ଯୋଗାଯୋଗ ନମ୍ବର - ୧୦୮

ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ, ଗର୍ଭବତୀ ଏବଂ ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ବିନା ଖର୍ଚ୍ଚରେ ଜରୁରୀକାଳୀନ ଚିକିତ୍ସା ଓ ସରକାରୀ ଡାକ୍ତରଖାନାକୁ ଯିବା ପାଇଁ ଟୋଲ ଫ୍ରୀ ନମ୍ବର - ୧୦୮କୁ ଫୋନ୍ କରି ଆମ୍ବୁଲାନ୍ସ ସେବାର ସୁଯୋଗ ନିଅନ୍ତୁ।




OIPR-10084/13/0050/2526

NATIONAL HEALTH MISSION
**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

facebook.com/HFWOdisha
@HFWOdisha
http://www.health.odisha.gov.in/


ଲକ୍ଷ୍ନୌର ହଜରତଜଙ୍ଗସ୍ଥିତ ଲାକ୍‌ମେ ଏକାଡେମିରେ ଏକ ସେସନ୍ ଅବସରରେ ମିସ୍ ଇଣ୍ଟରନ୍ୟାଶନାଲ ଇଣ୍ଡିଆ, ୨୦୨୫ ରୁଶ୍ ସିନ୍ଧୁ ଉତ୍ସାହୀ ଛାତ୍ରୀମାନଙ୍କ ସହ କଥା ହେଉଛନ୍ତି।

# ବାଂଲାଦେଶର ଆଉଜଣେ ଛାତ୍ରନେତାଙ୍କ ମୁଣ୍ଡକୁ ଗୁଳି

ଢାକା,୨୨।୧୨(ପି.ଟି.)


ମୋତାଲେବ ଶିକଦର

ବାଂଲାଦେଶର ଖ୍ୟାତନାମା ଯୁବନେତା ଶରିଫ୍ ଓସ୍‌ମାନ ହାଦିଙ୍କୁ ହତ୍ୟା ଘଟଣାର ୪ ଦିନ ପରେ ସୋମବାର ଆଉ ଜଣେ ଛାତ୍ରନେତାଙ୍କ ମୁଣ୍ଡକୁ ଗୁଳି କରାଯାଇଛି। ମୋତାଲେବ ଶିକଦର ୨୦୨୪ର ହିଂସାତ୍ମକ ଛାତ୍ର ଆନ୍ଦୋଳନର ଦ୍ୱିତୀୟ ନେତା। ଗୁରୁତର ଅବସ୍ଥାରେ ତାଙ୍କୁ ଖୁଲ୍‌ନା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ନ୍ୟାଶନାଲ ସିଟିଜେନ୍ ପାର୍ଟି (ଏନ୍‌ସିପି)ର ଖୁଲ୍‌ନା ଡିଭିଜନ ମୁଖ୍ୟ ଏବଂ ଦଳର ୱାର୍କର୍ସ ଫ୍ରଣ୍ଟର କେନ୍ଦ୍ରୀୟ ସମନ୍ୱୟକାରୀ ଭାବେ କାର୍ଯ୍ୟ କରୁଥିଲେ। ହସ୍ପିଟାଲ ସୂତ୍ର ଅନୁଯାୟୀ, ଶିକ୍‌ଦରଙ୍କ ମୁଣ୍ଡ ବାମପାର୍ଶ୍ୱରେ ଗୁଳି ଲାଗିଛି। ତାଙ୍କୁ ହସ୍ପିଟାଲ ଅଣାଯିବା ବେଳେ ପ୍ରଚୁର ରକ୍ତସ୍ରାବ ହେଉଥିଲା।

ସୂଚନାଯୋଗ୍ୟ, ଗତବର୍ଷ ହାଦିଙ୍କ ନେତୃତ୍ୱରେ ଛାତ୍ର ଆନ୍ଦୋଳନ ଉଗ୍ର ରୂପ ନେବା ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଆୱାମି ଲିଗ୍ ସରକାର କ୍ଷମତାଚ୍ୟୁତ ହୋଇଥିଲା। ଗତ ୧୨ ତାରିଖରେ ଢାକାର ବିଜୟନଗର ଅଞ୍ଚଳରେ ମାସ୍କ ପିନ୍ଧିଥିବା ବନ୍ଧୁକଧାରୀଙ୍କ ଗୁଳିରେ ଗୁରୁତର ଆହତ ହାଦିଙ୍କର ଗତ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଫେବୃଆରୀ ୧୨ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ହାଦି ତାଙ୍କ ଇନ୍‌କିଲାବ ମଞ୍ଚରୁ ପ୍ରାର୍ଥୀ ହୋଇଥିଲେ। ତାଙ୍କ ହତ୍ୟାକୁ ନେଇ ସାରା ଦେଶରେ ଉତ୍ତେଜନା ଓ ବିକ୍ଷୋଭ ଲାଗି ରହିଥିବାବେଳେ ଅନ୍ୟ ଜଣେ ଛାତ୍ରନେତାଙ୍କ ମୁଣ୍ଡକୁ ଗୁଳି କରାଯାଇଛି। ହାଦି ହତ୍ୟାକାଣ୍ଡରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅନ୍ତରୀଣ ସରକାର ବିଫଳ ହେଲେ ତାଙ୍କୁ କ୍ଷମତାରୁ ହଟାଯିବ ବୋଲି ଇନ୍‌କିଲାବ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ସୋମବାର ଏକ ଜରୁରୀ ପ୍ରେସ୍ ମିଟ୍‌ରେ ଦଳର ସଦସ୍ୟ ସଚିବ ଅବଦୁଲ୍ଲା ଅଲ୍ ଜାବେର ଉପରୋକ୍ତ ଚେତାବନୀ ଦେଇଛନ୍ତି। ମହମ୍ମଦ ୟୁନୁସ୍ ସରକାର ଏପର୍ଯ୍ୟନ୍ତ ଅପରାଧୀଙ୍କୁ ଗିରଫ କରିନାହାନ୍ତି।

# ଇଞ୍ଜିନ୍ ସମସ୍ୟା: ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦିଲ୍ଲୀ ଫେରିଲା

ନୂଆଦିଲ୍ଲୀ,୨୨।୧୨(ପି.ଟି.)

ଏୟାର ଇଣ୍ଡିଆ ବିମାନ ସୋମବାର ସକାଳେ ମୁମ୍ବାଇ ଅଭିମୁଖେ ଯାଉଥିବାବେଳେ ଡାହାଣ ପାର୍ଶ୍ୱ ଇଞ୍ଜିନ୍‌ରେ ସମସ୍ୟା ଦେଖାଦେବାରୁ ଦିଲ୍ଲୀ ଫେରିଛି। ବିମାନରେ ୩୩୫ ଯାତ୍ରୀ ଥିଲେ। ବୈଷୟିକ ସମସ୍ୟାରୁ ବିମାନକୁ ଫେରାଇ ଅଣାଯାଇଥିବା ଏୟାର ଇଣ୍ଡିଆ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଯାତ୍ରୀମାନଙ୍କ ଅସୁବିଧା ପାଇଁ ଏୟାରଲାଇନ୍ସ ଦୁଃଖପ୍ରକାଶ କରିଛି। ଉଡ଼ାଣର କିଛି ସମୟ ପରେ ଡାହାଣ ପାର୍ଶ୍ୱ ଇଞ୍ଜିନ୍‌ରେ ଇଞ୍ଜିନ୍ ଅଏଲ୍ ଚାପ କମ୍ ଜଣାପଡ଼ିବା ପରେ ଏହାକୁ ଫେରାଇ ଅଣାଯାଇଥିଲା ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କହିଥିବାବେଳେ ଇଞ୍ଜିନ୍ ଅଏଲ୍ ଚାପ ଶୂନକୁ ଖସିଆସିଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

# ଭାଜପାକୁ ମିଳିଛି ୬,୬୫୪ କୋଟି ଚାନ୍ଦା

## କଂଗ୍ରେସ ପାଇଛି ୫୨୨.୧୩ କୋଟି

ନୂଆଦିଲ୍ଲୀ,୨୨।୧୨

ଲୋକ ସଭା ନିର୍ବାଚନ ବର୍ଷ ୨୦୨୪-୨୫ରେ ଭାଜପା ୬,୬୫୪ କୋଟି ଟଙ୍କା ଚାନ୍ଦା ପାଇଥିବା ଜଣାପଡ଼ିଛି, ଯାହାକି ପୂର୍ବବର୍ଷ ତୁଳନାରେ ୬୮ ପ୍ରତିଶତ ଅଧିକ। ସଦସ୍ୟତା ଦୃଷ୍ଟିରୁ ବିଶ୍ୱର ସର୍ବବୃହତ୍ ଦଳ ଭାଜପା ଗତ ଆର୍ଥିକ ବର୍ଷରେ ପାଇଥିବା ଚାନ୍ଦା ସମ୍ପର୍କିତ ରିପୋର୍ଟ ଗତ ୮ ତାରିଖରେ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଛି। ୨୦,୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ଚାନ୍ଦାଗୁଡ଼ିକର ତାଲିକା କମିଶନଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ୨୦୨୪ ଏପ୍ରିଲ ୧ରୁ ୨୦୨୫ ମାର୍ଚ୍ଚ ୩୦ ମଧ୍ୟରେ ଦଳକୁ ମିଳିଥିବା ଚାନ୍ଦା ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ ରହିଛି। ସେହିପର୍ଷ ଲୋକ ସଭା ନିର୍ବାଚନ ସାଙ୍ଗକୁ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ସିକିମ, ଜମ୍ମୁ-କଶ୍ମୀର, ହରିୟାଣା, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଏବଂ ଦିଲ୍ଲୀ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହାର ପୂର୍ବବର୍ଷ ଭାଜପା ଚାନ୍ଦା ବାବଦକୁ ୩,୯୬୭ କୋଟି ଟଙ୍କା ପାଇଥିଲା।

ଚାନ୍ଦାର ପ୍ରାୟ ୪୦ ପ୍ରତିଶତ ଇଲେକ୍ଟୋରାଲ ବଣ୍ଡରୁ ଆସିଛି। ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ୨,୧୮୦ କୋଟି ଟଙ୍କା ଦାନ କରିଥିବାବେଳେ ପ୍ରୋଗ୍ରେସିଭ୍ ଇଲେକ୍ଟୋରାଲ ଟ୍ରଷ୍ଟ ୭୫୭ କୋଟି ଏବଂ ନ୍ୟୁ ଡେମୋକ୍ରାଟିକ୍ ଇଲେକ୍ଟୋରାଲ ଟ୍ରଷ୍ଟ ୧୫୦ କୋଟି ଟଙ୍କା ଦେଇଛି। ଅନ୍ୟ ଇଲେକ୍ଟୋରାଲ ଟ୍ରଷ୍ଟରୁ ୩,୧୧୨.୫ କୋଟି ମିଳିଛି। ଅବଶିଷ୍ଟ ଚାନ୍ଦା କମ୍ପାନୀ ଏବଂ ବ୍ୟକ୍ତିବିଶେଷ ଦେଇଛନ୍ତି। କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ସଂଗୃହୀତ ଚାନ୍ଦାକୁ ରାଜନୈତିକ ଦଳଗୁଡ଼ିକୁ ପ୍ରଦାନ କରିବା ଲାଗି କମ୍ପାନୀଗୁଡ଼ିକ ଦ୍ୱାରା ଇଲେକ୍ଟୋରାଲ ଟ୍ରଷ୍ଟ ଗଠନ ହୋଇଥାଏ।

କର୍ପୋରେଟ୍ ଦାତାଙ୍କ ମଧ୍ୟରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ୧୦୦ କୋଟି, ରୁଙ୍ଗଟା ସନ୍ସ ପ୍ରା.ଲିଃ ୯୫ କୋଟି, ବେଦାନ୍ତ ୬୭ କୋଟି, ମାକ୍ରୋଟେକ୍ ଡେଭେଲପର୍ସ (ବର୍ତ୍ତମାନର ଲୋଧା ଡେଭେଲପର୍ସ) ୬୫ କୋଟି, ବଜାଜ ଗ୍ରୁପ୍ କମ୍ପାନିଜ୍ ୬୫ କୋଟି ଏବଂ ଡେରିଭ୍ ଇନ୍‌ଭେଷ୍ଟମେଣ୍ଟ ୫୦ କୋଟି ଟଙ୍କା ଦାନ କରିଛି। ମାଲାବାର ଗୋଲ୍ଡ ୧୦ କୋଟି ଦେଇଥିବାବେଳେ କଲ୍ୟାଣ ଜୁଏଲର୍ସ ୧୫.୧ କୋଟି, ହିରୋ ଗ୍ରୁପ୍ ୨୩.୬୫ କୋଟି, ଦିଲୀପ ବିଲ୍ଡିକନ୍ ଗ୍ରୁପ୍ ୨୯ କୋଟି, ଏଲ୍‌ସିସି ଲିଃ ୩୫ କୋଟି, ୱେଭ୍ ଇଣ୍ଡଷ୍ଟ୍ରିଜ୍ ୫.୨୫ କୋଟି ଏବଂ ଜେରୋଧା ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ୧.୫ କୋଟି ଟଙ୍କା ଦାନ କରିଛି। ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ୩ ଲକ୍ଷ, ଆସାମ ମନ୍ତ୍ରୀ ପିଜୁଶ ହାଜାରିକା ୨.୭୫ ଲକ୍ଷ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧ ଲକ୍ଷ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ ଲକ୍ଷ, ଇନ୍ଦୋର ମେୟର ପୁଷ୍ୟମିତ୍ର ଭାର୍ଗବ ୧ ଲକ୍ଷ ଏବଂ କୈଳାସ ବିଜୟଭର୍ଗୀୟଙ୍କ ପୁଅ ଆକାଶ ୧ ଲକ୍ଷ ଟଙ୍କା ଚାନ୍ଦା ଦେଇଛନ୍ତି।

ଅନ୍ୟ ଦଳଗୁଡ଼ିକ ମଧ୍ୟରେ କଂଗ୍ରେସ ଗତ ଆର୍ଥିକ ବର୍ଷରେ ୫୨୨.୧୩ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଛି, ଯାହାକି ପୂର୍ବବର୍ଷ ତୁଳନାରେ ୪୩ ପ୍ରତିଶତ କମ୍। ୨୦୨୩-୨୪ ବର୍ଷରେ କଂଗ୍ରେସକୁ ୧,୧୨୯ କୋଟି ଟଙ୍କା ଚାନ୍ଦା ମିଳିଥିଲା। ସେହିପରି ଟିଏମ୍‌ସିକୁ ଗତ ଆର୍ଥିକ ବର୍ଷରେ ୧୮୪.୦୮ କୋଟି, ଭାରତୀୟ ରାଷ୍ଟ୍ର ସମିତିକୁ ୧୫.୦୯ କୋଟି, ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ୩୯.୨ କୋଟି, ଟିଡିପିକୁ ୮୫.୨ କୋଟି ଏବଂ ବିଜେଡିକୁ ୬୦ କୋଟି ଟଙ୍କା ଚାନ୍ଦା ମିଳିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବିଜେଡି ୨୪୬ କୋଟି ଟଙ୍କା ଚାନ୍ଦା ପାଇଥିଲା।

# ୧ ଡଲାର= ୮୯.୭୦ ଟଙ୍କା

ନୂଆଦିଲ୍ଲୀ,୨୨।୧୨(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟ ପୂର୍ବଦିନ ଅପେକ୍ଷା ୩ ପଇସା ହ୍ରାସ ପାଇ ସୋମବାର ୮୯.୭୦ ଟଙ୍କା ରହିଛି। ଫରେକ୍ସ ଟ୍ରେଡରଙ୍କ କହିବା ଅନୁଯାୟୀ, ଭାରତ-ଆମେରିକା ବାଣିଜ୍ୟ ବୁଝାମଣାରେ ଅଗ୍ରଗତି ଘଟୁ ନ ଥିବାରୁ ବଜାର ମନୋଭାବ ପ୍ରଭାବିତ ହୋଇଛି। ଏଥିସହିତ ଆମେରିକା ଡଲାର ସୂଚକାଙ୍କ ଦୁର୍ବଳ ଥିବାରୁ ପ୍ରଥମ ଭାଗରେ ଘରୋଇ ୟୁନିଟ୍‌କୁ ସମର୍ଥନ ମିଳିଥିଲା। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ୍‌ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୯.୫୩ରୁ ଆରମ୍ଭ ହୋଇ ପରେ ଇଣ୍ଟ୍ରା-ଡେ' ସର୍ବାଧିକ ୮୯.୪୫ରେ ପହଞ୍ଚିଥିଲା, ଯାହାକି ପୂର୍ବଦିନ କ୍ଲୋଜିଂ ସମୟର ମୂଲ୍ୟ ତୁଳନାରେ ୨୨ ପଇସା ଅଧିକ। ତେବେ ଟ୍ରେଡିଂ ସେସନ୍ ଶେଷ ବେଳକୁ ଏହା ପୂର୍ବଦିନ ତୁଳନାରେ ୩ ପଇସା ହ୍ରାସ ପାଇ ୮୯.୭୦ ରହିଥିଲା। ଶୁକ୍ରବାର ଡଲାର ତୁଳନାରେ ଟଙ୍କା ଦର ୫୩ ପଇସା ବଢ଼ି ୮୯.୬୭ ହୋଇଥିଲା।

# ସୋନିଆ, ରାହୁଲଙ୍କୁ ଜବାବ ମାଗିଲେ ହାଇକୋର୍ଟ

ନ୍ୟାଶନାଲ ହେରାଲ୍ଡ ମାମଲା

ନୂଆଦିଲ୍ଲୀ,୨୨।୧୨(ପି.ଟି.)

ନ୍ୟାଶନାଲ ହେରାଲ୍ଡ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚାର୍ଜଶିଟ୍‌କୁ ତଳକୋର୍ଟ ବିଚାର ପାଇଁ ଗ୍ରହଣ କରିବାକୁ ମନା କରିବା ପରେ ତଦନ୍ତକାରୀ ସଂସ୍ଥା ଏହାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ହାଇକୋର୍ଟ ଏନେଇ ସୋମବାର କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସୁମନ ଦୁବେ, ସାମ୍ ପିତ୍ରୋଡ଼ା, ୟଙ୍ଗ୍ ଇଣ୍ଡିଆନ୍, ଡୋଟେକ୍ସ ମର୍ଚାଣ୍ଡାଇଜ୍ ଏବଂ ସୁନିଲ ଭଣ୍ଡାରୀଙ୍କୁ ଜବାବ ମାଗିଛନ୍ତି। ମମଲାର ପରବର୍ତ୍ତୀ ଶୁଣାଣି ଆସନ୍ତାବର୍ଷ ମାର୍ଚ୍ଚ ୧୨କୁ ଧାର୍ଯ୍ୟ ହୋଇଛି।

# ମଧ୍ୟପ୍ରଦେଶରୁ ଏୟାରଲିଫ୍ଟ ହେଲା ବାଘୁଣୀ

ସେଓନି,୨୨।୧୨

ମଧ୍ୟପ୍ରଦେଶର ସେଓନିସ୍ଥିତ ପେଞ୍ଚ ରିଜର୍ଭର ଏକ ବାଘୁଣୀ ୨୪ ଦିନ ପରେ ବନ ବିଭାଗ ଅଧିକାରୀଙ୍କ ହାତରେ ଧରାଦେଇଛି। ରବିବାର ଏହାକୁ ବାୟୁସେନାର ଏମ୍‌ଆଇ-୧୭ ହେଲିକପ୍ଟର ଯୋଗେ ରାଜସ୍ଥାନକୁ ସଫଳତାର ସହ ଏୟାରଲିଫ୍ଟ କରାଯାଇଛି। ସକାଳଠାରୁ ଅପରାହ୍ନ ପର୍ଯ୍ୟନ୍ତ ହାତୀମାନଙ୍କ ଦ୍ୱାରା ବାଘୁଣୀକୁ ଘେରାଯିବା ପରେ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ପରେ ଏକ ରେସ୍କ୍ୟୁ ଯାନରେ ତାକୁ ସୁକତ୍ରା ଏୟାରଷ୍ଟ୍ରିପ୍‌କୁ ନିଆଯାଇ ସେଠାରୁ ହେଲିକପ୍ଟର ଯୋଗେ ରାଜସ୍ଥାନର ବିଷଧାରୀ ଟାଇଗର ରିଜର୍ଭକୁ ସ୍ଥାନାନ୍ତର କରାଯାଇଛି। ଏହି ସ୍ଥାନାନ୍ତର ଯୋଗୁ ବିଷଧାରୀ ଟାଇଗର ରିଜର୍ଭରେ କେବଳ ବାଘବଂଶ ବଢ଼ିବ ନାହିଁ ବରଂ ଆନୁବଂଶିକ ବିବିଧତାକୁ ସୁଦୃଢ଼ କରିବ ବୋଲି ପେଞ୍ଚ ଟାଇଗର ରିଜର୍ଭର ଡେପୁଟି ଡାଇରେକ୍ଟର ରଜନୀଶ ସିଂ କହିଛନ୍ତି। ଏହି ଅଭିଯାନ ବନ୍ୟପ୍ରାଣୀ ବୈଜ୍ଞାନିକ ପରିଚାଳନା ଏବଂ ବୈଷୟିକ ଦକ୍ଷତାର ଉଦାହରଣ ବୋଲି ସେ କହିଛନ୍ତି।




# ଏବେ ବି ରୁଷିଆ ସେନାରେ ୫୦ ଭାରତୀୟ

## ଯୁଦ୍ଧରେ ଗଲାଣି ୨୬ ଜୀବନ

## ମୁକ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଗୁଜରାଟ ଯୁବକଙ୍କ ନିବେଦନ

ନୂଆଦିଲ୍ଲୀ,୨୨।୧୨

ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ରୁଷିଆ ସେନା ପାଇଁ ୨୦୨ ଜଣ ଭାରତୀୟ ନିଯୁକ୍ତ ହୋଇଥିବା ବିଶ୍ୱାସ କରାଯାଉଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରୁ ଇତିମଧ୍ୟରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଜଣ ନିଖୋଜ ଥିବା ରୁଷିଆ ପକ୍ଷରୁ ରିପୋର୍ଟ କରାଯାଇଛି। ପାର୍ଲାମେଣ୍ଟରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ଏହା କହିଥିଲେ। ସେଠାରୁ ୧୧୯ ଜଣଙ୍କୁ ଫେରାଇ ଅଣାଯାଇଥିବାବେଳେ ଏବେ ବି ୫୦ ଜଣ ରହିଛନ୍ତି। ସେମାନଙ୍କୁ ଯଥାଶୀଘ୍ର ଫେରାଇ ଅଣାଯିବାକୁ ଉଦ୍ୟମ ହେଉଥିବା ମନ୍ତ୍ରୀ କହିଥିଲେ।


ସାହିଲ ମହମ୍ମଦ ହୁସେନ ମଜୋଥି

ଗୁଜରାଟ ମୋର୍ବି ଜିଲାର ୨୩ ବର୍ଷୀୟ ସାହିଲ ମହମ୍ମଦ ହୁସେନ ମଜୋଥି ରୁଷିଆ ସେନା ତରଫରୁ ଲଢୁଥିବାବେଳେ ଏବେ ସେ ୟୁକ୍ରେନ୍ ହାଜତରେ ଅଛନ୍ତି। ତାଙ୍କୁ ସୁରକ୍ଷିତ ଭାବେ ମୁକ୍ତ କରିବା ପାଇଁ ସେ ଭାରତ ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରିଛନ୍ତି। ପରିବାରକୁ ପଠାଇଥିବା ଏକ ଭିଡିଓ ବାର୍ତ୍ତାରେ ସେ ରୁଷିଆ ନ ଯିବାକୁ ଭାରତୀୟମାନଙ୍କୁ ପରାମର୍ଶ ଦେଇଛନ୍ତି।

# ଭାରତ-ନ୍ୟୁଜିଲାଣ୍ଡ ଏଫ୍‌ଟିଏ ବୁଝାମଣା ଶେଷ

## ବାଣିଜ୍ୟ ହେବ ଶୁଳ୍କମୁକ୍ତ, ୨୦ ବିଲିୟନ ଡଲାର ଏଫ୍‌ଡିଆଇ ପ୍ରତିଶ୍ରୁତି

ନୂଆଦିଲ୍ଲୀ,୨୨।୧୨(ପି.ଟି.)

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ନେଇ କଥାବାର୍ତ୍ତା ଚୂଡ଼ାନ୍ତ ହୋଇଛି। ଆଗାମୀ ୭/୮ ମାସରେ ଉକ୍ତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି। ଏହି ଚୁକ୍ତିନାମା ବଳରେ ଶ୍ରମଭିତ୍ତିକ ସେକ୍ଟରରୁ ବହୁ ଘରୋଇ ସାମଗ୍ରୀ ଉଭୟ ଦେଶରେ ଶୁଳ୍କମୁକ୍ତ ଭାବେ ପ୍ରବେଶ କରିବା ସହ ଆଗାମୀ ୧୫ ବର୍ଷରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ୨୦ ବିଲିୟନ ଡଲାରରେ ପହଞ୍ଚାଇବାକୁ ପ୍ରତିଶ୍ରୁତି ଦିଆଯାଇଛି। ଏଥିସହିତ ୫ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟ ଦୁଇଗୁଣ ବୃଦ୍ଧି ପାଇ ୫ ବିଲିୟନ ଡଲାରରେ ପହଞ୍ଚାଇବାରେ ଚୁକ୍ତିନାମା ସହାୟକ ହେବ ବୋଲି ଆଶା କରାଯାଉଛି। ନ୍ୟୁଜିଲାଣ୍ଡକୁ ପଶମ, କୋଇଲା ଆଦି ସାମଗ୍ରୀ ଉପରେ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ସେହିପରି ୯୫ ପ୍ରତିଶତ ବନ୍ୟଜାତ ସାମଗ୍ରୀ ଓ କାଠ ଉପକରଣ ଶୁଳ୍କମୁକ୍ତ ହେବ। ଭାରତୀୟ କୃଷକ ଏବଂ ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ସ୍ୱାର୍ଥର ସୁରକ୍ଷା ପାଇଁ ସରକାର ଦୁଗ୍ଧଜାତ ସାମଗ୍ରୀରେ ନ୍ୟୁଜିଲାଣ୍ଡକୁ ଶୁଳ୍କ ରିହାତି ଦେବେନାହିଁ। ସେହିପରି ପିଆଜ, ଚଣା, ମଟର, ମକା, ଆଲମଣ୍ଡ, ଚିନି, କୃତ୍ରିମ ମହୁ, ପ୍ରାଣୀ, ପନିପରିବା, ଫ୍ୟାଟ୍ ଓ ତୈଳ, ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା, ରତ୍ନପଥର, ଅଳଙ୍କାର, ତମ୍ବା, ଆଲୁମିନିୟମ ଓ ଏଥିରେ ନିର୍ମିତ ଉପକରଣ ଉପରେ ଶୁଳ୍କ ରିହାତି ଦିଆଯିବ ନାହିଁ। ସେବା କ୍ଷେତ୍ରରେ ନ୍ୟୁଜିଲାଣ୍ଡ ଭାରତୀୟ ପେସାଦାରମାନଙ୍କୁ ଅସ୍ଥାୟୀ ନିଯୁକ୍ତି ପ୍ରବେଶ ଭିଜା ପ୍ରଦାନ କରିବ। ଏଥିପାଇଁ ବାର୍ଷିକ କୋଟା ୫,୦୦୦ ରହିବ। ଉକ୍ତ ଭିଜାରେ ଯାଉଥିବା ଭାରତୀୟମାନେ ସେଠାରେ ୩ ବର୍ଷ ପର୍ଯ୍ୟନ୍ତ ରହିପାରିବେ। ଭିଜା ପାଥ୍‌ୱେରେ ଆୟୁଷ ଡାକ୍ତର, ଯୋଗ ପ୍ରଶିକ୍ଷକ, ଭାରତୀୟ ସେଫ୍, ଗୀତ ଶିକ୍ଷକ, ଆଇଟି, ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ନିର୍ମାଣ କ୍ଷେତ୍ରକୁ ସାମିଲ କରାଯାଇଛି। ଆମେରିକା ଲଗାଇଥିବା ୫୦ ପ୍ରତିଶତ ଟାରିଫ୍ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଉକ୍ତ ଚୁକ୍ତିନାମା ସହାୟକ ହେବ। ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ କଥାବାର୍ତ୍ତା ମାତ୍ର ୯ ମାସ ମଧ୍ୟରେ ଚୂଡ଼ାନ୍ତ ହେବା ଏକ ଐତିହାସିକ ସଫଳତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କକୁ ବଢ଼ାଇବାରେ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ମିଳିତ ଆକାଂକ୍ଷା ଏଥିରୁ ପ୍ରତିଫଳିତ ହେଉଛି। ଏଫ୍‌ଟିଏ କାର୍ଯ୍ୟକାରୀ ହେଲେ ଉଭୟ ଦେଶର ସାମଗ୍ରୀ ପାଇଁ ଅଧିକ ବଜାର ସୁବିଧା ଉପଲବ୍ଧ ହେବା ସହ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବୃଦ୍ଧି ପାଇବ। ଏହି ଅବସରରେ ମୋଦି ତାଙ୍କ ନ୍ୟୁଜିଲାଣ୍ଡ ପ୍ରତିପକ୍ଷ କ୍ରିଷ୍ଟୋଫର ଲୁକ୍ସନଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି।

ଫୁରସତ୍

# ଧଳା ସହର ଆଶଗାବାତ


ନୂଆଦିଲ୍ଲୀ



ସମସ୍ତେ ରଙ୍ଗକୁ ଭଲ ପାଆନ୍ତି। ରଙ୍ଗୀନ ଘର, ରଙ୍ଗୀନ କୋଠା ସମସ୍ତଙ୍କୁ ଆକର୍ଷିତ କରେ। ଜାଣନ୍ତି କି ବିଶ୍ୱରେ ଏପରି ଏକ ସହର ଅଛି ଯେଉଁଠାରେ ସବୁକିଛି ଧଳା। ଆଜ୍ଞା ହଁ ଏପରି ଏକ ସହର ହେଉଛି ତୁର୍କମେନିସ୍ତାନର ରାଜଧାନୀ ଆଶଗାବାତ। ଯାହା ଧଳା ମାର୍ବଲ ସହର ଭାବରେ ଜଣାଯାଏ। ଏଠାରେ ପ୍ରତ୍ୟେକ କୋଠା ଧଳା ମାର୍ବଲରେ ତିଆରି। ଏହା ଏକ ସାଧାରଣ କଥା ନୁହେଁ, ସ୍ଥାନୀୟ ନିୟମର ଏକ ଅଂଶ। ଆଶଗାବାତରେ ସବୁଠି ଧଳା ରଙ୍ଗ ଦେଖାଯାଏ। ପ୍ରତ୍ୟେକ କୋଠା, ରାସ୍ତା, ଫୁଟ୍‌ପାଥ୍, ବସ୍ ଷ୍ଟପ୍, ସବୁକିଛି ଧଳା ଚାଦରରେ ଆଚ୍ଛାଦିତ। ଯେତେବେଳେ ସୂର୍ଯ୍ୟକିରଣ ଏହି ମାର୍ବଲ କୋଠାଗୁଡ଼ିକ ଉପରେ ପଡ଼େ, ଏହା ଏକ ଆଶ୍ଚର୍ଯ୍ୟଠାରୁ କମ୍ ନୁହେଁ। ଆଶଗାବାତ ଗିନିଜ ବୁକ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି।

୨୦୦୦ ପରେ ଆଶଗାବାତ ପୁରୁଣା ସୋଭିଏତ୍ ଯୁଗର ଢାଞ୍ଚାରୁ ଉଭା ହୋଇଥିଲା। ସେତେବେଳେ ରାଷ୍ଟ୍ରପତି ସହରକୁ ଧଳା ମାର୍ବଲରେ ଆଚ୍ଛାଦିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଧଳା ମାର୍ବଲର ବ୍ୟାପକ ବ୍ୟବହାର ସହିତ ୫୫୦ରୁ ଅଧିକ ନୂତନ କୋଠା ନିର୍ମାଣ କରାଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଆଶଗାବାତର ରାସ୍ତାରେ କେବଳ ଧଳା କାର୍ ଚାଲିପାରିବ। ଯଦି କେହି ରଙ୍ଗୀନ କାର୍ ଚଲାନ୍ତି, ତେବେ ତୁର୍କମେନିସ୍ତାନ ପୋଲିସ ତୁରନ୍ତ ଏହାକୁ ଜବତ କରି ଭାରୀ ଜରିମାନା ଆଦାୟ କରେ। କୁହାଯାଏ, କାରଟିର ମାଲିକ ଧଳା ରଙ୍ଗ ନ କରିବା ପର୍ଯ୍ୟନ୍ତ ତାଙ୍କୁ ଦ୍ରାହି ନାହିଁ। ଏହି ନିୟମ ୨୦୧୮ରେ ତତ୍କାଳୀନ ରାଷ୍ଟ୍ରପତି ଗୁରବାଙ୍ଗୁଲି ବର୍ଦିମୁଖାମେଦୋଭଙ୍କ ଦ୍ୱାରା ପ୍ରଚଳନ କରାଯାଇଥିଲା। କୁହାଯାଏ, ସେ ଧଳା ରଙ୍ଗକୁ ବହୁତ ପସନ୍ଦ କରୁଥିଲେ। ପ୍ରାରମ୍ଭରେ ରାଷ୍ଟ୍ରପତି ନିଜର ଇଚ୍ଛା ପୂରଣ କରିବା ପାଇଁ ସମଗ୍ର ସହରକୁ ଧଳା ରଙ୍ଗ କରିଥିଲେ, ଯାହା ପରେ ଏକ ସରକାରୀ ନିୟମ ପାଳଟିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୩/୨୦୨୫ | Bhubaneswar, Tuesday, December 23/2025 | ପୃଷ୍ଠା-୧



## ଡୁଫିଙ୍କୁ ୫ ଉଇକେଟ ସଫଳତା

ୱେଷ୍ଟଇଣ୍ଡିଜ ତୃତୀୟ କ୍ରିକେଟ ଟେଷ୍ଟରେ ଅନ୍ତିମ ଦିବସରେ ୫ ଉଇକେଟ ସଫଳତା ପାଇଛନ୍ତି ନ୍ୟୁଜିଲାଣ୍ଡ ବୋଲର ଜାକବ ଡୁଫି।

୧୪

୦୨

## ପିସିଙ୍କ ଦେଶୀ ଠୁମ୍କା

ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ନିକଟରେ ନିକ୍ ଜୋନାସ୍ ଓ ତାଙ୍କ ଭାଇମାନଙ୍କ ସହିତ ବଲିଉଡ ଗୀତରେ ନାଚୁଥିବାର ଦେଖାଯାଇଛି।



# ୨୪ରେ ରାଜ୍ୟ କ୍ୟାବିନେଟ

## ଅନୁମୋଦନ ଅପେକ୍ଷାରେ ୭ରୁ ଊର୍ଦ୍ଧ୍ୱ ପ୍ରସ୍ତାବ

ଭୁବନେଶ୍ୱର,୨୨।୧୨(ରବିନାରାୟଣ ଜେନା)

ରାଜ୍ୟର ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୨୪ ତାରିଖରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବାକୁ ରହିଛି। ଲୋକସେବାଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ ବୈଠକରେ ସାଧାରଣ ପ୍ରଶାସନ, ଅର୍ଥ, ସ୍ୱାସ୍ଥ୍ୟ, ନଗର ଉନ୍ନୟନ ଓ ଜଳସମ୍ପଦ ଭଳି ବିଭିନ୍ନ ବିଭାଗର ପ୍ରାୟ ୭ଟି ପ୍ରସ୍ତାବ ଅନୁମୋଦନ ଅପେକ୍ଷାରେ ରହିଛି। ସୂଚନାଯୋଗ୍ୟ, ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଭାଜପା ସରକାରଙ୍କ ପକ୍ଷରୁ ଜୋରସୋର ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ପ୍ରତ୍ୟେକ ବିଭାଗକୁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ କୁହାଯିବା ସହିତ ବଜେଟ ବ୍ୟୟ ଅଟକଳକୁ ସମୟ ଭିତରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଯାଇ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

ଭେଜାଲ ପାଇଁ ମୃତ୍ୟୁଦଣ୍ଡ



କ୍ରିସ୍‌ମାସ ଓ ବଡ଼ଦିନ ପାଇଁ ଭୁବନେଶ୍ୱର ୟୁନିଟ୍–୧ ମୁଖ୍ୟରାସ୍ତା ପାର୍ଶ୍ୱରେ ଖୋଲିଥିବା କ୍ରିସ୍‌ମାସ ବଜାରରେ ଆକର୍ଷଣୀୟ ଡିଜିଟାଲ ଡ୍ୟାନ୍ସିଂ ସାଣ୍ଟା କ୍ଲଜ୍ ସହ ଯୁବତୀମାନେ। **(ଫଟୋ: ବିକାଶ ନାୟକ)**

# ବଡ଼ଦିନରୁ ବଢ଼ିବ ଶୀତ

## କୁହୁଡ଼ି ପାଇଁ ୧୨ ଜିଲାକୁ ସତର୍କତା

ଭୁବନେଶ୍ୱର,୨୨।୧୨(ବନ୍ଦନା ସେଠୀ)

ବଡ଼ଦିନରୁ ଆହୁରି ବଢ଼ିବ ଶୀତ। ରାଜ୍ୟରେ ଏବେ ଶୀତର ଲହରି ଜାରି ରହିଥିବାବେଳେ ଆସନ୍ତା ୨୫ରୁ ଶୀତ ପ୍ରକୋପ ଅସମ୍ଭାଳ ହେବ। ପଶ୍ଚିମା ଝଡ଼ର ପ୍ରସ୍ଥାନ ପରେ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ଥଣ୍ଡା ବାୟୁର ପ୍ରବାହ ବୃଦ୍ଧି ସହ ଶୀତର ମାତ୍ରା ବୃଦ୍ଧି ପାଇବା ନେଇ ସୂଚନା ମିଳିଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ତେବେ କିଛି ସ୍ଥାନରେ ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ କୁହୁଡି ନେଇ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ଜଗତ୍‌ସିଂହପୁର, ସୋନପୁର, ବଲାଙ୍ଗୀର, କେନ୍ଦ୍ରାପଡ଼ା, କନ୍ଧମାଳ ଏବଂ କଳାହାଣ୍ଡି ଜିଲାକୁ ସତର୍କ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଗତ ୨୪ଘଣ୍ଟାରେ ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ସାଧାରଣ ତାପମାତ୍ରା ରହିଥିଲା। ☞ପୃଷ୍ଠା–୨

# କାର୍ ତଳେ ବିସ୍ଫୋରଣ: ରୁଷିଆ ଶୀର୍ଷ ଜେନେରାଲ ନିହତ

ମସ୍କୋ,୨୨।୧୨

ରୁଷିଆର ଜଣେ ଶୀର୍ଷ ଜେନେରାଲଙ୍କ କାର୍ ତଳେ ସୋମବାର ସକାଳେ ବିସ୍ଫୋରଣ ଘଟି ତାଙ୍କର ମୃତ୍ୟୁ ହୋଇଛି। ରାଜଧାନୀ ମସ୍କୋରେ ଏହି ବିସ୍ଫୋରଣ ଘଟିଥିବାବେଳେ ଏହା ପଛରେ ୟୁକ୍ରେନ୍‌ର ହାତ ଥିବା ତଦନ୍ତକାରୀମାନେ ସନ୍ଦେହ କରିଛନ୍ତି। ବର୍ଷକ ମଧ୍ୟରେ ରୁଷିଆ ସେନାର ୩ ବରିଷ୍ଠ ଅଧିକାରୀଙ୍କ ମୃତ୍ୟୁ ଘଟିଲାଣି। ଲ୍ୟୁଟ୍‌ନାଣ୍ଟ ଜେନେରାଲ ଫନିଲ ସର୍ଭାରୋଭ୍ ରୁଷିଆ ସଶସ୍ତ୍ର ବଳ ଜେନେରାଲ ଷ୍ଟାଫ୍ ପରିଚାଳନା ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ମୁଖ୍ୟ ଥିଲେ ବୋଲି ରୁଷିଆ ତଦନ୍ତ କମିଟି ମୁଖପାତ୍ର ସ୍ୱେତଲାନା ପେଟ୍ରେଙ୍କୋ କହିଛନ୍ତି। ତଦନ୍ତକାରୀ ଅଧିକାରୀମାନେ ହତ୍ୟାକାଣ୍ଡର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛନ୍ତି। ୟୁକ୍ରେନ୍ ଗୋଇନ୍ଦା ସେବା



ଲ୍ୟୁଟ୍‌ନାଣ୍ଟ ଜେନେରାଲ ଫନିଲ ସର୍ଭାରୋଭ୍

ଏହି ହତ୍ୟାକାଣ୍ଡ କରାଇଥାଇପାରେ ବୋଲି ସନ୍ଦେହ କରାଯାଉଥିବାବେଳେ ଉକ୍ତ ଦିଗର ମଧ୍ୟ ତଦନ୍ତ ହେଉଛି। ସର୍ଭାରୋଭଙ୍କ ମୃତ୍ୟୁ ସମ୍ପର୍କରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଘୋଷଣା କରିଥିଲେ। ପ୍ରତିରକ୍ଷା ମନ୍ତ୍ରଣାଳୟ କହିବା ଅନୁଯାୟୀ, ସର୍ଭାରୋଭ୍ ☞ପୃଷ୍ଠା–୨

# ବନ୍ଦ ଘରେ ମା', ୨ ପୁଅଙ୍କ ମୃତଦେହ

**ରାତିରେ ଚିକେନ ତରକାରି ହୋଇଥିଲା। ପାଳଙ୍ଗ ଶାଗ ମଧ୍ୟ ରନ୍ଧା ଯାଇଥିଲା। ଏହାକୁ ଖାଇବା ପରେ ଗୋଟିଏ ରୁମ୍‌ରେ ମା' ଓ ତାଙ୍କର ୨ ପୁଅ ଶୋଇ ଯାଇଥିଲେ। ଶୀତରୁ ରକ୍ଷା ପାଇବା ପାଇଁ ଭିତରେ କୋଇଲା ଆଞ୍ଚ ମଧ୍ୟ ରଖିଥିଲେ। ହେଲେ ସକାଳୁ ସେମାନେ ଆଉ ଉଠି ନ ଥିଲେ। ବନ୍ଦ ଘରେ ପଡ଼ିରହିଥିଲା ସେମାନଙ୍କ ମୃତଦେହ। ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଇଟାପ ଗ୍ରାମ ଅସନବାହାଳି କଲୋନୀ ସାହିରେ ଘଟିଥିବା ଏହି ଘଟଣା ସୋମବାର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।**

## ବିଷାକ୍ତ ଖାଦ୍ୟ କିମ୍ବା କୋଇଲା ଆଞ୍ଚ ଯୋଗୁ ମୃତ୍ୟୁ ସନ୍ଦେହ

ଅନୁଗୋଳ,୨୨।୧୨(ଜ୍ୟୋତିରଞ୍ଜନ ସାହୁ)

ଢେଙ୍କାନାଳ ଜିଲା କଣ୍ଟାବଣିଆ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିବା ଘଟଣାର ମୃତକ ହେଉଛନ୍ତି ଇଟାପ ଗ୍ରାମର ଗୋଲାପ ସାହୁ (୫୬), ପୁଅ ଭରତ ସାହୁ (୩୨) ଓ ଲିପୁନ ସାହୁ (୨୪)। ଖାଦ୍ୟ ବିଷାକ୍ତ ହୋଇଥିବା କିମ୍ବା କୋଇଲା ଆଞ୍ଚ ଧୂଆଁରେ ଅଣନିଃଶ୍ୱାସୀ ହୋଇ ମା' ଓ ୨ ପୁଅଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି। ତେବେ ଗୋଲାପଙ୍କ ଅନ୍ୟ ଜଣେ ପୁଅ, ସ୍ୱାମୀ ଅନ୍ତର୍ଯ୍ୟାମୀ ସାହୁ ଓ ଦ୍ୱିତୀୟ ସ୍ତ୍ରୀଙ୍କ ସହିତ ତାଙ୍କର ଗୋଟିଏ ପୁଅ ରୁଟି ସହ ଚିକେନ ଖାଇଥିବା ବେଳେ ସେମାନେ ସୁରକ୍ଷିତ ଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଇଟାପ ଗ୍ରାମର ଅନ୍ତର୍ଯ୍ୟାମୀଙ୍କ ପ୍ରଥମ ସ୍ତ୍ରୀ ଗୋଲାପ ରାତିରେ ଚିକେନ ତରକାରି ସହ ପାଳଙ୍ଗ ଶାଗ ରୋଷେଇ କରିଥିଲେ। ସାନପୁଅ ଲିପୁନ ଡ୍ୟୁଟିରୁ ରାତି ପ୍ରାୟ ୧୦ଟା ୩୦ରେ ଫେରିବା ପରେ ଗୋଲାପ, ଲିପୁନ ଓ ଭରତ ତାହାକୁ ଖାଇ ଗୋଟିଏ ରୁମ୍‌ରେ ଶୋଇଥିଲେ। ଉକ୍ତ ରୁମ୍ ଭିତରେ ସେମାନେ କୋଇଲା ଆଞ୍ଚ ରଖିଥିଲେ। ସେମାନଙ୍କ ପାଖ ରୁମ୍‌ରେ ଗୋଲାପଙ୍କ ଅନ୍ୟ ଜଣେ ପୁଅ ଶୋଇଥିବା ବେଳେ ଅନ୍ତର୍ଯ୍ୟାମୀ, ଦ୍ୱିତୀୟ ସ୍ତ୍ରୀ ଓ ତାଙ୍କ ପୁଅ ରୁଟି ସହ ଚିକେନ ଖାଇ ଆଉ ଏକ କୋଠରିରେ ଶୋଇପଡ଼ିଥିଲେ। ସକାଳେ ଅନ୍ୟମାନେ ଉଠିପଡ଼ିଥିଲେ ଗୋଲାପ, ଲିପୁନ ଓ ଭରତ ଉଠି ନ ଥିଲେ। ଭିତରୁ କବାଟ ଦିଆଯାଇଥିବାବେଳେ ଉଠିବାରେ ବିଳମ୍ବ ହେବାରୁ ଅନ୍ତର୍ଯ୍ୟାମୀ ଓ ଅନ୍ୟମାନେ କବାଟ ବାଡ଼େଇଥିଲେ। ହେଲେ ଭିତରୁ କିଛି ଜବାବ ନ ମିଳିବାରୁ ସେମାନେ ପଡ଼ୋଶୀଙ୍କୁ ଡାକିବା ସହ କବାଟ ଭାଙ୍ଗିଥିଲେ। ଏହାପରେ ସମ୍ପୃକ୍ତ ୩ ଜଣଙ୍କ ମୁହଁରେ ପାଣି ଛାଟି ଉଠାଇବାକୁ ଚେଷ୍ଟା କରିଥିଲେ। ସେଥିରେ ବିଫଳ ହେବାରୁ ସମସ୍ତଙ୍କୁ ଆମ୍ବୁଲାନ୍ସରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଗୋଲାପ ଓ ତାଙ୍କର ୨ ପୁଅ ଭରତ, ଲିପୁନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କଣ୍ଟାବଣିଆ ଥାନା ଥାନା ଅଧିକାରୀ ତୁଳସୀ ଭୂୟାଁ ଓ ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ ଅନୁଗୋଳ ମେଡିକାଲରେ ପହଞ୍ଚି ଫୋରେନସିକ ଟିମ୍ ମାଧ୍ୟମରେ ତଦନ୍ତ କରିଥିଲେ। ସେଠାରେ ଥିବା ପରିବାରର ଅନ୍ୟ ସଦସ୍ୟଙ୍କୁ ପଚରାଉଚରା କରିଥିଲେ। ଏହାପରେ ମୃତକଙ୍କ ଘରକୁ ଯାଇ ମଧ୍ୟ ତଦନ୍ତ କରିଥିଲେ। ଏ ନେଇ ଅନୁଗୋଳ ଥାନାରେ ୩ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଥିଲା। ହିନ୍ଦୋଳ ଏସ୍‌ଡିପିଓ ନନ୍ଦ କହିଛନ୍ତି, ଘଟଣାକୁ ସମସ୍ତ ଦିଗରୁ ଯାଞ୍ଚ କରାଯାଉଛି। ଅନୁଗୋଳ ଥାନାରେ ମାମଲା ରୁଜୁ ହୋଇଛି। ଡାକ୍ତରୀ ଟିମ୍, କାର୍ଯ୍ୟକାରୀ ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ପ୍ରାଥମିକ ତଦନ୍ତରୁ ସେପରି କୌଣସି ସନ୍ଦେହ କରାଯାଇନାହିଁ। ମୃତକ ଘର ଭିତରେ ବାନ୍ତି କରିଥିବାରୁ ସେଥିରୁ ଖାଦ୍ୟ ନମୁନା ସଂଗ୍ରହ କରାଯାଇ ଫୋରେନସିକ୍ ଲ୍ୟାବକୁ ପଠାଯାଇଛି। ଖାଦ୍ୟ ବିଷାକ୍ତଜନିତ କାରଣରୁ କିମ୍ବା ଶୀତରୁ ରକ୍ଷା ପାଇବା ପାଇଁ ରୁମ୍ ଭିତରେ କୋଇଲା ଆଞ୍ଚ ରଖିଥିବାରୁ ଅଣନିଃଶ୍ୱାସୀ ହୋଇ ଏପରି ଅଘଟଣ ଘଟିଥାଇପାରେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଯାଇ ଯାହା କିଛି କୁହାଯାଇପାରିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ନିବେଶକଙ୍କର ଓଡ଼ିଶା ପ୍ରତି ବିଶ୍ୱାସ ବଢ଼ିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୧୨(ସୁନିତ୍ ମିଶ୍ର)

- ୧୮ ମାସରେ ୨.୧୦ ଲକ୍ଷ କୋଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ
- ହାଇଦ୍ରାବାଦ୍ ରୋଡ୍ ଶୋ' ଦ୍ୱାରା ୬୬,୭୮୧ କୋଟିର ନିବେଶ ସମ୍ଭାବନା ସୃଷ୍ଟି ହୋଇଛି
- ଜାନୁଆରୀ ୨୮ ଓ ୨୯ରେ ରାଉରକେଲାରେ ଏଣ୍ଟରପ୍ରାଇଜ୍ ଓଡ଼ିଶା

ଉତ୍କର୍ଷ ଓଡ଼ିଶା ୨୦୨୫ ପରଠାରୁ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୪,୩୮,୨୨୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହେବା ସହ ଏହାଦ୍ୱାରା ୨, ୫୫, ୮୧୭ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଗତ ୧୮ ମାସରେ ୨.୧୦ ଲକ୍ଷ କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି, ଏହାଦ୍ୱାରା ୧, ୬୩, ୭୨୫ଟି ନିଯୁକ୍ତି ସୁନିଶ୍ଚିତ ହୋଇପାରିଛି। ଏହି ସମୟ ମଧ୍ୟରେ ଓଡ଼ିଶାରେ ଫାର୍ମା, ଟେକ୍ସଟାଇଲ୍ କନ୍‌କ୍ଲେଭ୍ ଆଦି ବିଭିନ୍ନ କ୍ଷେତ୍ରୀୟ ଶିଳ୍ପର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଦିଲ୍ଲୀଠାରେ ଅନୁଷ୍ଠିତ ସେମିକନ୍ କନ୍‌କ୍ଲେଭ୍‌ରେ ଓଡ଼ିଶା ୨ଟି ଏମ୍‌ଓୟୁ କରିଥିଲା। ଉତ୍କର୍ଷ ଓଡ଼ିଶା ୨୦୨୫କୁ ବର୍ଷେ ପୂରଣ ହେବାକୁ ଯାଉଥିବାରୁ ହାଇଦ୍ରାବାଦ ଗସ୍ତର ସଫଳତା ଓଡ଼ିଶାର ଶିଳ୍ପ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସୃଷ୍ଟି କରିଛି। ହାଇଦ୍ରାବାଦ ଗସ୍ତ ସମୟରେ ୧୩ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହେବା ସହିତ ୨୭,୬୫୦ କୋଟି ଟଙ୍କାର ନିବେଶ ସୁଯୋଗ ମିଳିଛି। ଏହାଦ୍ୱାରା ୧୫,୯୦୫ ନିଯୁକ୍ତି ସୃଷ୍ଟି ହେବ। ଏହା ବ୍ୟତୀତ ୯ଟି ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ଫାଇଲିଂ (ଆଇଆଇଏଫ୍) ମଧ୍ୟ ହୋଇଥିଲା। ଏହାଦ୍ୱାରା ୩୯,୧୩୧ କୋଟି ଟଙ୍କାର ଅଧିକ ନିବେଶ ସମ୍ଭାବନା ଏବଂ ୪୦,୪୩୫ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ମୋଟ ଉପରେ ହାଇଦ୍ରାବାଦ ରୋଡ୍‌ଶୋ ଦ୍ୱାରା ୬୬,୭୮୧ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ସୃଷ୍ଟି କରିଛି, ଯାହା ୫୬,୩୪୦ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ



ମୋହନ ଚରଣ ମାଝୀ କହିଛନ୍ତି।

ହାଇଦ୍ରାବାଦଠାରେ ଆୟୋଜିତ ୨ ଦିନିଆ ଓଡ଼ିଶା ନିବେଶକ ସମ୍ମିଳନୀ ଓ ରୋଡ୍ ଶୋ'ରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଲୋକସେବା ଭବନ କନ୍‌ଭେନଶନ୍ ସେଣ୍ଟରଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ନିବେଶକମାନଙ୍କ ଓଡ଼ିଶା ପ୍ରତି ଦୃଢ଼ ବିଶ୍ୱାସ ରହିଛି। ଶିଳ୍ପପତି ଓ ନିବେଶକମାନଙ୍କ ସହିତ ଆଲୋଚନା ପରେ ଏହାର ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ ଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ୭୩ଟି ଉଚ୍ଚସ୍ତରୀୟ ବୈଠକ ଏବଂ ୨ଟି କ୍ଷେତ୍ରୀୟ ରାଉଣ୍ଡଟେବୁଲ ଆଲୋଚନା କରିଥିଲେ। ପ୍ରଥମ ରାଉଣ୍ଡଟେବୁଲ ବୈଠକ ଫାର୍ମାସେକ୍ଟର ଉପରେ ଆଧାରିତ ଥିଲା। ୮ଟି ପ୍ରମୁଖ ଫାର୍ମା କମ୍ପାନୀ ସହିତ ଏହି ଆଲୋଚନା କରାଯାଇଥିଲା। ୨ୟ ରାଉଣ୍ଡଟେବୁଲ ବୈଠକରେ ପ୍ରତିରକ୍ଷା କ୍ଷେତ୍ର ସମ୍ପର୍କିତ ୨୭ଟି କମ୍ପାନୀ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଥିଲା। ଫାର୍ମା ଏବଂ ପ୍ରତିରକ୍ଷା ଏହି ☞ପୃଷ୍ଠା–୨

# ଦକ୍ଷିଣ ଏସିଆ ପିଲାଙ୍କ ବିକାଶରେ ବାଧକ ଜଳବାୟୁ ପରିବର୍ତ୍ତନ

## ୨୦୫୦ ବେଳକୁ ୩ ନିୟୁତ ପିଲା ପ୍ରଭାବିତ ହୋଇପାରନ୍ତି: ଅଧ୍ୟୟନ

ନୂଆଦିଲ୍ଲୀ,୨୨।୧୨(ପି.ଟି.)

ଜଳବାୟୁ ପରିବର୍ତ୍ତନ ଯୋଗୁ ଉତ୍ତାପ ଏବଂ ଆର୍ଦ୍ରତା ବଢୁଥିବାବେଳେ ଏହା ଦକ୍ଷିଣ ଏସୀୟ ପିଲାମାନଙ୍କ ଉପଯୁକ୍ତ ବିକାଶକୁ ପ୍ରଭାବିତ କରୁଛି। ୨୦୫୦ ସୁଦ୍ଧା ଉପଯୁକ୍ତ ବିକଶିତ ହୋଇ ନ ଥିବା ପିଲାଙ୍କ ସଂଖ୍ୟା ୩ ନିୟୁତ ଟପିପାରେ ବୋଲି ଏକ ଅଧ୍ୟୟନରେ ଆକଳନ କରାଯାଇଛି। କାଲିଫର୍ଣ୍ଣିଆର ସାନ୍ତା ବାର୍ବରାସ୍ଥିତ ୟୁଏସ୍ ୟୁନିଭର୍ସିଟିର ଗବେଷକମାନେ ଗର୍ଭାବସ୍ଥାରେ ଅତ୍ୟଧିକ ଉତ୍ତାପ ଏବଂ ଆର୍ଦ୍ର ସ୍ଥିତିର ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ସମ୍ପର୍କରେ ଗବେଷଣା କରିଥିଲେ। ୫ ବର୍ଷରୁ କମ୍ ବୟସବର୍ଗର ପିଲାମାନଙ୍କ ସ୍ୱାସ୍ଥ୍ୟ ସ୍ଥିତିର ସୂଚକାଙ୍କ ଭାବେ ବ୍ୟବହାର କରାଯାଉଥିବା ବୟସ ଅନୁଯାୟୀ ଉଚ୍ଚତା ଅନୁପାତ ଉପରେ ଅନୁଧ୍ୟାନ କରାଯାଇଥିଲା।



ଗର୍ଭବତୀ ମହିଳାଙ୍କ ଓଜନ ବୃଦ୍ଧି ଏବଂ ହରମୋନ୍‌ରେ ପରିବର୍ତ୍ତନ ଯୋଗୁ ଅତ୍ୟଧିକ ଉତ୍ତାପ ସେମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ। ସାଇନ୍ସ ପତ୍ରିକାରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ଉତ୍ତାପଜନିତ ପ୍ରଭାବକୁ ଆର୍ଦ୍ରତା ଅଧିକ ଖରାପ କରିପାରେ। ଏହା ଗର୍ଭବତୀ ମହିଳାଙ୍କୁ ଶାନ୍ତ ହେବାରୁ ରୋକିଥାଏ। ଗର୍ଭବସ୍ଥାର ପ୍ରଥମ ଏବଂ ଶେଷ ଭାଗରେ ଏଭଳି ସ୍ଥିତି ଦେଖାଯାଇଥାଏ। କାରଣ ଗର୍ଭାବସ୍ଥା ଆରମ୍ଭ ସମୟରେ ଭ୍ରୁଣ ଅତ୍ୟନ୍ତ ଦୁର୍ବଳ ଥାଏ ଏବଂ ଶେଷଭାଗରେ ମା'ଙ୍କ ପ୍ରତି ବିପଦ ରହିଥାଏ ବୋଲି ଅଧ୍ୟୟନର ନେତୃତ୍ୱ ନେଇଥିବା କେଟି ମାକ୍‌ମୋହନ କହିଛନ୍ତି। ଗର୍ଭାବସ୍ଥାର ଶେଷ ପର୍ଯ୍ୟାୟରେ କେବଳ ଉତ୍ତାପ ଯୋଗୁ ସ୍ୱାସ୍ଥ୍ୟାବସ୍ଥା ଯେତିକି ପ୍ରଭାବିତ ହୋଇଥାଏ, ଏହା ☞ପୃଷ୍ଠା–୨

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସାଂସ୍କୃତିକା ପକ୍ଷରୁ ବିଶ୍ୱ ଓଡ଼ିଶୀ ଉତ୍ସବ ପାଳନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଚଉଷଠୀ ଯୋଗିନୀ ମହୋତ୍ସବ, ସ୍ଥାନ: ଶକ୍ତିପୀଠ ଚଉଷଠୀ ଯୋଗିନୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**କଟକ**
- ଇମ୍ପା ପକ୍ଷରୁ ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଚୌଦ୍ୱାର, କଳା ପ୍ରକାଶିନୀ କ୍ଲବ, ସମୟ: ସକାଳ ୯ଟା।

**ଖୋର୍ଦ୍ଧା**
- ଶରଧାପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ଆସର ଓ କବିତା ପାଠୋତ୍ସବ, ସ୍ଥାନ: ଗୀତା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଯକ୍ଷ୍ମାରୋଗ ନିୟନ୍ତ୍ରଣ ଫୋରମ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସୟୟ: ମଧ୍ୟାହ୍ନ ୧୨ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଲ୍ଲାହାଟ ୨୪ତମ ବାର୍ଷିକୋତ୍ସବ, ସ୍ଥାନ: ଶିଶୁମନ୍ଦିର ପରିସର, ସମୟ: ଅପରାହ୍ନ ୨ଟା।
- ଭାରତ ସ୍କାଉଟ୍ସ ଓ ଗାଇଡ୍ସର ୨୦ତମ ରାଜ୍ୟସ୍ତରୀୟ ଜାମ୍ବୋରୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ରାଜ୍ୟ ପ୍ରଶିକ୍ଷଣ କେନ୍ଦ୍ର, ବରୁଣେଇ ଶିଳ୍ପାଞ୍ଚଳ, ସମୟ: ଅପରାହ୍ନ ୩ଟା।
- ଖୋର୍ଦ୍ଧା ମହୋତ୍ସବ, ସ୍ଥାନ: ବିଡିଏ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ଆନ୍ତର୍ଜାତୀୟ ଆଲୋଚନା ଚକ୍ର, ସ୍ଥାନ: ପିଜି କାଉନସିଲ ସମ୍ମିଳନୀ କକ୍ଷ, ବ୍ୟାସବିହାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଖ୍ରୀଷ୍ଟମାସ ଉତ୍ସବ, ସ୍ଥାନ: କ୍ୟାଥୋଲିକ୍ ଚର୍ଚ୍ଚ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ, ସ୍ଥାନ: ମଧୁରମେଳା, ସାର୍ଥା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ୧୨୬ ତମ ଜୟନ୍ତୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ନବନିର୍ମାଣ କୃଷକ ସଂଗଠନ ତରଫରୁ ମଣ୍ଡି ଖୋଲିବା ଦାବିରେ ଧାରଣା, ସ୍ଥାନ: ପାଟଣା ତହସିଲ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପାଟଣା ସରସ୍ୱତି ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକ ଉତ୍ସବ, ସ୍ଥାନ: ପାଟଣା ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ଡାକ୍ତରଖାନା ସମ୍ମୁଖରେ ଜେଏମ୍ଏମ୍‌ର ଧାରଣା, ସ୍ଥାନ: ବାରମାଇଲ୍ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ମାତୃଶ୍ରୀ ଆଙ୍ଗ୍ଲୋବେଦିକ ସ୍କୁଲର ବାର୍ଷିକ ଉତ୍ସବ,ସ୍ଥାନ: ହିଲପାଟଣା,ସମୟ: ଅପରାହ୍ନ ୪ଟା ୩୦।

**ଗଞ୍ଜାମ**
- ବିରଞ୍ଚିନାରାୟଣ ପବ୍ଲିକ ସ୍କୁଲ ବାର୍ଷିକ କ୍ରୀଡା, ସ୍ଥାନ: ବୁଗୁଡ଼ା ଆଦିପୁର ଛକ, ସମୟ: ସକାଳ ୮ ଟା।
- ଆସିକା ସରସ୍ୱତୀ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

**କନ୍ଧମାଳ**
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ଅଫିସ ସମ୍ମୁଖରେ କ. ନୂଆଗାଁ, ସମୟ: ପୂର୍ବାହ୍ନ ୧୦ ଟା।
- ଶିକ୍ଷା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସଦଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଢେଙ୍କାନାଳ**
- ସ୍ୱରସ୍ୱତୀ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକ ଉତ୍ସବ, ସ୍ଥାନ: ସୁନ୍ଦରିଖୋଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଊନତ୍ରିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କାମାକ୍ଷାନଗର, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ବାଳଶିବିର, କନ୍ୟାଶିବିର ଓ ଗ୍ରାମଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଅଷ୍ଟଜିଲା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଆଠମଲ୍ଲିକ ପତାକା ଖେଳପଡିଆ, ସମୟ : ଅପରାହ୍ନ ୩ ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍ୟାପନୀ ସମାରୋହ, ସ୍ଥାନ : ଆଠମଲ୍ଲିକ କଲେଜ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- ଏନ୍‌ଏସି ହାଇସ୍କୁଲର ୨୦୦୦ମସିହା ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ପୋର୍ଟ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବଡପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଏମ୍ପାୱାର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ଜିଲା ପ୍ରଶାସନ ପକ୍ଷରୁ ରାଜନୈତିକ ଦଳ ବୈଠକ, ସ୍ଥାନ: ଜିଲାପାଳଙ୍କ ପ୍ରକୋଷ୍ଠ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ଯାଜପୁର ରୋଡ୍ ମଧୁସୁଦନ ନଗର ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।
- ଜିଲା ରେଡକ୍ରସ ବ୍ରାଞ୍ଚ୍‌ର ଏକ୍‌ଜିକ୍ୟୁଟିଭ୍ କମିଟି ବୈଠକ, ଜିଲା କନଫରେନ୍ସ ହଲ, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ୨୭ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡଲାଗି ପର୍ବର ୨୭ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ; ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଜିଲା ମହୋତ୍ସବ ଉପରେ ଜିଲା ପ୍ରଶାସନର ଖବରଦାତା ସମ୍ମିଳନୀ,ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାକକ୍ଷ, ସମୟ:ଅପରାହ୍ନ ୪ଟା।
- ପୌଷ ପୂର୍ଣ୍ଣିମା ସୁନାବେଶର ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ଅପରାହ୍ନ ୫ଟା।

**ରାୟଗଡ଼ା**
- ଚଇତି ଇଡିତାଲ ୨୦୨୫ ପାଇଁ କବିତା ପାଠୋତ୍ସବ, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲିରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ତୋଟାଗୁଡା ଛକ ନିକଟସ୍ଥ ପଡ଼ିଆ, ଚିକିରି, ସମୟ: ପୂର୍ବାହ୍ନ ୧୧ଟା।
- ଉପଖଣ୍ଡ ସ୍ତରୀୟ ଚଇତି ଇଡିତାଲର ଉଦ୍ୟାପନୀ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ଗୁଣପୁର, ସମୟ : ସନ୍ଧ୍ୟା ୫ଟା ୩୦।

**ନବରଙ୍ଗପୁର**
- ସାଂସଦସ୍ତରୀୟ ଖେଳ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ନବରଙ୍ଗପୁର ଷ୍ଟାଡିୟମ୍, ସମୟ: ସକାଳ ୯ଟା।

**କୋରାପୁଟ**
- ଧାନମଣ୍ଡି ଶୁଭାରମ୍ଭ, ସ୍ଥାନ: କାକିରିଗୁମ୍ମା ଲ୍ୟାମ୍ପ, ଲକ୍ଷ୍ମୀପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ବାଂଲାଦେଶ ପୋଡି ଘଟଣାକୁ ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ଦଶମନ୍ତପୁର, ସମୟ: ସନ୍ଧ୍ୟା ୬ଟା।

**ମାଲକାନଗିରି**
- ପିସିସି ସଭାପତିଙ୍କ ନେତୃତ୍ୱରେ କଂଗ୍ରେସ ପ୍ରତିନିଧି ଦଳର ମାଲକାନଗିରି ଗସ୍ତ, ସ୍ଥାନ: ଜିଲା କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୦ଟା
- ଜାତୀୟ କିଶାନ ଦିବସ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ ଟା।

**ସମ୍ବଲପୁର**
- ଡିଭିସ୍ପା ୱାର୍ଲ୍ଡ ସ୍କୁଲର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ତାଳବସ୍ଥିତ ଭାଲୁକୁଣ୍ଡା, ସମୟ: ସକାଳ ୮ଟା।
- ରେଙ୍ଗାଲି ମହୋତ୍ସବ-୨୦୨୬ ସକାଶେ ଆଲୋଚନାଚକ୍ର, ସ୍ଥାନ : ଲଇଡାସ୍ଥିତ ଦୁତିକା ସାହୁ ମହାବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ବନ୍ଦନା ଆର୍ଟ ଆୟୋଜିତ ଦୁର୍ଗା-୩ ଚିତ୍ରକଳା ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଅମୃତ ବିହାର ପରିସରସ୍ଥ ଜିଏମ୍‌ୟୁ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟା।
- ଚାଷୀ ସମସ୍ୟା ନେଇ ଆମ ଆଦମୀ ପାର୍ଟିର ସ୍ମାରକ ପତ୍ର କାର୍ଯ୍ୟକ୍ରମ, ସ୍ଥାନ : ଜିଲାପାଳ ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୧ଟା।
- ଜାତୀୟ ସମ୍ବଲପୁରୀ ସମ୍ମେଳନ-୨୦୨୫ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୧ଟା।
- ଦୟାନନ୍ଦ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ ମାଇଲଷ୍ଟୋନସ-୨୦୨୫, ସ୍ଥାନ : ପଡିଆବାହାଲସ୍ଥିତ ସ୍କୁଲ ପରିସର, ସମୟ : ଅପରାହ୍ନ ୪ଟା।

**ବଲାଙ୍ଗୀର**
- ପ୍ରସିଦ୍ଧ ଶୁଳିଆ ଯାତ୍ରା, ସ୍ଥାନ: ବଡ଼ଖଳା, ଖଇରଗୁଡ଼ା, ବଲାଙ୍ଗୀର, ସମୟ: ସକାଳ ୬ଟା।
- ରାଜ୍ୟସ୍ତରୀୟ ଫେନସିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ବଲାଙ୍ଗୀରସ୍ଥିତ ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୭ଟା।
- ଜିଲାର ଧାନମଣ୍ଡି ଅବ୍ୟବସ୍ଥା ପ୍ରତିବାଦରେ ଜିଲା କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ ସମାବେଶ, ସ୍ଥାନ: ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଆଗଲପୁର ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଡୁଡୁକା ବ୍ଲକ ସଭାଗୃହ, ସମୟ ପୂର୍ବାହ୍ନ ୧୦ଟା ୩୦।
- ବଲାଙ୍ଗୀର ଲୋକଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ବଲାଙ୍ଗୀର ଡିଏଫ୍‌ଓ ଅଫିସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।

**ରାଉରକେଲା**
- ମ୍ୟୁନିସିପାଲ କଲେଜରେ ଅଧ୍ୟାପନା ବିକାଶର ଉଦ୍‌ଯାପନୀ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଆଇଟିଆଇ କଲେଜର ବାର୍ଷିକ ମହୋତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସରକାରୀ ଆଇଟିଆଇ କଲେଜ ପରିସର, ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ୱିଣ୍ଟର କ୍ରିକେଟ୍ ମ୍ୟାଚ, ସ୍ଥାନ: ଡିଏଭି ଖେଳପଡ଼ିଆ, ବାସନ୍ତୀ କଲୋନୀ ସମୟ: ପୂର୍ବାହ୍ନ ୧୧ଟା।
- ସରକାରୀ ଆଇଟିଆଇର ବାର୍ଷିକ ଉତ୍ସବ ଉଦ୍‌ଯାପିତ, ସ୍ଥାନ: ଶିଳ୍ପାଞ୍ଚଳ, ରାଉରକେଲା ସମୟ: ଅପରାହ୍ନ ୩ଟା।
- ଜେପି ହସ୍ପିଟାଲର ସମର୍ପଣ ଉତ୍ସବ, ସ୍ଥାନ: ଜେପି ହସ୍ପିଟାଲ ପରିସର, ଦାଣ୍ଡିଆପାଲି ସମୟ: ଅପରାହ୍ନ ୪ଟା।
- ଦିଲ୍ଲୀ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୧୪, ବିଦ୍ୟାଳୟ ପରିସର ସମୟ: ସନ୍ଧ୍ୟା ୫ଟା।
- ଶୀତ ସାହିତ୍ୟର ସ୍ୱର ହିମ ଦରବାର କାର୍ଯ୍ୟକ୍ରମ, ସ୍ଥାନ: ଧାମରା ସଂଘ, ଛେଣ୍ଡ,ସମୟ: ଅପରାହ୍ନ ୫ଟା।

**ବରଗଡ଼**
- ଶଶିଭୂଷଣ ମିଶ୍ର ଶର୍ମାଙ୍କ ପୁସ୍ତକ ଭଞ୍ଜ ନନ୍ଦିନୀ ଉନ୍ମୋଚନ ସମାରୋହ, ସ୍ଥାନ:ଜର୍ଜ ହାଇସ୍କୁଲ, ବରଗଡ଼,ସମୟ:ସନ୍ଧ୍ୟା ୫ଟା।

**କଳାହାଣ୍ଡି**
- ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଭାଗୀରଥି ଇନ, ସମୟ: ଅପରାହ୍ନ ୪ଟା।
- ଧାନ ସଂଗ୍ରହ ଅବ୍ୟବସ୍ଥା ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଉପ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମାରକୀ ଜାତୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।

**ବୌଦ୍ଧ**
- ପଞ୍ଚାୟତସ୍ତରୀୟ ପ୍ରଥମ ଲୋକକଳା ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ବାରିଙ୍ଗ ଖେଳ ପଡିଆ, ହରଭଙ୍ଗା ବ୍ଲକ, ସମୟ: ସକାଳ ୮ଟା।
- ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ମହାନଦୀ ଉତ୍ସବ-୨୦୨୫, ସ୍ଥାନ: ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ, ସମୟ: ଅପରାହ୍ନ ୩ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ସୁଲିଆ ଯାତ୍ରା, ସ୍ଥାନ: ଡୁଙ୍ଗୁରିପାଲି-ରାମପୁର ରୋଡ଼ସ୍ଥିତ ସୁଲିଆ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ସପ୍ତମ ରଜନୀ, ସ୍ଥାନ: କୋମନା ବ୍ଲକ ତରବୋଡ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଥମ ଜୋନସ୍ତରୀୟ ୟୁନିଟ କପ୍ କ୍ରିକେଟ ନବମ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ପିସିଙ୍କ ଦେଶୀ ଠୁମ୍‌କା


ପ୍ରିୟଙ୍କା ଚୋପ୍ରା

**ମୁମ୍ବାଇ:** ବଲିଉଡ୍ ପରେ ଆଜିକାଲି ହଲିଉଡ୍‌ରେ ରାଜ୍ କରୁଛନ୍ତି ପିସି ଓରଫ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା। ହଲିଉଡ୍‌ରେ ସେ ଯେତେ ପ୍ରୋଜେକ୍ଟ କାମ କରନ୍ତୁ ନା କାହିଁକି ସେ ବଲିଉଡ୍‌କୁ ଆଦୌ ଭୁଲି ନାହାନ୍ତି। ସୁଯୋଗ ମିଳିଲେ ସେ ବଲିଉଡ୍ ଗୀତରେ ଝୁମନ୍ତି। କେବଳ ଏତିକି ନୁହେଁ, ସ୍ୱାମୀ ତଥା ହଲିଉଡ ଗାୟକ ନିକ ଜୋନାସ ଏବଂ ତାଙ୍କ ଭାଇମାନଙ୍କୁ ବଲିଉଡ୍ ଗୀତରେ ନାଚିବାକୁ ବାଧ କରାନ୍ତି। ନିକଟରେ ନିକ ତାଙ୍କ କନସର୍ଟ ପୂର୍ବରୁ ହ୍ରିତିକ ରୋଶନ ଏବଂ କିୟାରା ଆଡଭାନୀଙ୍କ 'ଆୱାନ ଜୱାନ' ଗୀତରେ ଝୁମୁଥିବାର ଦେଖାଯାଇଥିଲା। ପ୍ରିୟଙ୍କା ମଧ୍ୟ ନିକ ଏବଂ ତାଙ୍କ ଭାଇମାନଙ୍କ ସହିତ ଏକ ବଲିଉଡ ଗୀତରେ ନାଚୁଥିବାର ଦେଖାଯାଇଛି। ନିକ ଇନଷ୍ଟାଗ୍ରାମରେ ଏହାର ଏକ ଭିଡିଓ ଶେୟାର କରିଛନ୍ତି। ସୋସିଆଲ ମିଡିଆରେ ଶେୟାର ହୋଇଥିବା ଏହି ଭିଡିଓରେ, ସମଗ୍ର ପରିବାର 'କୁର୍ବାନି' ଫିଲ୍ମର ସୁପରହିଟ ଗୀତ 'ଆପ ଜୈସା କୋଇ'ର ତାଳେ ତାଳେ ନାଚୁଥିବାର ଦେଖାଯାଇଥିଲା। ଏହା ଦେଖି ତାଙ୍କ ପ୍ରଶଂସକମାମାନେ ମଧ୍ୟ ବେଶ୍ ଖୁସି ଅଛନ୍ତି। ଏହି ଭିଡିଓ କୌଣସି ପ୍ରମୁଖ କାର୍ଯ୍ୟକ୍ରମ କିମ୍ବା ଶୁଟିଂର ନୁହେଁ, ବରଂ କନସର୍ଟ ପୂର୍ବରୁ ଏକ ମଜାଦାର ମୁହୂର୍ତ୍ତ ଥିଲା। ନିକ ଜୋନାସ ଏହାକୁ ତାଙ୍କର 'ପ୍ରି-ଶୋ ଏନର୍ଜି ଗୀତ' ଭାବରେ ବର୍ଣ୍ଣନା କରିଛନ୍ତି। ଜୋନାସ ବ୍ରଦର୍ସ ପୂର୍ବରୁ ଅନେକ ଥର ବଲିଉଡ ସଙ୍ଗୀତ ଉପରେ ଆଧାରିତ ରିଲ ତିଆରି କରିଛନ୍ତି। ନିକଟରେ ସେମାନେ ରଣବୀର ସିଂହଙ୍କ ଫିଲ୍ମ 'ଧୂରନ୍ଧର'ର 'ଶରାରତ' ଗୀତରେ ନାଚିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ରାଶ୍ୟାଧିପତି ଓ ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ଭଲ ରହିବ। ଯାନବାହନ ଚଳାଚଳ, ଆଲୋଚନା କ୍ଷେତ୍ରରେ, ମାତୃବର୍ଗରେ, ଜମିଜମା, ଦୋକାନବାଡ଼ି, ହୋଟେଲ ଆଦି ବ୍ୟବସାୟିକ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ଅଫିସରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ସମ୍ମାନ ଅକ୍ଷୁଣ୍ଣ ରହିବ।

**ବୃଷ** ଧନାଧିପତି ଦୁଃସ୍ଥାନସ୍ଥ ଯୋଗୁ ଧାରକରଜ କରିବାକୁ ପଡ଼ିପାରେ। ପରିବାର ମଧ୍ୟରେ ନିଜର ପ୍ରାଧାନ୍ୟ ଜାହିରକଲେ ଭଲ ବଦଳରେ ତାହା ମନ୍ଦରେ ପରିଣତ ହେବ। ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ବିବ୍ରତ ହେବେ। ଲେଖାପଢ଼ାରେ, ସଭାସମିତିରେ ଧୀରମନ୍ଥର ଗତିରେ କାମ କରିବା ଭଲହେବ।

**ମିଥୁନ** ଅଷ୍ଟମଚନ୍ଦ୍ର ହେତୁ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟଧରି ରଖିପାରିଲେ ପାରିବାରିକ ଜୀବନ ଶୃଙ୍ଖଳିତ ହୋଇପାରିବ। କୌଣସି କାମ ଆରମ୍ଭକରି ଆତ୍ମତୃପ୍ତି ଲାଭ କରିପାରନ୍ତି। ସମସ୍ୟା ସମ୍ପର୍କରେ ସମାଧାନର ଦାୟିତ୍ୱ ନେବା ପାଇଁ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଅତିଥି ଚର୍ଚ୍ଚାକୁ ନେଇ ପରିବାର ସହ ରହିବା ମୁସ୍କିଲ ହୋଇପାରେ।

**କର୍କଟ** ରାଶିକୁ ରାଶ୍ୟାଧିପତି ଅବଲୋକନ କରୁଥିବାରୁ ସ୍ୱାସ୍ଥ୍ୟସମସ୍ୟା ସୁଧୁରିଯିବା ଆଶା କରାଯାଇପାରେ। ସରଳବିଶ୍ୱାସ ଯୋଗୁ କର୍ମକ୍ଷେତ୍ରରେ ନିଜ ଲୋକ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ମୂଲ୍ୟବାନ୍ ଜିନିଷ କିଣାବିକାକୁ ନେଇ ଟଣାଓଟରା ଦେଖାଦେବ। ପାରିବାରିକ ସ୍ଥିତି, ବ୍ୟବସାୟ କ୍ଷେତ୍ରରେ ଉନ୍ନତ ଫଳ ପାଇବେ।

**ସିଂହ** ଆପଣ ଅନ୍ୟମାନଙ୍କ ଟେକାଟେକି କଥାରେ ଉତ୍‌ଫୁଲ୍ଲିତ ହୋଇ କାମକଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ବୃଥା ସନ୍ଦେହ କାରଣରୁ ନିଜଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି। ଆଜି ଦିନଟିରେ ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବନାହିଁ। ଆର୍ଥିକ ସ୍ଥିତି ସୁଧୁରିଯିବା ଆଶାକରି କେତେକାଂଶରେ ଖୁସି ହେବେ।

**କନ୍ୟା** ସବୁ ସୁବିଧା ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଭୁଲ୍ ନିଷ୍ପତ୍ତି ହିଁ ସମସ୍ୟାକୁ ବଢ଼ାଇ ଦେଇପାରେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ଆପଣ ପାଟି ଖୋଲିଲେ ସହାୟତା କରିବେ। ପାରିପାର୍ଶ୍ୱିକ ଓ ପାରିବାରିକ ପରିସ୍ଥିତି ଭଲ ରହିବ। ଅଦାଲତ, ପ୍ରକାଶନ ଓ ପ୍ରଶାସନ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଆର୍ଥିକ ଅନଟନ, ଶାରୀରିକ ପୀଡ଼ାଜନିତ ମନ ବିରସ ରହିପାରେ, କିନ୍ତୁ କୌଣସି କାମ ଅଟକିବ ନାହିଁ। ଗୃହ ସମସ୍ୟା ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଗାଡ଼ିର ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ବିଛା** କର୍ମକ୍ଷେତ୍ରରେ କେତୁଗ୍ରହ ଅବସ୍ଥାନ କରିଥିବାରୁ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ଅନ୍ୟମନସ୍କତାରୁ ଦ୍ରବ୍ୟନଷ୍ଟଜନିତ କଳହ ଘଟିପାରେ। ସେବା ଓ ପରୋପକାର କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ପ୍ରଶଂସିତ ହୋଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି ଓ ରଚନାତ୍ମକ କାମରେ ସମସ୍ୟା ଦୂରହୋଇଯିବ।

**ଧନୁ** କର୍ମାଧିପ ଦ୍ୱାଦଶ ଭାବରେ ରହିଥିବାରୁ କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତି। କିନ୍ତୁ କୌଣସି କାମ ଅଟକି ରହିବନାହିଁ। ପରିବାରର ଆବଶ୍ୟକତା ପୂରଣକରିବା ପାଇଁ ଧାରକରଜ କରିବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଗତାନୁଗତିକ ରୀତିରେ ଗଡ଼ିଚାଲିବ।

**ମକର** ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ଶୁଭେଚ୍ଛୁମାନଙ୍କ ସାନ୍ନିଧ୍ୟ ଲାଭକରି ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ହିତୈଷୀ ବନ୍ଧୁଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ଲାଭଭାବରେ ମଙ୍ଗଳ ରହିଥିବାରୁ ଆଜି ଦିନଟିରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ବୁଧଙ୍କ ଶୁଭ ପ୍ରଭାବରୁ ଚିନ୍ତା କରିଥିବା କର୍ମାରମ୍ଭ କରିପାରନ୍ତି। ସାମାଜିକ ସ୍ତରରେ ପରୋକ୍ଷଶତ୍ରୁତା ଜନିତ ସମାଲୋଚନା ମନକୁ ଆନ୍ଦୋଳିତ କରିପାରେ। ଆଜି ଦିନଟିରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବାର ସୂଚନା ରହିଛି।

**ମୀନ** କର୍ମକ୍ଷେତ୍ରରେ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବା ଫଳରେ କାମ ପ୍ରତି ସ୍ପୃହା ରହିବ ନାହିଁ। ଆର୍ଥିକ ଦୁରବସ୍ଥା ସୁଧାରିବା ଦିଗରେ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ପରିଜନଙ୍କ ସହ ଦୂରଯାତ୍ରା ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ଯାତ୍ରା ସ୍ଥଗିତ ରହିଯିବା ଆଶଙ୍କା ରହିଛି।

ଆଜି ଡିସେମ୍ବର ୨୩ ତାରିଖ, ପୌଷ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର-ଶ୍ରବଣା/ମକର, ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୧ ଗତେ ଘ.୦୭।୦୪ ମଧ୍ୟେ, ଘ.୦୯।୦୩ ଗତେ ଘ.୧୧।୨୪ ମଧ୍ୟେ ଶୁଭ ଶୁଭବେଳା। ଅପରାହ୍ନ ଘ.୦୨।୨୭ ଗତେ ଘ.୦୩।୪୮ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉପରୋଧ କଲି କୁକୁରକୁ
କୁକୁର ମୁତିଲା ଉପରକୁ।**

ଯିଏ ଯାହାକୁ ପାଳିପୋଷି ମଣିଷ କରିଥାଏ ତା' ପ୍ରତି ମନରେ ଏକପ୍ରକାର ଦରଦ ଭାବ ରହିଥାଏ। ଏଭଳି ସ୍ଥଳେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ। ପାଳିପୋଷି ମଣିଷ କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଘ୍ନତା ପ୍ରକାଶ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉପରେ ଚିତ୍ର ପଟପଟ,
ଭିତରେ ପାପ ଭଟଭଟ।**

କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କ ଭିତରର ସ୍ୱରୂପ ବାହାରକୁ ଆଦୌ ଜଣାପଡ଼ି ନ ଥାଏ। ଆଜିର ଯୁଗରେ ମଣିଷର ସ୍ୱଭାବକୁ ଚିହ୍ନିବା ନିହାତି କଷ୍ଟକର ହୋଇଥିବାବେଳେ ପ୍ରକୃତରେ କିଏ ଭଲ ଓ କିଏ ଭେଲ, ତାହା ମଧ୍ୟ ସହଜରେ ଜାଣିହୋଇ ନ ଥାଏ। ଉପରକୁ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ପ୍ରଦର୍ଶନ କରୁଥିବା ବ୍ୟକ୍ତି ଭିତରେ କପଟାଚରଣ ବା ମନ୍ଦ ଆଚରଣ କରୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ


ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

### ୨୪ରେ ରାଜ୍ୟ...

'ସୁଭଦ୍ରା' ଯୋଜନା କାର୍ଯ୍ୟକାରୀ କରିଥିବାବେଳେ କୃଷକଙ୍କ ଲାଗି ଇନ୍‌ପୁଟ ସବ୍‌ସିଡି ଏବଂ ୮୦ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା/ବୃଦ୍ଧଙ୍କୁ ୩,୫୦୦ଟଙ୍କା ଭତ୍ତା ଭଳି ଯୋଜନା କାର୍ଯ୍ୟକାରୀ କରାଯାଇଛି। ତେବେ ୨୪ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟରେ ସରକାର ରାଜ୍ୟବାସୀଙ୍କ ବିକାଶକୁ ଦୃଷ୍ଟିରେ ରଖି କେଉଁଭଳି ପ୍ରସ୍ତାବକୁ ଅନୁମୋଦନ କରାଯାଉଛି, ତାହା ଦେଖିବାକୁ ରହିଛି।

### ବଡ଼ଦିନରୁ ବଢ଼ିବ...

କୋରାପୁଟରେ ସର୍ବାଧିକ ଥଣ୍ଡା ଅନୁଭୂତ ହୋଇଥିଲା। ଏଠାରେ ସର୍ବନିମ୍ନ ତାପମାତ୍ରା ୫.୫ ଡିଗ୍ରୀ ରହିଥିଲା। ଏହା ସ୍ୱାଭାବିକ ତାପମାତ୍ରାଠାରୁ ୭.୨ ଡିଗ୍ରୀ କମ୍ ରହିଥିଲା। ସେହିପରି ଜି.ଉଦୟଗିରିରେ ୬.୮ ଡିଗ୍ରୀ, ଦାରିଙ୍ଗବାଡି ୭, ସେମିଳିଗୁଡା ଓ ଫୁଲବାଣୀରେ ୮, ନବରଙ୍ଗପୁର ୮.୫, ବୌଦ୍ଧ ୯.୨, ଟିପିଲିମା ଓ ରାଉରକେଲାରେ ୯.୯ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଏଥିସହ ଭୁବନେଶ୍ୱରରେ ୧୩.୬ ଡିଗ୍ରୀ ଏବଂ କଟକରେ ୧୨.୪ ଡିଗ୍ରୀ ତାପମାତ୍ରା ରହିଛି। ଏଥିସହ ସୋମବାର ରାଉରକେଲା, ବଲାଙ୍ଗୀର, ସୋନପୁର, ଝାରସୁଗୁଡା ଓ ଫୁଲବାଣୀରେ ଘନ କୁହୁଡି ଏବଂ ଭବାନୀପାଟଣା, କୋରାପୁଟ, ବାରିପଦା, ପାରାଦୀପ, କେନ୍ଦୁଝର, ସମ୍ବଲପୁର ଓ ହୀରାକୁଦରେ ମଧ୍ୟମରୁ ସାମାନ୍ୟ କୁହୁଡି ପରିଲକ୍ଷିତ ହୋଇଥିଲା।

### କାର୍ ତଳେ...

ପୂର୍ବରୁ ଚେଚେନ୍ୟାରେ ଯୁଦ୍ଧ ଲଢ଼ିବା ସହ ସିରିଆ ବିରୋଧରେ ମସ୍କୋ ସାମରିକ ଅଭିଯାନରେ ଭାଗ ନେଇଥିଲେ। ଠିକ୍ ବର୍ଷକ ପୂର୍ବରୁ ୨୦୨୪ ଡିସେମ୍ବର ୧୭ରେ ରୁଷିଆ ସେନା ଆଣବିକ, ଜୈବିକ ଏବଂ ରାସାୟନିକ ସୁରକ୍ଷା ବଳର ନେତୃତ୍ୱ ନେଉଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ଇଗୋର କିରିଲୋଭ୍ ବୋମା ବିସ୍ଫୋରଣରେ ନିହତ ହୋଇଥିଲେ। ତାଙ୍କ ଆପାର୍ଟମେଣ୍ଟ ବିଲ୍ଡିଂ ବାହାରେ ଏକ ଇଲେକ୍ଟ୍ରିକ୍ ସ୍କୁଟରରେ ଉକ୍ତ ବୋମାକୁ ଲୁଚାଇ ରଖାଯାଇଥିଲା। ଏଥିରେ କିରିଲୋଭ୍‌ଙ୍କ ସମେତ ତାଙ୍କ ସହକାରୀ ମଧ୍ୟ ନିହତ ହୋଇଥିଲେ। ଆକ୍ରମଣ ପାଇଁ ୟୁକ୍ରେନ୍ ସିକ୍ୟୁରିଟି ସର୍ଭିସ୍ ନିଜକୁ ଦାୟୀ କରିଥିଲା। ଉକ୍ତ ସଂସ୍ଥା ତରଫରୁ ଉଜ୍‌ବେକର ଜଣେ ବ୍ୟକ୍ତିଙ୍କୁ ହତ୍ୟା ମାମଲାରେ ଗିରଫ କରାଯାଇଥିଲା।

### ନିବେଶକଙ୍କର ଓଡ଼ିଶା...

୨ଟି କ୍ଷେତ୍ର ବର୍ତ୍ତମାନ ଓଡ଼ିଶାରେ ନଗଣ୍ୟ। ୩୮ ଶିଳ୍ପପତିଙ୍କ ସହିତ ବ୍ୟକ୍ତିଗତ ଆଲୋଚନା କରିଛନ୍ତି। ଔଷଧ ଏବଂ ଚିକିତ୍ସା ଉପକରଣ, ପ୍ରତିରକ୍ଷା ଉତ୍ପାଦନ, ନବୀକରଣୀୟ ଶକ୍ତି ଉପକରଣ, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ଡାଟା ସେଣ୍ଟର, ବୟନ ଓ ବୈଷୟିକ ବୟନ ଏବଂ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକରେ ନିବେଶ ସୁଯୋଗ ବିଷୟରେ ଆଲୋଚନା କରାଯାଇଛି। ରୋଡ୍ ଶୋ'ରେ ୫୦୦ରୁ ଅଧିକ ଶିଳ୍ପପତି, ବ୍ୟବସାୟିକ ସଙ୍ଗଠନ ଏବଂ ଆନୁଷ୍ଠାନିକ ଅଂଶୀଦାରମାନେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ପାଇଁ ସରକାରଙ୍କ ଦୃଷ୍ଟିକୋଣ ଏବଂ ଉତ୍ପାଦନ ଓ ସେବା କ୍ଷେତ୍ରର ବିକାଶ ପାଇଁ ରୋଡମ୍ୟାପ୍ ଉପସ୍ଥାପନ କରାଯାଇଥିଲା। ଆଗାମୀ ଦିନରେ ଶିଳ୍ପାୟନ ପାଇଁ ଆମର ରୋଡ୍ ମ୍ୟାପରେ ଏକ ନୂଆ ମାଇଲ୍ ଷ୍ଟୋନ୍ ସ୍ଥାପନ ହେବାକୁ ଯାଉଛି। ଆସନ୍ତା ଜାନୁଆରୀ ୨୮ ଓ ୨୯ରେ ରାଉରକେଲାରେ ଏଣ୍ଟରପ୍ରାଇଜ୍ ଓଡ଼ିଶା ଅନୁଷ୍ଠିତ ହେବ। ଏହା ସହିତ କୋଲକାତାରେ ମଧ୍ୟ ଏକ ଶିଳ୍ପ କନ୍‌କ୍ଲେଭ ହେବାର ଯୋଜନା ରହିଛି। ଓଡ଼ିଶାରେ ନିବେଶକୁ ସହଜ ଓ ସରଳ କରିବା ପାଇଁ ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଆଇନରେ ପ୍ରାୟ ୨୩ଟି ସଂଶୋଧନ କରାଯାଉଛି। ଆସନ୍ତା ୩ ମାସ ଭିତରେ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ହେଉଛି ଯେଉଁସବୁ ପ୍ରସ୍ତାବ ଆସିଛି ତା'କୁ ଯେପରି ବାସ୍ତବରେ ପରିଣତ କରାଯାଇ ପ୍ରକଳ୍ପଗୁଡ଼ିକୁ ଗ୍ରାଉଣ୍ଡିଙ୍ଗ କରାଯିବ। ପ୍ରକଳ୍ପଗୁଡ଼ିକ କ୍ଷିପ୍ରଗତିରେ କାର୍ଯ୍ୟକାରୀ ହେଲେ ନିବେଶକମାନଙ୍କ ଭରସା ଆହୁରି ବୃଦ୍ଧି ପାଇବ। ସେ ଏବଂ ବରିଷ୍ଠ ଅଧିକାରୀମାନେ ହାଇଦ୍ରାବାଦରେ ଥିବା ପ୍ରତିରକ୍ଷା ଯନ୍ତ୍ରାଂଶ ନିର୍ମାଣ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଭାରତ ଡାଇନାମିକ୍ସ ଲିମିଟେଡ୍ (ବିଡିଏଲ୍) ଗସ୍ତ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପ୍ରଦୀପ ବଳସାମନ୍ତ, ନିତ୍ୟାନନ୍ଦ ଗଣ୍ଡ, ଗୋକୁଳାନନ୍ଦ ମଲିକଙ୍କ ସମେତ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଦକ୍ଷିଣ ଏସିଆ ପିଲାଙ୍କ...

ସହ ଆର୍ଦ୍ରତା ମିଶିଲେ, ପ୍ରଭାବ ୪ ଗୁଣ ବଢ଼ିଯାଇଥାଏ ବୋଲି ୟୁନିଭର୍ସିଟିର ଅନ୍ୟ ଜଣେ ପ୍ରଫେସର କହିଛନ୍ତି। ଉତ୍ତାପ ବୃଦ୍ଧି ଯୋଗୁ ଜନ୍ମ ହେବାକୁ ଥିବା ପିଲାଙ୍କ ସଂଖ୍ୟା ଉପରେ ପ୍ରଭାବ ପଡ଼ିଥାଏ। ବିଶେଷ କରି ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ହେଲେ ପ୍ରଭାବ ୩ ମାସ ପର୍ଯ୍ୟନ୍ତ ରହିଥାଏ। ଉତ୍ତାପ-ଆର୍ଦ୍ର ସ୍ଥିତି ମୋଟାମୋଟି ଭାବେ ଗର୍ଭଧାରଣ ହାରକୁ ହ୍ରାସ କରିପାରେ ଏବଂ ସମୟ ପୂର୍ବରୁ ଗର୍ଭପାତ କିମ୍ବା ଉଭୟ ହୋଇପାରେ ବୋଲି ଗବେଷକ କହିଛନ୍ତି। ଉତ୍ତାପ ଓ ଆର୍ଦ୍ର ସ୍ଥିତି ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟା ପାଇଁ ବିପଦ। ସବୁଠୁ ଜନବହୁଳ ଦକ୍ଷିଣ ଏସିଆରେ ଏଭଳି ସ୍ଥିତି ଅଧିକ ଖରାପ ହୋଇପାରେ। ଏଭଳି ଜଳବାୟୁ ଯୋଗୁ ୨୦୫୦ ସୁଦ୍ଧା ଦକ୍ଷିଣ ଏସିଆରେ ୩ ନିୟୁତରୁ ଅଧିକ ଶିଶୁଙ୍କ ବିକାଶ ପ୍ରଭାବିତ ହେବାର ସମ୍ଭାବନା ଥିବା ଗବେଷକମାନେ କହିଛନ୍ତି।



ହାଇଦ୍ରାବାଦ୍ ଗସ୍ତରୁ ଫେରିବା ପରେ ସୋମବାର ଭୁବନେଶ୍ୱର ବିମାନବନ୍ଦରଠାରେ ମନ୍ତ୍ରୀ, ବିଧାୟକ, ଭାଜପା ଦଳର ନେତା ଓ କର୍ମୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ବାରିପଦାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗଛକଟା ଘଟଣା

# ଏନ୍‌ଜିଟିରେ ରୁଜୁ ହେଲା ମାମଲା

ବାରିପଦା,୨୨।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପାଲବଣିଠାରେ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗଛକଟାକୁ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ପରିବେଶବିତ୍ ପ୍ରମୋଦ କୁମାର ହେମ୍ବ୍ରମଙ୍କ ଅଭିଯୋଗ ଅନୁଯାୟୀ କୋଲକତାସ୍ଥିତ ଇଷ୍ଟର୍ଣ୍ଣ ଜୋନ ବେଞ୍ଚରେ ନଂ. ୨୧୩/ଇଜେଡ୍/୨୦୨୫ରେ ମାମଲାର ଶୁଣାଣି ମଙ୍ଗଳବାର ହେବ। ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତିକରି ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗି ଓ ଏକ୍ସପର୍ଟ ମେମ୍ବର ଇଶ୍ୱର ସିଂ ମାମଲାର ଶୁଣାଣି କରିବେ। ଏହି ମାମଲାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ସରକାରଙ୍କ ଜୈବ ବିବିଧତା ସଦସ୍ୟ ସଚିବ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ମାମଲାକୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ବାରିପଦା ପାଲବଣିଠାରେ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ୫ଏକର ଜମି ଚିହ୍ନଟ କରାଯାଇ ବନ ବିଭାଗର ଅନୁମତି କ୍ରମେ ଗଛକଟା ଆରମ୍ଭ ହୋଇଛି। ରିପୋର୍ଟରେ ୧୭୮୯ ଗଛ ଦର୍ଶାଯାଇଥିବା ବେଳେ ପାଖାପାଖି ୫ହଜାର ଗଛ କଟା ଶେଷ ହୋଇଛି। ଏହାକୁ ନେଇ ପ୍ରଥମେ ଭଞ୍ଜସେନା ପକ୍ଷରୁ ପ୍ରତିବାଦ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଆଇନଜୀବୀ ଆକାଶ ଶର୍ମା ପ୍ରତିବାଦ ସ୍ୱରୂପ ଉଚ୍ଚ ନ୍ୟାୟାଳୟରେ ଲେଟର ପିଟିସନ ଦାୟର କରିଥିଲେ।

# ବିନା ପଲ୍ଲିସଭାରେ ନଦୀରେ ଚେକ୍‌ଡ୍ୟାମ୍, ପାଇପ୍ ଲାଇନ ପାଇଁ ସର୍ଭେ କରୁଛି ଆଦିତ୍ୟ ଆଲୁମିନା



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

## ୨ ପଞ୍ଚାୟତର ଗ୍ରାମବାସୀଙ୍କ ବିରୋଧ

ରାୟଗଡ଼ା,୨୨।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଂସାରିଗୁଡ଼ାସ୍ଥିତ ଆଦିତ୍ୟ ଆଲୁମିନା କମ୍ପାନୀ ପଲ୍ଲିସଭା ନ କରି କୁଟିଂଗୁଡ଼ା ଗ୍ରାମ ନିକଟସ୍ଥ ନଦୀରେ ଚେକ୍‌ଡ୍ୟାମ୍ ନିର୍ମାଣ ସହ କମ୍ପାନୀକୁ ପାଇପଲାଇନ ବିଛାଇବା ପାଇଁ ସର୍ଭେ କରୁଥିବା ଜଣାପଡ଼ିଛି। ଏହାକୁ କୋରାପୁଟ ଜିଲା ପିପଲପଦର ପଞ୍ଚାୟତ ଓ ରାୟଗଡ଼ା ଜିଲା ଶଙ୍କରଡ଼ା ପଞ୍ଚାୟତବାସୀ ବିରୋଧ କରିଛନ୍ତି। ବିନା ପଲ୍ଲିସଭାରେ କମ୍ପାନୀ କାମ କରୁଛି ଏବଂ ପ୍ରତିବାଦ କଲେ ପୋଲିସ ଲଗାଇ ଡରାଉଛି ବୋଲି ୨ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ତେଣୁ ନ୍ୟାୟ ଦାବିରେ ଅଞ୍ଚଳବାସୀ ସୋମବାର ରାୟଗଡା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ ନାଏକ ଅଭିଯୋଗପତ୍ର ଗ୍ରହଣ କରିବା ସହ ଏ ନେଇ ଜିଲାପାଳଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, କମ୍ପାନୀ ନଦୀରେ ଚେକ୍‌ଡ୍ୟାମ୍ ନିର୍ମାଣ ଓ ପାଇପଲାଇନ ବିଛାଇଲେ କୋରାପୁଟ ଜିଲା ପିପଲପଦର ଗ୍ରାମର କୁଟିଂଗୁଡ଼ା, ଶିଆଳିମାଲ, ବାରିଗାଁ, ପିପଲପଦର, ବାଗମାରି, କେନ୍ଦୁପାଇ ସମେତ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ର ଶଙ୍କରଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ କାରାଜୋଲା, ଡୟାପୁଟ, ଖଡ଼ିକାଯୋଡ଼ି, କଂସାରିଗୁଡ଼ା, ପୁଞ୍ଜିଗୁମା, ଶଙ୍କରଡ଼ା, ବାହାର କୁଟୁମି ଗ୍ରାମବାସୀ ପ୍ରଭାବିତ ହେବା ସହିତ ଚାଷ ଜମି ନଷ୍ଟହେବ। କମ୍ପାନୀ ବିନା ପଲ୍ଲିସଭାରେ ସର୍ଭେ କାମ ଚଳାଇଛି ଏବଂ ପୋଲିସ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସୁରକ୍ଷା ଯୋଗାଇଦେଉଛି। ଅଞ୍ଚଳବାସୀ ଏ ନେଇ ପ୍ରଶ୍ନ କଲେ ଧମକାଉଛି ବୋଲି ଅଭିଯୋଗ କରିଛନ୍ତି। ଏଭଳିକି ପଲ୍ଲିସଭା କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପକରି ସମସ୍ୟାର ସମାଧାନ କରିବା ସହ ଅଞ୍ଚଳବାସୀଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ୨ ପଞ୍ଚାୟତବାସୀ ଅନୁରୋଧ କରିଛନ୍ତି। ନଚେତ୍ ଆଗାମୀ ଦିନରେ କାର୍ଯ୍ୟସ୍ଥଳରେ ଧାରଣା ଦେବା ସହ ସର୍ଭେ କରିବାକୁ ଦିଆଯିବ ନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି।

# କେ.ଭି.ଙ୍କ ଅଧ୍ୟକ୍ଷତାରେ ଆଜି ବସିବ ଉଚ୍ଚସ୍ତରୀୟ ବୈଠକ

## ମହାନଦୀ ଜଳ ବିବାଦର ସମାଧାନ ପ୍ରସଙ୍ଗ

ଭୁବନେଶ୍ୱର,୨୨।୧୨(ରବିନାରାୟଣ ଜେନା)

ମହାନଦୀ ହେଉଛି ଓଡ଼ିଶାର ଜୀବନ ରେଖା। ଏହା ଉପରେ ପ୍ରାୟ ୧୫ଟି ଜିଲାର ଲୋକେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପାନୀୟଜଳଠାରୁ ଆରମ୍ଭ କରି ଚାଷ ଓ ଶିଳ୍ପ ପାଇଁ ନିର୍ଭର କରିଥାନ୍ତି। ହେଲେ ଉପରମୁଣ୍ଡରେ ଛତିଶଗଡ଼ ସରକାର ୨୦୧୬ରେ ପ୍ରାୟ ୬୦ଟି ସେତୁ ନିର୍ମାଣ କରିବା ଯୋଗୁ ଶୀତଋତୁରେ ମହାନଦୀ ବୁକୁ ଶୁଖିଲା ପଡୁଛି। ଏହାକୁ ନେଇ ଅଧିକାଂଶ ସମୟରେ ବିଧାନସଭା ଭିତରେ ଏବଂ ବାହାରେ ଶାସକ-ବିରୋଧୀ ମୁହାଁମୁହିଁ ହେଉଥିବା ନଜିର ରହିଛି।

ଏହି ପରିପ୍ରେକ୍ଷୀରେ ମହାନଦୀ ଆନ୍ତଃରାଜ୍ୟ ଜଳ ବିବାଦର ସମାଧାନ ଲାଗି ଟ୍ରିପଲ ଇଞ୍ଜିନ ସରକାର ଗୁରୁତ୍ୱ ଦେଇଛନ୍ତି। ଯଦିଓ ମହାନଦୀ ଜଳ ବିବାଦ ମାମଲା ଏବେ ଟ୍ରିବ୍ୟୁନାଲରେ ରହିଛି ଏହାକୁ କିଭଳି ଆପୋସ ମାଧ୍ୟମରେ ସମାଧାନ କରାଯାଇପାରିବ ସେନେଇ ଉଭୟ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହେବାକୁ ରହିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଚଳିତମାସ ୧୦ରେ ଗଠନ ହୋଇଥିବା ଉଚ୍ଚସ୍ତରୀୟ କମିଟିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ, ଭାଜପା ବିଧାୟକ ଜୟନାରାୟଣ ମିଶ୍ର ଏବଂ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ରହିଛନ୍ତି।

ଉଲ୍ଲେଖଯୋଗ୍ୟ, ମହାନଦୀ ଜଳବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ପାଇଁ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହିତ ଆଲୋଚନା ପରେ ବୈଷୟିକ କମିଟି କ୍ଷେତ୍ର ପରିଦର୍ଶନ କରିଛନ୍ତି। ମଙ୍ଗଳବାର ଜଳସମ୍ପଦ ବିଭାଗ ପକ୍ଷରୁ ବୈଷୟିକ କମିଟି କ୍ଷେତ୍ରସ୍ଥଳରେ କ'ଣ ସବୁ ଅନୁଧ୍ୟାନ କଲେ ତାହା ଉପରେ ବିସ୍ତୃତ ଆଲୋଚନା ହେବାକୁ ରହିଛି। ତେବେ ୨୦୧୭ରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ତତ୍କାଳୀନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଉମା ଭାରତୀ, ଛତିଶଗଡ଼ର ତତ୍କାଳୀନ ମୁଖ୍ୟମନ୍ତ୍ରୀ ରମଣ ସିଂହ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ବସିଥିଲା। ଦୀର୍ଘ ସମୟ ଆଲୋଚନା ପରେ କୌଣସି ବାଟ ନ ଫିଟିବାରୁ ନ୍ୟାୟ ପାଇବା ଆଶାରେ ବିଜେଡି ସରକାର ସୁପ୍ରିମକୋର୍ଟ ଯାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୨୦୧୮ ମାର୍ଚ୍ଚ ୧୧ ତାରିଖରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ଇତିମଧ୍ୟରେ କମିଟିକୁ ୭ବର୍ଷ ବିତିବାକୁ ଯାଉଥିଲେ ହେଁ ସମାଧାନ ପନ୍ଥା ବାହାରି ପାରୁନାହିଁ। ମାତ୍ର ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ଏବେ ଭାଜପା ସରକାର ରହିଥିବାରୁ ଏହାର ଆପୋସ ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି।

# ଜାନୁଆରୀ ପହିଲାରୁ ଗାଡ଼ି ଯାଞ୍ଚ କଡ଼ାକଡ଼ି

କଟକ,୨୨।୧୨(କାର୍ତ୍ତିକ ସାହୁ)

ଜାନୁଆରୀ ପହିଲାରୁ ସମଗ୍ର ରାଜ୍ୟରେ ମୋଟର ଯାନ ଆଇନ ଉପରେ ତୀକ୍ଷ୍ଣ ନଜର ରଖାଯିବ। ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଚଡ଼ାଉ ଜୋରଦାର କରାଯିବ। ପୋଲିସ ଓ ପରିବହନ କର୍ମଚାରୀଙ୍କ ମିଳିତ ସହଯୋଗରେ ମୋଟର ଯାନ ଯାଞ୍ଚ କଡ଼ାକଡ଼ି କରାଯିବ। ପୂର୍ବରୁ ଏ ନେଇ ହୋଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ନେଇ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ସୋମବାର ଅନୁଷ୍ଠିତ ବୈଠକରେ ବ୍ୟାପକ ପ୍ରସ୍ତୁତି କରାଯାଇଥିବା କମିଶନର ଅମିତାଭ ଠାକୁର ସୂଚନା ଦେଇଛନ୍ତି। ସୂଚନାନୁସାରେ, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଜାନୁଆରୀ ପହିଲାରୁ ୩୧ ତାରିଖ ଯାଏ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ପାଇଁ ନିଷ୍ପତ୍ତି ନେଇଛି। ଆମ ରାଜ୍ୟରେ ଏହି କାର୍ଯ୍ୟକ୍ରମର ସଫଳତାର ସହ ଆୟୋଜନ ପାଇଁ ଏକ ପ୍ରାଥମିକ ପ୍ରସ୍ତୁତି ବୈଠକ ପୂର୍ବରୁ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇସାରିଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟର ନିର୍ଦ୍ଦେଶାବଳୀକୁ ଠିକ୍ ସମନ୍ୱୟ ରଖି କାର୍ଯ୍ୟକାରୀ କରାଯିବା ଉପରେ ସଚିବ ଗୁରୁତ୍ୱ ଦେଇଛନ୍ତି। ବିଶେଷ କରି, ଦୁର୍ଘଟଣା ସଂଖ୍ୟାରେ ଆଗୁଆ ଥିବା ସାତଟି ଜିଲାକୁ ବିଶେଷ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଛି। ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନ ସହଭାଗିତାରେ ଆବଶ୍ୟକ ସମସ୍ତ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବା ଏସ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି।

# ପରାଜୟ ପରେ ବିଜେଡିକୁ ଚାନ୍ଦା ଆସୁନି

ଭୁବନେଶ୍ୱର, ୨୨।୧୨(ସୁଜିତ୍ ମିଶ୍ର)

୨୦୨୪ ନିର୍ବାଚନରେ ପରାଜୟ ପରେ ବିଜେଡିକୁ ଆଉ ଚାନ୍ଦା(ଡୋନେଶନ) ମିଳୁନାହିଁ। କ୍ଷମତାରୁ ଯିବା ପରେ ବିଜେଡିକୁ ଆଉ ଚାନ୍ଦା ଦେବାକୁ କେହି ଆଗ୍ରହ ଦେଖାଉନାହାନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଜେଡିକୁ ୬୦ କୋଟି ଟଙ୍କା ମିଳିଥିଲା। ହେଲେ ଏହା ଗତ ସାଧାରଣ ନିର୍ବାଚନ ସମୟରେ ହିଁ ମିଳିଥିଲା। ଏହାପରେ ବିଜେଡିକୁ ଚାନ୍ଦା ମିଳିବା ଏକ ପ୍ରକାର ବନ୍ଦ ହେବାକୁ ଲାଗିଲାଣି। ନିର୍ବାଚନ କମିଶନଙ୍କ ନିକଟରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାଖଲ କରାଯାଇଥିବା ଦଳର ଆୟ ସମ୍ପର୍କିତ ସତ୍ୟପାଠରୁ ଏହା ଜଣାପଡ଼ିଛି। ବିଜେଡି କୋଷାଧ୍ୟକ୍ଷ ସୁବାସ ସିଂ ଦାଖଲ କରିଥିବା ସତ୍ୟପାଠରେ ଉଲ୍ଲେଖ କରାଯାଇଛି, ୨୦୨୪-୨୫ ଆର୍ଥିକ ବର୍ଷର ଏପ୍ରିଲ ଓ ମେ'ରେ ଦଳକୁ ୪ଟି ଘରୋଇ ସଂସ୍ଥା ୬୦ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। କିନ୍ତୁ ତା' ପରଠାରୁ ଦଳକୁ ଆଉ ଚାନ୍ଦା ମିଳି ନାହିଁ। ଦଳ ପାଖରେ ମୋଟ୍ ୭୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ସୁଧ ବାବଦରେ ବିଜେଡି ୫୦ କୋଟି ଟଙ୍କା ଆୟ କରିଛି। ଏହିପରି ମୋଟ୍ ୨୦୨୪-୨୫ ଆର୍ଥିକ ବର୍ଷରେ ୧୧୦ କୋଟି ଟଙ୍କା ବୋଲି ଜଣାପଡ଼ିଛି।

ଅନ୍ୟପଟେ ଭାଜପାର ନେତା, ମନ୍ତ୍ରୀ ଓ ବିଧାୟକମାନେ ଦଳକୁ ଲକ୍ଷାଧିକ ଟଙ୍କାର ଚାନ୍ଦା ଦେଇଥିବା ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯାଇଥିବା ଆୟ ସମ୍ପର୍କିତ ସତ୍ୟପାଠରୁ ଜଣାପଡ଼ିଛି। ସେଥିରେ ଦର୍ଶାଯାଇଛି ଭାଜପା ଆକାଉଣ୍ଟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ଆରମ୍ଭକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରବି ନାରାୟଣ ନାଏକ, କୃଷ୍ଣ ଚନ୍ଦ୍ର ପାତ୍ର, ପ୍ରଦୀପ ବଳସାମନ୍ତ, କୃଷ୍ଣ ଚନ୍ଦ୍ର ମହାପାତ୍ର, ଗଣେଶ ରାମସିଂ ଖୁଣ୍ଟିଆ, ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ, ସମ୍ପଦ କୁମାର ସ୍ୱାଇଁ, ସୁରେଶ ପୂଜାରୀ ପ୍ରମୁଖ ୫ ଲକ୍ଷ ଟଙ୍କା ଲେଖାଏ ଚାନ୍ଦା ଆକାରରେ ପ୍ରଦାନ କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ୫ ଲକ୍ଷ ଟଙ୍କା ଦେଇଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧ ଲକ୍ଷ ଟଙ୍କା ଚାନ୍ଦା ଦେଇଛନ୍ତି। ଏମ୍‌ପି ପ୍ରଦୀପ ପୁରୋହିତ, ଅନନ୍ତ ନାଏକ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଙ୍ଗୀତା ସିଂଦେଓ, ଅଭିମନ୍ୟୁ ସେଠୀ ପ୍ରମୁଖ ଏମ୍‌ପିମାନେ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ଏମ୍‌ପି ବୈଜୟନ୍ତ ପଣ୍ଡା ୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ୫ ଲକ୍ଷ ଟଙ୍କା ଦେଇଥିବା ବେଳେ ଦଳର ପ୍ରାୟ ସବୁ ବିଧାୟକ ଚାନ୍ଦା ଆକାରରେ ଲକ୍ଷେ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ସେହିପରି ଭାଜପାର ପୂର୍ବତନ ବିଧାୟକମାନେ ୨୫ ହଜାର ଟଙ୍କା ଲେଖାଏ ଦେଇଥିବା ଜଣାପଡ଼ିଛି।

# ଜାନୁଆରୀ ୩୧ ସୁଦ୍ଧା ଟଙ୍କା ଫେରିପାଇବେ ୫ ଲକ୍ଷ କ୍ଷୁଦ୍ର ଚିଟ୍‌ଫଣ୍ଡ ଜମାକାରୀ

ଭୁବନେଶ୍ୱର, ୨୨।୧୨(ସୁଜିତ୍ ମିଶ୍ର)

- ୧୮ ମାସ ଭିତରେ କ୍ଷୁଦ୍ର, ବୃହତ୍ ସବୁ ଜମାକାରୀଙ୍କୁ ଫେରାଇବେ କହିଥିଲେ: ଜୟନ୍ତ
- ପୂର୍ବ ସରକାର କାମ ଏବେ କରାଯାଉଛି: ମନ୍ତ୍ରୀ
- ନିର୍ବାଚନୀ ପ୍ରତିଶ୍ରୁତି କାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯାଉଛି: ମନମୋହନ

ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଥିବା ସମସ୍ତ କ୍ଷୁଦ୍ର ଆବେଦନକାରୀଙ୍କୁ ଟଙ୍କା ଫେରସ୍ତ ପାଇବା ଲାଗି ଆବେଦନ କରିବାକୁ ଅର୍ଥ ବିଭାଗ ବିଜ୍ଞପ୍ତି ଜାରି କରିଛି। କ୍ଷୁଦ୍ର ଜମାକାରୀମାମାନେ ଏହାର ସୁଯୋଗ ନେବା ସହିତ ସମସ୍ତେ ଆବେଦନ କରିବା ଲାଗି ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ୨୦୨୬ ଜାନୁଆରୀ ୩୧ ସୁଦ୍ଧା ଟଙ୍କା ଫେରସ୍ତ ପ୍ରକ୍ରିୟା ଚାଲୁ ରହିବ। ତଦନ୍ତ କମିଶନ ସୁପାରିସ କରିଥିବା ଏବଂ ଟଙ୍କା ଫେରସ୍ତ ପାଇ ନ ଥିବା ସମସ୍ତ କ୍ଷୁଦ୍ର ଜମାକାରୀ ଅର୍ଥାତ୍ ଯେଉଁମାନେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜମା କରିଥିଲେ ସେମାନେ ଏହି ସୁଯୋଗର ଲାଭ ଉଠାଇପାରିବେ। ୮ ହଜାର ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଗୋଲ୍‌ଡେନ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇ ନ ଥିବା ଜମାକାରୀମାନେ ମଧ୍ୟ ଉପକୃତ ହେବେ। ଜମାକାରୀମାନେ ଆବଶ୍ୟକ କାଗଜପତ୍ର ସହିତ ଆର୍‌ଆଇଙ୍କ ନିକଟରେ ଯୋଗାଯୋଗ କଲେ ୧୫ ଦିନ ଭିତରେ ସେମାନଙ୍କ ଜମାରାଶି ଫେରିପାଇବେ। ଯଦି କୌଣସି ଜମାକାରୀ ଅଧିକ ତଥ୍ୟ ସରକାରଙ୍କ ତରଫରୁ ଜାଣିବାକୁ ଚାହାନ୍ତି ତେବେ ଜାରି କରାଯାଇଥିବା ୦୬୭୪-୨୩୯୫୧୫୩ରେ ଯୋଗାଯୋଗ ମଧ୍ୟ କରିପାରିବେ। ନିୟମ ମୁତାବକ ଜମାକାରୀମାନେ ଆଧାର କାର୍ଡ, ଭୋଟର କାର୍ଡ, ଡିଏଲ୍, ପାନ୍ କାର୍ଡ ଇତ୍ୟାଦି ଦାଖଲ କରିପାରିବେ। ମୂଳ ଜମା ରସିଦ ଦାଖଲ କରିବେ। ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଦାଖଲ କରିବେ। ଜିଲା ସରକାରୀ ୱେବସାଇଟ୍‌ରେ ସରକାରଙ୍କ ପକ୍ଷରୁ ଜମାକାରୀଙ୍କ ତାଲିକା ରହିଛି।

ଏନେଇ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ମିଳିତ ମଞ୍ଚର ଆବାହକ ଜୟନ୍ତ ଦାସ କହିଛନ୍ତି, ଅର୍ଥ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଯେଉଁ ବିଜ୍ଞାପନ ଦେଇ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ପ୍ରକ୍ରିୟା ବନ୍ଦ ଥିଲା ତାକୁ ପୁନର୍ବାର ଆରମ୍ଭ କରିଥିବାରୁ ସରକାରଙ୍କୁ ସାଧୁବାଦ। ହେଲେ ଭାଜପା ସରକାରକୁ ଆସିବାର ୧୮ ମାସ ଭିତରେ ରାଜ୍ୟର ସମସ୍ତ କ୍ଷୁଦ୍ର ଓ ବୃହତ୍ ଜମାକାରୀଙ୍କୁ ତହସିଲଦାରମାନଙ୍କ ଜରିଆରେ ଚିହ୍ନଟ କରି ଟଙ୍କା ଫେରସ୍ତ କରିବ ବୋଲି ନିର୍ବାଚନ ସମୟରେ ପ୍ରକାଶିତ ଘୋଷଣା ପତ୍ରରେ ଉଲ୍ଲେଖ କରିଥିଲା। ସେମାନେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରନ୍ତୁ, ସମସ୍ତ କ୍ଷୁଦ୍ର ଓ ବୃହତ ଜମାକାରୀଙ୍କୁ ତୁରନ୍ତ ଟଙ୍କା ଫେରସ୍ତ ନ କଲେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ସେ କହିଛନ୍ତି।

ଏନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ସରକାର ଚିଟ୍‌ଫଣ୍ଡ ଟଙ୍କା ଫେରାଇବା ଲାଗି ମନ ସ୍ଥିର କରିଛନ୍ତି। ଯେଉଁମାନେ ଟଙ୍କା ଦେଇଛନ୍ତି ସେମାନେ ପର୍ଯ୍ୟାୟକ୍ରମେ ଆବେଦନ କଲେ ଅର୍ଥ ଫେରିପାଇବେ। ଲୋକଙ୍କ ସମସ୍ୟା ସମାଧାନ କରିବା ଦାୟିତ୍ୱ ମିଳିଛି, ତାହା ଆମେ ପର୍ଯ୍ୟାୟକ୍ରମେ କରିବୁ। ପୂର୍ବ ସରକାର ସମୟରେ ଚିଟ୍‌ଫଣ୍ଡ କେଲେଙ୍କାରୀ ହେଲା। ସେହି ସମୟରେ ସିବିଆଇ ତଦନ୍ତ ହୋଇ ଏଥିରେ ସମ୍ପୃକ୍ତ ଅନେକଙ୍କୁ ଗିରଫ କରାଗଲା। ହେଲେ ପୂର୍ବ ସରକାର ଟଙ୍କା ଫେରାଇବା କଥା, ସେମାନେ ତାହା ନ କରିବାରୁ ଏହି କାର୍ଯ୍ୟ ଭାଜପା ସରକାର କରୁଛି ବୋଲି ସେ କହିଛନ୍ତି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଯେଉଁମାନେ ୧୦ ହଜାର ଟଙ୍କା ତଳକୁ ଜମା କରିଥିଲେ ସେମାନଙ୍କୁ ଟଙ୍କା ଫେରସ୍ତ କରିବାର ପ୍ରକ୍ରିୟା ସରକାରଙ୍କ ତରଫରୁ ଆରମ୍ଭ ହୋଇଛି। ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ଚିହ୍ନଟ କରାଯାଇଛି। ନିର୍ବାଚନ ସମୟରେ ଏନେଇ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ପାଳନ କରିବା ଆରମ୍ଭ ହୋଇଛି। ବହୁତ ଲୋକ ପୂର୍ବରୁ ପାଇଗଲେଣି। ଏଥର ଅନେକ ସ୍ୱଳ୍ପ ଜମାକାରୀ ପାଇଯିବେ। ପର୍ଯ୍ୟାୟକ୍ରମେ ସବୁ ପ୍ରକ୍ରିୟା ଦ୍ରୁତଗତିରେ କରାଯାଉଛି।

FAI ENSURING FOOD SECURITY

## ଚାଷୀଭାଇମାନଙ୍କୁ ଏକ ନିବେଦନ

ଚାଷୀଙ୍କ ବ୍ୟବହାର ପାଇଁ ସାର କମ୍ପାନୀଗୁଡ଼ିକ ଦ୍ୱାରା ବିକ୍ରୟ କରାଯାଉଥିବା ନାନୋ ଏବଂ ଜୈବିକ ସାର (ସବ୍‌ସିଡିଯୁକ୍ତ ଓ ସବ୍‌ସିଡିବିହୀନ) ସମେତ ବିଭିନ୍ନ କିସମର ସାର ଉତ୍ପାଦ ବଜାରରେ ଉପଲବ୍ଧ ହେଉଛି ।

ସାର କମ୍ପାନୀମାନେ ସବ୍‌ସିଡିଯୁକ୍ତ ସାର ସହିତ ସବ୍‌ସିଡିବିହୀନ ସାର କିଣିବା ପାଇଁ ଚାଷୀଙ୍କ ଉପରେ କୌଣସି ପ୍ରକାର ଚାପ ପକାଇବାର ଗତିବିଧିକୁ ପ୍ରୋତ୍ସାହିତ କରନ୍ତି ନାହିଁ ।

**ଯଦି ଯୋଗାଣ ଶୃଙ୍ଖଳରେ କେହି ଚାଷୀଙ୍କୁ ସବ୍‌ସିଡିଯୁକ୍ତ ସାର ସହିତ ସବ୍‌ସିଡିବିହୀନ ସାର କିଣିବା ପାଇଁ ବାଧ କରୁଥାନ୍ତି, ତେବେ ଏପରି କାର୍ଯ୍ୟକଳାପକୁ ସମ୍ପୃକ୍ତ ସାର କମ୍ପାନୀର ଦୃଷ୍ଟିକୁ ଆଣିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି, ଯାହାଦ୍ୱାରା ଏପରି ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ । ସାର ବସ୍ତା/ବ୍ୟାଗ୍‌ରେ ଛପାଯାଇଥିବା ଟୋଲ୍-ଫ୍ରି କିମ୍ବା ଗ୍ରାହକ ସେବା ନମ୍ବର କିମ୍ବା ଗ୍ରାହକ ସେବା ଇମେଲ୍ ଆଇଡି ଜରିଆରେ ସମ୍ପୃକ୍ତ ସାର କମ୍ପାନୀକୁ ଏ ବାବଦରେ ଅବଗତ କରାଇବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି ।**

ସାର ଉଦ୍ୟୋଗ ଚାଷୀଙ୍କ କଲ୍ୟାଣ ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରତିବଦ୍ଧ ଏବଂ ଏପରି କୌଣସି ଅନୈତିକ କାର୍ଯ୍ୟକଳାପ ପାଇଁ ଯୋଗାଣ ଶୃଙ୍ଖଳକୁ ବାଧ କରି ନ ଥାଏ ।

ଚାଷୀଙ୍କ ସମୃଦ୍ଧି ସାର କମ୍ପାନୀଗୁଡ଼ିକର ଚରମ ଲକ୍ଷ୍ୟ ଅଟେ ।

କୌଣସି ଚାପ ବିନା ବସ୍ତାରେ ଛପାଯାଇଥିବା ଏମ୍‌ଆର୍‌ପି ଅନୁଯାୟୀ ସବ୍‌ସିଡିଯୁକ୍ତ ସାର କିଣିବା ଏବଂ ନିଜ ବିଚାରରେ ଅନ୍ୟାନ୍ୟ ଉତ୍ପାଦ କିଣିବା ନିମନ୍ତେ ଚାଷୀମାନଙ୍କୁ ସଚେତନ କରିବା ପାଇଁ ଏହି ବିଜ୍ଞପ୍ତି ଜାରି କରାଯାଇଛି ।

**ଦ ଫର୍ଟିଲାଇଜର ଆସୋସିଏସନ୍ ଅଫ୍ ଇଣ୍ଡିଆ, ନୂଆଦିଲ୍ଲୀ**
**ଚାଷୀଙ୍କ ସ୍ୱାର୍ଥରେ ଜାରି**



ଦ ଫର୍ଟିଲାଇଜର ଆସୋସିଏସନ୍ ଅଫ୍ ଇଣ୍ଡିଆ
ଏଫ୍‌ଏଆଇ ହାଉସ୍, ୧୦ ଶହୀଦ ଜିତ୍ ସିଂହ ମାର୍ଗ, ନୂଆଦିଲ୍ଲୀ - ୧୧୦୦୬୭, ଭାରତ

ପ୍ରତ୍ୟେକ ବିଷୟ ତା'ର ଅନ୍ତର୍ନିହିତ ସତ୍ୟ ପାଇଁ ସମର୍ଥନ- ଯୋଗ୍ୟ ହୋଇଥାଏ। ପ୍ରତିଟି ସତ୍ତାର ସତ୍ୟ କେବେ ବି ଗତିହୀନ ହୋଇ ନ ପାରେ। ବିଶ୍ୱ ପ୍ରତି ମୁହୂର୍ତ୍ତରେ ଗତିକରି ଚାଲିଛି। ଯାହା ଦିନେ ସଂପୂର୍ଣ୍ଣ ସତ୍ୟ ବୋଲି ବିବେଚିତ ହୋଇଥିଲା- ତାହା ଆଜି ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛି। -ଶ୍ରୀମା



# ଭେଜାଲ ପାଇଁ ମୃତ୍ୟୁଦଣ୍ଡ

ବିଶ୍ୱରେ ସମ୍ଭବତଃ ଭାରତ ଏକମାତ୍ର ଦେଶ ଯେଉଁଠାରେ ଜୀବନରକ୍ଷାକାରୀ ଔଷଧ ଓ ଖାଦ୍ୟରେ ଅପମିଶ୍ରଣ ବା ଭେଜାଲ ବଢ଼ିଚାଲିଛି। ଏଭଳି ଖବର ଅନ୍ୟ ଦେଶରୁ ଆସୁଥିବା ଆମେ ଜାଣିନାହୁଁ। ଅନ୍ୟ ରାଷ୍ଟ୍ରଗୁଡ଼ିକରେ ବ୍ୟବସାୟିକ ଉଦ୍ଦେଶ୍ୟରେ ଗଢ଼ି ଉଠିଥିବା ସଂସ୍ଥା ଅତ୍ୟଧିକ ଲୋଭ ରଖିଥାଇପାରନ୍ତି, କିନ୍ତୁ ତାହା ମୁଖ୍ୟତଃ ଉପରଲିଖିତ ଦୁଇଟି କ୍ଷେତ୍ରରେ ସାବଧାନତା ଓ ସତର୍କତା ଅବଲମ୍ବନ କରିଥାନ୍ତି। ଭାରତରେ ଚିନିରେ କାଚଗୁଣ୍ଡ, ପନିପରିବା ଓ ଫଳକୁ ସତେଜ ଦେଖାଇବା ପାଇଁ ରାସାୟନିକ ପ୍ରଲେପ ଦେବା ସାଧାରଣ କଥା। ସବୁଠାରୁ ଅତି ମାରାତ୍ମକ ବିଷୟ ହେଉଛି ଜୀବନରକ୍ଷା କରୁଥିବା ଔଷଧକୁ ଭେଜାଲ କରି ଲୋକଙ୍କ ଜୀବନ ନେବାକୁ ଅନେକ ଫାର୍ମା କମ୍ପାନୀ ପଛାଉ ନାହାନ୍ତି। ନିକଟରେ ହିମାଚଳ ପ୍ରଦେଶରୁ ସଂଗ୍ରହ କରାଯାଇଥିବା ନମୁନା ମଧ୍ୟରୁ ୪୯ ଔଷଧ ଗୁଣବତ୍ତା ବଜାୟ ରଖିବାରେ ବିଫଳ ହୋଇଥିବା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ) ପକ୍ଷରୁ କୁହାଯାଇଛି। ନଭେମ୍ବରରେ ନିଆଯାଇଥିବା ସାମ୍ପୁଲ ମଧ୍ୟରୁ ୨୦୫ ନିମ୍ନମାନର ବୋଲି ଜଣାପଡ଼ିଥିବା ବେଳେ ହିମାଚଳ ପ୍ରଦେଶର ସର୍ବାଧିକ ୨୨.୮ ପ୍ରତିଶତ ଯାଞ୍ଚ ବେଳେ ବିଫଳ ହୋଇଛି। ଅର୍ଥାତ୍ ଆମେ ସେବନ କରୁଥିବା ଅନେକ ଔଷଧ ଅପମିଶ୍ରିତ କିମ୍ବା ନିମ୍ନମାନର ବୋଲି ସରକାରୀ ସୂତ୍ରରୁ ଜଣାପଡୁଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଉତ୍ପାଦନ ହେଉଥିବା ଔଷଧର ୩୫ ପ୍ରତିଶତ ହିମାଚଳ ପ୍ରଦେଶରେ ପ୍ରସ୍ତୁତ ହେଉଛି। ବିଶେଷକରି ସୋଲାନ ଜିଲାର ବାଦ୍ଦି, ବାରୋଟିୱାଲା, ନାଲଗଡ଼, ସୁଭାଠୁ, ସିରମାଉର ଜିଲାର କାଲା ଆମ୍ବ, ପାଓଣ୍ଟା ସହିବ ଏବଂ ଉନା ଜିଲାର ହାରୋଲିରୁ ନିଆଯାଇଥିବା ନମୁନା ପରୀକ୍ଷା ବେଳେ ବିଫଳ ହୋଇଛି। ଏହିସବୁ ଔଷଧଗୁଡ଼ିକ ଉଚ୍ଚ ରକ୍ତଚାପ, ମଧୁମେହ, ବୀଜାଣୁ ସଂକ୍ରମଣ ଭଳି ରୋଗ ଲାଗି ବ୍ୟବହାର ହୋଇଥାଏ। ଫାର୍ମା କମ୍ପାନୀଗୁଡ଼ିକ ଏପରି ବିଷାକ୍ତ ଔଷଧ ପ୍ରସ୍ତୁତ କରି ବଜାରକୁ ଛାଡୁଥିବାରୁ ଲୋକଙ୍କ ପ୍ରାଣଯିବା ସ୍ୱାଭାବିକ।

ବାସ୍ତବରେ ଥରେ ଖରାପ ଔଷଧ ଯୋଗାଣ ଶୃଙ୍ଖଳ ଭିତରକୁ ଚାଲିଗଲେ ତାହାକୁ ଠଉରାଇବା ସହଜ ନୁହେଁ। ଏମିତି ଦେଖିଲେ ଭାରତରେ ଯାଞ୍ଚ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଓ ବହୁ ସ୍ଥାନରେ ପ୍ରଶିକ୍ଷିତ ବ୍ୟକ୍ତିଙ୍କ ଅଭାବ ଥିବାରୁ ଲକ୍ଷ୍ୟ ସାଧନ ସମ୍ଭବ ହୋଇ ନ ଥାଏ। ଆଉ ଗୋଟିଏ କଥା ହେଉଛି ଯେ ଅତ୍ୟଧିକ ଲାଭ ଅର୍ଜନ କରିବାକୁ ଚାହୁଁଥିବା ଫାର୍ମା କମ୍ପାନୀ ଯାଞ୍ଚ ଅଧିକାରୀଙ୍କୁ ଅର୍ଥ ଦେଇ ମୁହଁ ବନ୍ଦ କରିଦେବାରେ ସକ୍ଷମ ହୋଇଥାଆନ୍ତି। ଅତ୍ୟନ୍ତ କଠୋର ବ୍ୟବସ୍ଥା ଦେଇ ଔଷଧ ଯାଞ୍ଚ କାର୍ଯ୍ୟରେ ନିୟୋଜିତ ଅନେକ ଅଧିକାରୀ ବା କର୍ମଚାରୀ ଯେତେବେଳେ ଶୃଙ୍ଖଳାରେ ପର୍ଯ୍ୟାପ୍ତ ଅର୍ଥ ପାଇଯିବେ ସେତେବେଳେ ମଧ୍ୟ ତାଙ୍କ ନୈତିକତା ପ୍ରଶ୍ନବାଚୀରେ ରହିଯିବ। ଏଥିସହିତ ଯାଞ୍ଚ ସଂସ୍ଥା ଉପରେ ରାଜନୈତିକ ଓ ଅମଲାତାନ୍ତ୍ରିକ ଚାପ ବିଷୟକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। କଦବା କୌଣସି ଫାର୍ମା କମ୍ପାନୀକୁ କଳାତାଲିକାଭୁକ୍ତ କରାଗଲେ ପରବର୍ତ୍ତୀ ସମୟରେ ତାହା ପୁଣି ଔଷଧ ଉତ୍ପାଦନ କରୁଥିବା ଦେଖିବାକୁ ମିଳେ। ସେହି କଳା ତାଲିକାରୁ ତା'ର ନାମ କେତେବେଳେ କଟିଲା ତାହା ଔଷଧ ସେବନକାରୀ ଜାଣିବାର ବାଟ ନାହିଁ। ଏହା ମଧ୍ୟ ମନେରଖିବା ଉଚିତ ଯେ, ଅନେକ କ୍ଷୁଦ୍ର ଓ ମଧ୍ୟମ ଶ୍ରେଣୀର ଔଷଧ ନିର୍ମାତା ନିଜ ନାମରେ ବଜାରକୁ ଯାଇ ନ ଥାଆନ୍ତି। ସେମାନଙ୍କ ଔଷଧକୁ ବିପୁଳ ଆକାରରେ ବୃହତ୍ କମ୍ପାନୀ କିଣି ନିଜ ବ୍ରାଣ୍ଡରେ ସିଲ୍ ମାରି ବିକ୍ରି କରୁଥିବା ହେତୁ ଭାରତରେ ମାନର ଗୁଣବତ୍ତା ଯାଞ୍ଚ କରିବା କୌଣସି ରୋଗୀ ପାଇଁ ସମ୍ଭବପର ହୁଏ ନାହିଁ। ଭାରତରେ ଏଭଳି ଧରଣର ଅପରାଧୀଙ୍କୁ ସାମାନ୍ୟ ଜରିମାନା କରି ଛାଡ଼ି ଦିଆଯାଇଥାଏ। ମଣିଷର ଜୀବନ ସହ ଖେଳୁଥିବା ଫାର୍ମା କମ୍ପାନୀର ମାଲିକଙ୍କୁ ଯଦି ମୃତ୍ୟୁଦଣ୍ଡ ଭଳି କଠୋର ଦଣ୍ଡରେ ଦଣ୍ଡିତ କରାଯାଆନ୍ତା, ତାହା ହେଲେ ଅନ୍ୟମାନେ ସେଭଳି ଭୁଲ୍ କରିବାକୁ ଅନେକ ଥର ଭାବନ୍ତେ।

ବିଷାକ୍ତ ମଦ ପିଇ ଥୋକେ ଲୋକ ମଲା ପରେ ପ୍ରଶାସନ ଟିକେ ଚିହିଁକି ଉଠେ। ତତ୍‌କ୍ଷଣାତ୍ ତଳତଳିଆ ଯାଞ୍ଚ ଅଧିକାରୀଙ୍କୁ ସସ୍‌ପେଣ୍ଡ କରିଦିଆଯାଏ। କିଛି ଦିନ ଗଲା ପରେ ଦେଖାଯାଏ ସେହି କର୍ମଚାରୀ ଅନ୍ୟତ୍ର ପୋଷ୍ଟିଂ ହୋଇଥିବେ। ଲୋକଙ୍କ ସ୍ମରଣ ଶକ୍ତି ସ୍ୱଳ୍ପ ସମୟ ପାଇଁ ଉଜାଗର ରହୁଥିବାରୁ ପୂର୍ବର ବିଷୟ କମ୍ ସମୟରେ ସମାଧି ପାଇଯାଇଥାଏ। ଅନୁରୂପ ଭାବେ ଏହା ଔଷଧ କ୍ଷେତ୍ରରେ ଲକ୍ଷ୍ୟ କରାଯାଉଛି। ଓଡ଼ିଶାର ବଲାଙ୍ଗୀରଠାରୁ କଟକ ପର୍ଯ୍ୟନ୍ତ ନକଲି ଔଷଧର ଚେର ଲମ୍ବିଥିବା ଓ ଅନେକ ଗୋଷ୍ଠୀ ସକ୍ରିୟ ରହି ବେପାର ଚଳାଇଥିବା ନେଇ ବାରମ୍ବାର ଖବର ଶୁଣିବାକୁ ମିଳେ। କଟକରୁ ବିଭିନ୍ନ ସ୍ଥାନକୁ ପଠାଯାଇଥିବା ଉଚ୍ଚରକ୍ତଚାପ ନିୟନ୍ତ୍ରଣ ପାଇଁ ଭେଜାଲ 'ଟେଲ୍‌ମା ୪୦' ଔଷଧ ୨୦୨୨ରେ ରାଜ୍ୟବ୍ୟାପୀ ଚହଳ ସୃଷ୍ଟି କରିଥିଲା। ଚଳିତ ମାସ ପ୍ରାରମ୍ଭରେ ରାଜ୍ୟରେ ଓରାଲ ରିହାଇଡ୍ରେଶନ ସଲ୍ଟ (ଓଆର୍‌ଏସ୍)ର ଲିକ୍ୟୁଇଡ୍ ପ୍ୟାକ୍ ଭେଜାଲ ଥିବା ଜଣାପଡ଼ିଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ନିୟମ ଅନୁସରଣ କରା ନ ଯାଇ ଏହା ପ୍ରସ୍ତୁତ କରାଯାଇଥିବାରୁ ତାହା କାମ ଦେଇ ନ ଥିବା ବିଷୟ ପଦାକୁ ଆସିବା ପରେ ସେଗୁଡ଼ିକୁ ବଜାରରୁ ଫେରାଇ ନିଆଯାଇଥିଲା। ସେହିଭଳି ତାମିଲନାଡୁର ଏକ ଫାର୍ମାର କାଶ ସିରପ୍ ବ୍ୟବହାର କରି ଅନେକ ଶିଶୁଙ୍କ ମୃତ୍ୟୁ ଖବର ଭାରତ ସମେତ ବିଭିନ୍ନ ଦେଶରୁ ଆସିଥିଲା। ସରକାରଙ୍କ ସମ୍ପୂର୍ଣ୍ଣ ନିଷ୍କ୍ରିୟତା ହେତୁ, ସମ୍ଭବତଃ, ସେହି ମାଲିକ ପୁନର୍ବାର 'ଧନ୍ଦା' ପୂର୍ବଭଳି ଚଳାଉଥିବେ ଏବଂ କଚେରିରେ ଦାୟର ମାମଲା ତାଙ୍କ ଓକିଲ ତାରିଖ ପରେ ତାରିଖ ନେଇ ସମାଧାନ କରୁଥିବେ।

# ସଙ୍କଟରେ ଗ୍ରାମୀଣ ଶ୍ରମିକଙ୍କ ରୋଜଗାର



ଭାଲଚନ୍ଦ୍ର ଷଡ଼ଙ୍ଗୀ

ବହୁଚର୍ଚ୍ଚିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମାଞ୍ଚଳ ରୋଜଗାର ଗ୍ୟାରେଣ୍ଟି ଆଇନ ବା ଏମ୍‌ଜିଏନ୍‌ଆର୍‌ଇଜିଏକୁ ସମାପ୍ତ କରି ତା' ସ୍ଥାନରେ 'ବିକଶିତ ଭାରତ ରୋଜଗାର ଓ ଆଜୀବିକା ମିଶନ (ଗ୍ରାମୀଣ)' ବା 'ଭିବି ଜି ରାମ ଜି' ନାମରେ ଆଉ ଏକ ଆଇନ ପ୍ରଣୟନ କରିଛନ୍ତି। ସଂସଦରେ ସରକାର ନିଛକ ଧ୍ୱନିମତରେ ଏହି ନୂତନ ଆଇନକୁ ଗୃହୀତ କରାଇଛନ୍ତି। ସଂସଦର ଶୀତ ଅଧିବେଶନର ଶେଷ ହେବାର ଠିକ୍ ପୂର୍ବରୁ ତରବରିଆ ଭାବେ ଅଣାଯାଇଥିବା ଏହି ସଂକ୍ରାନ୍ତୀୟ ବିଲ୍‌ଟିକୁ ବିରୋଧୀ ଦଳ ସାଂସଦଙ୍କ ଜୋରଦାର ଦାବି ସତ୍ତ୍ୱେ ତାକୁ ଅଧିକ ବିଚାର ଆଲୋଚନା ପାଇଁ ସଂସଦୀୟ ସ୍ଥାୟୀ ସମିତି ନିକଟକୁ ପଠାଗଲା ନାହିଁ। ଏପରିକି ଏହି ଆଇନ ଯୋଗୁ ପ୍ରଭାବିତ ହେବାକୁ ଯାଉଥିବା ସମସ୍ତ ପକ୍ଷ ଯଥା ଗ୍ରାମାଞ୍ଚଳରେ ରହିଥିବା ଏମ୍‌ଜିଏନ୍‌ଆର୍‌ଇଜିଏର ବହୁ କୋଟି ଶ୍ରମିକ, ସେମାନଙ୍କ ଅଧିକାର ପାଇଁ କାର୍ଯ୍ୟରତ ସଙ୍ଗଠନ, ବିଭିନ୍ନ ରାଜ୍ୟ ସରକାର କାହାରି ବି ମତାମତ ନ ନେଇ ଏହାକୁ ଏକପାଖିଆ ଭାବେ ଗୃହୀତ କରାଇ ଦିଆଯାଇଛି।

୨୦୦୪ ଲୋକ ସଭା ନିର୍ବାଚନ ପରେ କ୍ଷମତାକୁ ଆସିଥିବା ତତ୍କାଳୀନ ୟୁପିଏ ସରକାର ଆଗରେ ଗ୍ରାମାଞ୍ଚଳର ଆର୍ଥିକ ଦୁର୍ଦ୍ଦଶା ଦୂରକରିବା ପ୍ରାଥମିକତାରେ ରହିଥିଲା। ଏହି କ୍ରମରେ ଦେଶବ୍ୟାପୀ ସାମାଜିକ କର୍ମୀ, ଶ୍ରମିକ ସଂଗଠନ, ବୁଦ୍ଧିଜୀବୀଙ୍କ ସହ ବିଚାରବିମର୍ଶ ପରେ ୟୁପିଏ ସରକାର ୨୦୦୫ରେ ଜାତୀୟ ଗ୍ରାମାଞ୍ଚଳ ନିଶ୍ଚିତ ରୋଜଗାର ବିଲ୍ ଆଣିଥିଲେ। ବିଲ୍‌ଟି ଗୃହୀତ ହେବା ପୂର୍ବରୁ ବିଚାରବିମର୍ଶ ପାଇଁ ଭାଜପା ନେତା କଲ୍ୟାଣ ସିଂଙ୍କ ଅଧକ୍ଷତାରେ ଗଠିତ ସଂସଦୀୟ ସ୍ଥାୟୀ ସମିତିକୁ ପଠାଯାଇଥିଲା। ଶେଷରେ ସଂଶୋଧିତ ବିଲ୍‌ଟିକୁ ଦଳମତ ନିର୍ବିଶେଷରେ ସମସ୍ତେ ସମର୍ଥନ କରିବା ପରେ ତାହା ଗୃହୀତ ହୋଇ ଆଇନରେ ପରିଣତ ହୋଇଥିଲା।

ଏହି ଆଇନରେ ଗ୍ରାମାଞ୍ଚଳର ଗରିବ ଶ୍ରମିକମାନଙ୍କୁ ୫ କି.ମି. ପରିଧି ମଧ୍ୟରେ ବାର୍ଷିକ ୧୦୦ ଦିନ କାମ ଯୋଗାଇବାର ବ୍ୟବସ୍ଥା ରହିଥିଲା। ଏଥିରେ ପଞ୍ଜୀକୃତ ହେବା ପରେ ଜଣେ ଶ୍ରମିକ କାମ ମାଗିବାର ୭ ଦିନ ମଧ୍ୟରେ ସରକାର କାମ ଯୋଗାଇବାକୁ ଏବଂ ୧୫ ଦିନ ମଧ୍ୟରେ କାମ ଦେଇ ନ ପାରିଲେ ବେକାରି ଭତ୍ତା ଦେବାକୁ ବାଧ୍ୟ ଥିଲେ। ଏହି ଆଇନ ଆସିବା ପରେ ଶହେ ଦିନର ବିକଳ୍ପ ରୋଜଗାରର ଗ୍ୟାରେଣ୍ଟି ଫଳରେ ବର୍ଷକୁ ଅତିରିକ୍ତ ୧୦୦ଦିନ କାମ ମିଳିବା ସହ ଗାଁରେ କୃଷି ଓ ଅନ୍ୟାନ୍ୟ କାମରେ ସେମାନଙ୍କର ମୂଲଚାଲ କ୍ଷମତା ବଢ଼ିଲା। କାମ ପାଇଁ ଗାଁରୁ ପଳାୟନ ହ୍ରାସ ପାଇବା ସହ ସବୁଠାରୁ ଗରିବ ଲୋକଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେଲା।

ଗତ ୨ଦଶକ ଧରି ପ୍ରଥମେ ନରେଗା ଓ ପରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମାଞ୍ଚଳ ନିଶ୍ଚିତ ରୋଜଗାର ଆଇନ ବା ଏମ୍‌ଜିଏନ୍‌ଆର୍‌ଇଜିଏ ଦେଶର ଗ୍ରାମାଞ୍ଚଳ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଏହା ଜରିଆରେ ଗରିବ ଲୋକଙ୍କ ହାତକୁ ପଇସା ଯିବା ସହ



ପ୍ରତିବର୍ଷ ଗ୍ରାମାଞ୍ଚଳରେ ରାସ୍ତା, ପୋଖରୀ, ଆଡ଼ିବନ୍ଧ, କେନାଲ ନିର୍ମାଣ ପରି ଭିତ୍ତିଭୂମି ସୃଷ୍ଟି ହୋଇପାରିଛି। କୋଭିଡ୍ ସମୟରେ ପ୍ରବାସୀ ଶ୍ରମିକମାନେ ଯେଉଁଭଳି ଖରାପ ସ୍ଥିତିରେ ଗାଁକୁ ଫେରିଲେ, ସେମାନଙ୍କୁ ବଞ୍ଚାଇବାରେ ଏମ୍‌ଜିଏନ୍‌ଆର୍‌ଇଜିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଏମ୍‌ଜିଏନ୍‌ଆର୍‌ଇଜିଏ ମାଧ୍ୟମରେ ଗ୍ରାମୀଣ ଶ୍ରମିକମାନେ ସର୍ବନିମ୍ନ ମଜୁରି ପାଇବା ଅନେକାଂଶରେ ସମ୍ଭବ ହୋଇପାରୁଥିଲା। ଏହାର ଚାପରେ କୃଷି କାମରେ ନିୟୋଜିତ କୃଷି ଶ୍ରମିକଙ୍କ ମଜୁରିରେ ଅନେକ ପରିମାଣରେ ବୃଦ୍ଧି ଘଟିଥିଲା। ସେହି କାରଣରୁ ଗ୍ରାମାଞ୍ଚଳର ଧନିକ ଶ୍ରେଣୀ ବିଶେଷକରି ଧନୀଚାଷୀ ଓ ଜମିଦାର ଶ୍ରେଣୀ ପ୍ରଥମରୁ ଏହି ଆଇନର ବିରୋଧକରି ଆସିଛନ୍ତି। ସେମାନଙ୍କୁ ଖୁସି କରିବାକୁ ସରକାର ନୂଆ ଆଇନରେ ଚାଷ ସମୟରେ ୨ ମାସ ତା' ଅଧୀନରେ ଆସୁଥିବା କାମକୁ ସ୍ଥଗିତ ରଖି କୃଷି ପାଇଁ ଶସ୍ତାରେ ଶ୍ରମିକ ଉପଲବ୍ଧ କରାଇବାକୁ କହିଛନ୍ତି। ଫଳରେ ସରକାରୀ କାମ ପାଇବାରୁ ବଞ୍ଚିତ ହୋଇ ଶ୍ରମିକମାନେ କମ୍ ମଜୁରିରେ କୃଷିକାମ କରିବାକୁ ବାଧ୍ୟ ହେବେ। ସେମାନଙ୍କ ମୂଲଚାଲ କ୍ଷମତା ଦୁର୍ବଳ ହେବ। ଯେତେବେଳେ ଗାଁର ଶ୍ରମିକଙ୍କୁ ସବୁଠାରୁ ଅଧିକ କାମର ଆବଶ୍ୟକତା ଥାଏ, ସେତେବେଳେ ଏଭଳି ନିୟମ ସେମାନଙ୍କୁ କାମରୁ ବଞ୍ଚିତ କରିବ ଏବଂ ସୁଧଖୋର ମହାଜନଙ୍କ ଉପରେ ନିର୍ଭରଶୀଳତାକୁ ବଢ଼ାଇଦେବ।

କେନ୍ଦ୍ର ସରକାର ଆଣିଥିବା ନୂଆ ଆଇନରେ ଏମ୍‌ଜିଏନ୍‌ଆର୍‌ଇଜିଏର ମୂଳ ଲକ୍ଷ୍ୟକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରାଯାଇଛି, ଯେଉଁଥିରେ ଏକ ସାର୍ବଜନୀନ ଚାହିଦାଭିତ୍ତିକ ଆଇନ ମାଧ୍ୟମରେ କାମ ପାଇବାର ସୀମିତ ଅଧିକାରକୁ ନିଶ୍ଚିତ କରାଯାଇଥିଲା। ଏହି କାରଣରୁ ବଜେଟରେ ଏମ୍‌ଜିଏନ୍‌ଆର୍‌ଇଜିଏ ବାବଦରେ ବ୍ୟୟବରାଦର କୌଣସି ସୀମା ନ ଥିଲା। ବଜେଟରେ ନିର୍ଦ୍ଧାରିତ ବ୍ୟୟବରାଦ ରାଶିଠାରୁ ଚାହିଦା ବେଶି ହେଲେ ସରକାରଙ୍କୁ ଅତିରିକ୍ତ ଅନୁଦାନ ଦେବାକୁ ପଡୁଥିଲା। କିନ୍ତୁ ନୂଆ ଆଇନରେ ସେହି ସୁଯୋଗକୁ ସଙ୍କୁଚିତ କରିଦିଆଯାଇଛି। ବଜେଟ ଅନୁଦାନକୁ ଏକ ସୀମା ମଧ୍ୟରେ ରଖି କାମ କମାଇବା ଦିଗରେ ବ୍ୟବସ୍ଥା ରଖାଯାଇଛି। ଆଇନ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ଚାହିଦା ଅନୁଯାୟୀ ତହବିଲ ବ୍ୟବସ୍ଥା କରିବା ଦାୟିତ୍ୱରୁ ମୁକ୍ତ କରିବାକୁ ଆଇନଗତ ସମ୍ମତି ଦିଆଯାଇଛି।

ପୂର୍ବରୁ ଜଣେ ଶ୍ରମିକ ବର୍ଷର ୩୬୫ ଦିନ ମଧ୍ୟରୁ ଯେକୌଣସି ୧୦୦ ଦିନ କାମ ମାଗିବାର ବ୍ୟବସ୍ଥା ଥିବା ବେଳେ ନୂଆ ଆଇନରେ ତାକୁ ବର୍ଷରେ ୨ମାସ ହ୍ରାସ କରାଯାଇଛି। ସରକାରଙ୍କ ପକ୍ଷରୁ ୧୦୦ ଦିନ ବଦଳରେ ଏଣିକି ୧୨୫ ଦିନ ନିଶ୍ଚିତ କାମ ଦେବାର ଯେଉଁ ଉଲ୍ଲେଖ କରାଯାଇଛି ତାହା ଉପରଠାଉରିଆ ବୋଲି କୁହାଯାଇପାରେ। ପୂର୍ବ ଆଇନରେ ବାର୍ଷିକ ୧୦୦ ଦିନ କାମ ଯୋଗାଇବାର ବ୍ୟବସ୍ଥା ଥିବାବେଳେ ସରକାର ଗତ ୧୧ ବର୍ଷ ମଧ୍ୟରେ ବାର୍ଷିକ ଅତିବେଶିରେ ୩୩-୫୦ ଦିନ କାମ ଦେଇପାରିଛନ୍ତି। ଏଥିରେ ବହୁ କମ୍ ମଜୁରି ମିଳିବା, ବହୁତ ବିଳମ୍ବରେ ମଜୁରି ଦିଆଯିବା ଏବଂ କେନ୍ଦ୍ରର ଅନୁଦାନ ଆସିବାରେ ଅହେତୁକ ବିଳମ୍ବ ଲାଗି ଶ୍ରମିକମାନେ ନିଜର ଚାହିଦା ମୁତାବକ କାମ ପାଇପାରୁ ନ ଥିଲେ। ଅତଏବ ପୂର୍ବର ୧୦୦ ଦିନ କାମ ଯୋଗାଇବାରେ ବିଫଳ ସରକାର ଏବେ ବାର୍ଷିକ ୧୨୫ ଦିନ କାମ ଦେବାର ପ୍ରତିଶ୍ରୁତି ଦେବା ହାସ୍ୟାସ୍ପଦ ମନେହୁଏ।

ବିପଜ୍ଜନକ କଥା ହେଲା, ଆଇନରେ ନିଷ୍ପତ୍ତି ନେବାର ଅଧିକାରକୁ ସମ୍ପୂର୍ଣ୍ଣ କେନ୍ଦ୍ରୀକରଣକରି କେନ୍ଦ୍ର ସରକାରକୁ ସମସ୍ତ କ୍ଷମତା ଦିଆଯାଇଥିବା ବେଳେ ଖର୍ଚ୍ଚର ଭାରକୁ ରାଜ୍ୟ ସରକାରଙ୍କ ଉପରେ ଲଦିଦିଆଯାଇଛି। ଏଣିକି ଦେଶର କେଉଁ ଅଞ୍ଚଳର ଲୋକଙ୍କୁ କାମ ଦିଆଯିବ, କେଉଁ ପ୍ରକାର କାମ କରାଯିବ ଓ ବର୍ଷର କେଉଁ ସମୟରେ ୬୦ ଦିନ କାମ ବନ୍ଦ କରାଯିବ, ସବୁ କିଛି କେନ୍ଦ୍ର ସରକାର ସ୍ଥିର କରିବେ। ଏହା ସଂଘୀୟ ବିଚାରର ପରିପନ୍ଥୀ। ଅନ୍ୟପଟେ ପୂର୍ବରୁ ମଜୁରି ଦେବାର ସମ୍ପୂର୍ଣ୍ଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କର ଥିବାବେଳେ ନୂଆ ଆଇନରେ ତାକୁ ୬୦:୪୦ ଅନୁପାତରେ ରାଜ୍ୟ ସରକାରଙ୍କ ଉପରେ ଲଦିଦିଆଯାଇଛି। ଅର୍ଥାତ୍ ରାଜ୍ୟ ସରକାରମାନେ ମଜୁରି ବାବଦରେ ମୋଟ ଖର୍ଚ୍ଚର ୪୦% ବହନ କରିବେ। ସହଜେ ତ ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ଓ ଅଧିକାରୁ ଅଧିକ ସେସ୍ ଆଦାୟ ଯୋଗୁ ରାଜ୍ୟମାନେ ଟିକସ ଆଦାୟ କରିବାର ନିଜର ସ୍ୱାଧୀନତାକୁ ହରାଇ ବିପୁଳ ଆର୍ଥିକ କ୍ଷତି ସହୁଥିବା ବେଳେ ସେମାନଙ୍କ ଉପରେ ଏହି ଆଇନ ଯୋଗୁ ପଡ଼ିବାକୁ ଥିବା ଅତିରିକ୍ତ ବୋଝକୁ ସମ୍ଭାଳିବା କଷ୍ଟସାଧ ହେବ। ସେମାନେ ଯଦି ଏହି ବୋଝ ଉଠାଇବାକୁ ସକ୍ଷମ ହେବେନାହିଁ ତା'ହେଲେ କେନ୍ଦ୍ର ସରକାର ନିଜର ୬୦% ଅଂଶ ନ ଦେବାକୁ ସୁଯୋଗ ପାଇବେ। ଏଭଳି ସ୍ଥିତିରେ ଶ୍ରମିକମାନେ କାମ ପାଇବାରୁ ବଞ୍ଚିତ ହେବେ।

ମହାତ୍ମା ଗାନ୍ଧୀଙ୍କ ନାମରେ ଥିବା ଏମ୍‌ଜିଏନ୍‌ଆର୍‌ଇଜିଏକୁ ହଟାଇ ତାକୁ ଯେଉଁଭଳି 'ଜି ରାମ ଜି' କରାଯାଇଛି, ସେଥିରୁ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶାସକ ଦଳର ଆଦର୍ଶଗତ ଅସୂୟା ବାରି ହୋଇଯାଉଛି। କେନ୍ଦ୍ର ସରକାର ପୂର୍ବରୁ ହିଁ ବିଭିନ୍ନ ଯାନ୍ତ୍ରିକ କାରଣ ଦେଖାଇ ଦେଶର ବହୁ କୋଟି ଏମ୍‌ଜିଏନ୍‌ଆର୍‌ଇଜିଏ ଶ୍ରମିକଙ୍କୁ ପଞ୍ଜୀକରଣ ତାଲିକା ଓ ଜବ୍‌କାର୍ଡରୁ ବାଦ୍ ଦେଇଛନ୍ତି। ନୂଆ ଆଇନରେ ଜବ୍‌କାର୍ଡକୁ 'ଯୁକ୍ତିସଂଗତ' ଓ 'ପାରଦର୍ଶୀ' କରିବା ନାଁରେ ବସ୍ତୁତଃ ଗ୍ରାମାଞ୍ଚଳର ଗରିବ ଶ୍ରମିକଙ୍କ ଏକ ବଡ଼ ଅଂଶକୁ ଯୋଜନାରୁ ବାହାରେ ରଖିବାର ଦ୍ୱାର ଖୋଲାଯାଇଛି। ଏହି ଆଇନ ଗ୍ରାମାଞ୍ଚଳର ବହୁ କୋଟି ଶ୍ରମିକଙ୍କୁ କାମର ଅଧିକାର ଓ ସୁଯୋଗରୁ ବଞ୍ଚିତ କରିବାକୁ ଯାଉଛି। ପରିଣାମ ସ୍ୱରୂପ ଗାଁଗୁଡ଼ିକରେ ବେକାରି ଓ ଦାରିଦ୍ର୍ୟ ବଢ଼ିବା ସହ ଅଧିକରୁ ଅଧିକ ଲୋକ ବାହାରକୁ ପଳାୟନ କରିବାକୁ ବାଧ୍ୟ ହେବେ।

ମୋ: ୯୪୩୭୧୬୬୩୯୧

# ଏବର ଚାଷବାସ



ଶୁଭନାରାୟଣ ଶତପଥୀ

କୃଷି ବିନା ସମ୍ଭବ ନୁହେଁ ଖୁସି। ଖୁସି ସେହିଠାରୁ ଆସେ ଯେଉଁଠି ଥାଏ ଅନ୍ନ। ଅନ୍ନଗ୍ରହଣ ନାଶକରେ ଭୋକ। ଭୋକରୁ ଉତ୍ତୀର୍ଣ୍ଣ ହେବାକୁ ହେଲେ ମାଟି ସହ ମାଟି ହୋଇ କରିବାକୁ ହୁଏ କର୍ଷଣ। ମାଟି ସହ ଜଡ଼ିତ ବ୍ୟକ୍ତି ହିଁ ମାଟି ହେବାକୁ ଧାଇଁ ଆସେ। କାରଣ ସେ ମାଟିର ମହତ୍ତ୍ୱ ବୁଝିଥାଏ। ପଙ୍କ କାଦୁଅ ଜମିରେ ଫୁଟାଏ ପଦ୍ମ ରୂପକ ଶସ୍ୟ। ଶସ୍ୟରୁ ଜୀବନ। ଜୀବନ ଥିଲେ ମିଳେ ସମୃଦ୍ଧି ଓ ସମ୍ମାନ। ସେ ସମୃଦ୍ଧି ଓ ସମ୍ମାନ ମାଟି ସହ ମାଟି ହେଉଥିବା ବ୍ୟକ୍ତିବିଶେଷଙ୍କୁ କେତେ ମିଳେ ଆଉ ଅନ୍ୟ ବୃତ୍ତିରେ ଥିବା ବ୍ୟକ୍ତିଙ୍କୁ କେତେ ମିଳେ ତାହା ସର୍ବିଙ୍କୁ ଜଣା। କିନ୍ତୁ ମାଟି ସହ ମାଟି ହେଉଥିବା ବ୍ୟକ୍ତି ମାଟି, ମଞ୍ଜି, ମଗଜର ଅଙ୍କ କଷିଦିଏ ଅନ୍ନ। ଏଣୁ ଅନ୍ନଦାତା ଓ ଅନ୍ୟମାନଙ୍କ ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ। କାରଣ ଅନ୍ନଦାତା ହିଁ କୃଷକ ବାକି ସବୁ ଅନ୍ୟ ବୃତ୍ତିର ଗ୍ରାହକ।

ଅର୍ଥନୀତି କହିଲେ କୃଷି ଓ କୃଷି ଉଦ୍ୟୋଗର ସିଂହଭାଗକୁ ବୁଝାଏ। କାରଣ କୃଷି ହିଁ ଖାଦ୍ୟ, ଶସ୍ୟର ଜନ୍ମଦାତା। ଆଉ ଖାଦ୍ୟ ବିନା ମଣିଷ ବଞ୍ଚିପାରେନା। ୧ଲକ୍ଷ ୩୨ ହଜାର କୋଟିରୁ ଊର୍ଦ୍ଧ୍ୱ ବଜେଟ ବ୍ୟବସ୍ଥାରେ କୃଷି ଓ କୃଷକ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଛି ଅନେକ ଯୋଜନା। ଉତ୍ପାଦନ ଅଭିବୃଦ୍ଧିର ଅଙ୍କ ବି ବେଶ୍ ଭଲ। ତେବେ ପିଲାଦିନୁ ଗାଁରେ ବଢ଼ିଥିବା ବିଜୟବାବୁ ଅବସର ପରେ ସହରରେ ରୁହନ୍ତି ସିନା ନିଜ ଭିଟାମାଟି ଓ ଗାଁ ଭାଇମାନଙ୍କ ପ୍ରତି ମୋହରେ ପଡ଼ି ମାସକୁ ଚାରିଥର ଗାଁକୁ ଧାଇଁଯାଆନ୍ତି। ଯାଆନ୍ତି ସତ କିନ୍ତୁ ମୁହଁ ଶୁଖାଇ ବସି କୁହନ୍ତି, କାହିଁ ଆମ ପିଲାଦିନର ଶାଗୁଆ କ୍ଷେତ? ଜମି ତ ବଢୁନାହିଁ ବଢୁଛି ଘରଡିହ। ଯେଉଁଠି ଚାଷ ଜମି ଥିଲା ଆଜି ସେଠି କଂକ୍ରିଟ ଘରଦ୍ୱାର ସହରର ଭ୍ରମ ସୃଷ୍ଟି କରୁଛି। ନଈକୂଳିଆ ପଠାଜମିରେ ଘାସ ମାଡ଼ିଯିବା ଦେଖି ଦେହ ସହୁନାହିଁ। ଯେଉଁ ନଦୀପଠାରେ ଫସଲ ଦେଖି ପିଲାବେଳେ ମନ ଖୁସି ହୋଇଯାଉଥିଲା ସେଠି ଘାସ ବୁଦାମୟ। ଧାନ ଖଳାଗୁଡ଼ିକ କେଉଁଠି ହଜିଗଲାଣି ଯେ ଜାଣି ହେଉନାହିଁ। କେଉଁଠି କେମିତି ମେରିକୁ ଦେଖି ସ୍ମୃତି ସାଉଁଟିବାର କଥା। ନା ଆଉ ବେଙ୍ଗଳା ପଡୁଛି ନା ପାଳଗଦା ଅଛି। ମେସିନରେ ଧାନକଟା ଯୋଗୁ ଛଣବିଡ଼ାଟିଏ ବି ଦିଶୁନାହିଁ। ଗୋରୁ ଖାଉଥିବେ କ'ଣ? ଗାଁରେ ଗୁହାଳ ତ ନାହିଁ, ରହୁଥିବେ ସେମାନେ କେଉଁଠି? ଏଣୁ ରାସ୍ତାରେ ଗୋରୁ କାହିଁକି ବା ନ ବୁଲିବେ? ଏକଥା ସ୍ପଷ୍ଟ ଯେ ଆଜିବି ସବୁ ଚାଷୀଙ୍କ ପାଖରେ ଗୁହାଳ ନାହିଁ କି ଶସ୍ୟ ସାଇତା କୋଠି ନାହିଁ। ଏଣୁ ଅସମୟ ପାଇଁ ଶସ୍ୟ ସଞ୍ଚୟ ହେବ କେମିତି? ଆଉ ଶୀତଳଭଣ୍ଡାର କଥା ପଚାରୁଛି କିଏ? ଗୋଷ୍ଠୀ ସହଭାଗିତାର ଶୀତଳଭଣ୍ଡାର ଦେଖାଯାଉନାହିଁ। ବିଜୟବାବୁଙ୍କ ସମବୟସ୍କ କୃଷକଭାଇଙ୍କ ପିଲାମାନେ ଆଉ ଜମି ଆଡ଼କୁ ଯାଉନାହାନ୍ତି। ଦୁଃଖର କଥା, ପରିଣତ ବୟସରେ ବିଜୟବାବୁଙ୍କ ଅଧିକାଂଶ



କୃଷକସାଙ୍ଗ ହିଁ ଚାଷ କରୁଛନ୍ତି। ଗାଁ ମୁଣ୍ଡ ବରଗଛ ମୂଳରେ ଯୁବଗୋଷ୍ଠୀଙ୍କ ମେଳି ନା କୃଷିକୁ ବଳିଷ୍ଠ କରୁଛି ନା ଅର୍ଥନୀତିକୁ। ବିଚରା ବିଜୟବାବୁ ଚାଷୀ ପରିବାରରୁ ବୋଲି ସିନା ଗାଁର ଏପରି ଚିତ୍ର ଦେଖି ତାଙ୍କ ମନଟା ଗୋଳେଇଘାଣ୍ଟି ହେଉଛି। ଆଉ ଗାଁର ସାଙ୍ଗଙ୍କ ସହ ଏସବୁ କଥା ଆଲୋଚନା କରିବାବେଳେ ଜଣାପଡ଼ିଲା ଯେ ସେ ଗାଁରେ ବି ସମଦଶା। ବିଜୟବାବୁଙ୍କ ସାଙ୍ଗ କହିଲେ, ଆରେ ତୁମ ଗାଁ ଛାଡ଼, ଆମ ଗାଁରେ ଗାଈ ସଂଖ୍ୟା କମ୍ କିନ୍ତୁ ଗାଈକ୍ଷୀରର ଅଭାବ ନାହିଁ। ଅନେକ ଜମି ପଡ଼ିଆ ପଡ଼ିଛି। ବାହାରୁ ପନିପରିବା ଆସୁଛି। ଏଣୁ ଆମ ଗାଁ ମୁଣ୍ଡ ଛକରେ ସବୁବେଳେ ପନିପରିବା ଉପଲବ୍ଧ। ଏବେ କେତେଜଣ ଲୋକ ପନିପରିବା ଦୋକାନ କରୁଛନ୍ତି, ଧାନର ବିକ୍ରିବଟା କରୁଛନ୍ତି କିନ୍ତୁ ଚାଷଜମିକୁ ଯାଉନାହାନ୍ତି। ଆଉ ଯେଉଁ କେତେଜଣ ଯାଉଛନ୍ତି ସେମାନଙ୍କର ମୁଖ୍ୟ ବୃତ୍ତି ଅନ୍ୟ କିଛି। ସାର, କୀଟନାଶକ ପ୍ରୟୋଗ ଶସ୍ୟ ଉତ୍ପାଦନକୁ ହିତ ସିନା ଶରୀରକୁ ଅହିତ। କୀଟନାଶକ ଓ ସାର ପ୍ରଭାବରେ ଚାରିଦିନରେ ଶାଗପଟାଳିରୁ ଛନଛନିଆ ଶାଗ ବାହାରୁଛି। ବାଇଗଣ ଗଛରେ ପୋକ ଲାଗିବାର ପ୍ରଶ୍ନ ଉଠୁନାହିଁ। ଏସବୁ ଖାଇଲେ ରୋଗ ହେବନାହିଁ ତ ଆଉ କ'ଣ ହେବ? ତଥାପି ଚାଷୀଭାଇ ତା'ର ଅର୍ଥ ରୋଜଗାରକୁ ନେଇ କୁହେ, ଯେଉଁ ପରିମାଣରେ ଖର୍ଚ୍ଚ ବଢ଼ିଲାଣି ସେହି ତୁଳନାରେ ଲାଭ ନାହିଁ ଚାଷ କାମରେ। ତଥାପି ୧ ବର୍ଷ ପାଇଁ ନିଜ ପାଇଁ ଖାଦ୍ୟ ଯୋଗାଡ଼କରି ରଖିଦେବା ଉଦ୍ଦେଶ୍ୟରେ ବାଧ୍ୟହୋଇ କରୁଛୁ। ଏଭଳି ମାନସିକତାର ବୃଦ୍ଧି ବାସ୍ତବରେ ବିପଦ। ସେ ଯାହା ହେଉନା କାହିଁକି କୃଷି ଓ କୃଷକ କଲ୍ୟାଣ ଚାଷଜମିକୁ ଘରଡିହରେ ରୂପାନ୍ତରିତ କରିବା ଦ୍ୱାରା ହୁଏ ନାହିଁ ବରଂ ଶାଗୁଆ କ୍ଷେତରେ ରୂପାନ୍ତରିତ କରିବା ଦ୍ୱାରା ହୁଏ। ଯୁବକ ଚାଷ ପାଇଁ ଆଗ୍ରହୀ ହୋଇ କ୍ଷେତମୁହାଁ ହେଲେ ଗାଁର ଉତ୍ପାଦ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ, ବିକ୍ରିବଟା ହୋଇପାରିବ ଓ ସୁଚିନ୍ତିତ ବଜାର ବ୍ୟବସ୍ଥାରେ କୃଷକ ଯଥେଷ୍ଟ ଲାଭ ପାଇବ। ସାର କୀଟନାଶକ ପରିବର୍ତ୍ତେ ଜୈବିକ ଚାଷର ବହୁଳ ପ୍ରସାର ହେଲେ, ବଳକା ଚାଷ ଦ୍ରବ୍ୟର ମାର୍କେଟିଂ ହେଲେ, ଅର୍ଥିକ ପ୍ରୋତ୍ସାହନକୁ ପ୍ରାଥମିକତା ଦେଲେ ଓ ଦଲାଲଙ୍କୁ ଦୂରେଇ ଶସ୍ୟ, ଫଳ, ପନିପରିବା ଆଦି ସବୁ ଚାଷର ଚାଷୀଙ୍କୁ ସିଧାସଳଖ ଓ ସର୍ବାଧିକ ସୁବିଧା ପ୍ରଦାନକଲେ ଚାଷୀର ମୁହଁରେ ହସ ଫୁଟିପାରନ୍ତା ଓ ଚାଷୀ ସଂଖ୍ୟା ସହ ଆଗ୍ରହ ଆହୁରି ବଢ଼ନ୍ତା। ଚାଷ ଓ ଚାଷୀ ପାଇଁ ଲାଭ ଏବଂ ସମ୍ମାନ ସ୍ତର ଏପରି ହେବା ଉଚିତ ଯେପରି ସହରରୁ ଯୁବଗୋଷ୍ଠୀ ଗାଁକୁ ଚାଷ କରିବାକୁ ଧାଇଁ ଆସିବେ। ଚାଷରୁ ଲାଭ ପ୍ରଚୁର ପାଇବେ ଓ ତାହାକୁ ବୃତ୍ତିଭାବରେ ଗ୍ରହଣକଲେ ସମ୍ମାନ ଓ ମର୍ଯ୍ୟାଦା ମିଳୁଛି ବୋଲି ସର୍ଭିଏ ଭାବିବେ। ସେତେବେଳେ ହିଁ ଚାଷ ଓ ଚାଷୀର ବୃତ୍ତିଗତ ଚାହିଦା ବଢ଼ିଛି ବୋଲି ଅନୁଭବ ହେବ ଓ ଗ୍ରାମୀଣ ବିକାଶର ଅର୍ଥନୀତି ଅଧିକ ସୁଦୃଢ଼ ହେବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## ଏଇ ଭାରତରେ

ବର୍ଷେ କି ଦୁଇ ବର୍ଷ ନୁହେଁ, ଦୀର୍ଘ ୩୦ ବର୍ଷ ହେଲା କଶ୍ମୀରରେ ଜଣେ ମହିଳା ଡାକ କର୍ମଚାରୀ ଦୁର୍ଗମ ଅଞ୍ଚଳରେ ଚାଲି ଚାଲି ପାର୍ସଲ ବାଣ୍ଟୁଛନ୍ତି। କର୍ତ୍ତବ୍ୟନିଷ୍ଠ ଏହି ମହିଳା ଜଣକ ହେଉଛନ୍ତି ଉଲଫତା ବାନୋ। ବଡ଼ କଥା ହେଉଛି ଶୀତଦିନେ ସେ ଆଣ୍ଠୁଏ ବରଫରେ ମଧ୍ୟ ଠିକଣା ଜାଗାକୁ ଯାଇଥାନ୍ତି। ବାନୋ ମାଟ୍ରିକ ପାସ୍ କରିଛନ୍ତି ଏବଂ ତାଙ୍କୁ ବୟସ ଏବେ ୫୫। ଦକ୍ଷିଣ କଶ୍ମୀର ଶୋପିଆନ ଜିଲାର ହିପୋରା ଗାଁର ପୋଷ୍ଟ ଅଫିସରେ ସେ କାମ କରୁଛନ୍ତି। ଶ୍ରୀନଗରଠାରୁ ଏହି ଗାଁର ଦୂରତା ୭୦ କି.ମି.। ହିପୋରା ଓ ଏହା ଆଖପାଖ ଅଞ୍ଚଳର ତାପମାତ୍ରା ଶୀତଦିନେ ମାଇନସ ୧୫ ଡିଗ୍ରୀ ସେଲସିୟସ ରହିଥାଏ। ଏଭଳି ସ୍ଥିତିକୁ ଖାତିର ନ କରି ଉଲଫତା ପ୍ରତିଦିନ ଚିଠି ଏବଂ ପାର୍ସଲ ଦେବାକୁ ଲୋକଙ୍କ ଘରେ ପହଞ୍ଚି ଯାଇଥାନ୍ତି। ହିପୋରା ଏକ ଅଭୟାରଣ୍ୟ ନିକଟରେ ଥିବାରୁ ଶୀତଦିନେ ଖାଦ୍ୟାଭାବ ଦେଖାଦିଏ। ଭାଲୁ ଓ ଚିତାବଘ ଗାଁ ଆଡ଼କୁ ଚାଲି ଆସିଥାନ୍ତି। ଏଭଳି ସ୍ଥିତିକୁ ଖାତିର ନ କରି ସେ ଚିଠି ବାଣ୍ଟିବାକୁ ବାହାରି ଯାଇଥାନ୍ତି। ତେବେ ଦୀର୍ଘବର୍ଷ ମଧ୍ୟରେ ସେ କେବେ ବି ବନ୍ୟଜନ୍ତୁଙ୍କୁ ସାମ୍ନା କରି ନାହାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ଡିସେମ୍ବର ୧୯୭୬**

- ମିଃ. ଜିନ୍‌ଲୁଇ ଗଏସିମିଶଙ୍କୁ ଭାରତରେ କେନ୍ଦ୍ର ଆଫ୍ରିକା ସାଧାରଣତନ୍ତ୍ରର ପ୍ରଥମ ରାଷ୍ଟ୍ରଦୂତ ଭାବେ ମନୋନୀତ କରାଯାଇଛି।
- ମରିସସ୍‌ର ପାର୍ଲାମେଣ୍ଟ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶିବସାଗର ରାମଗୁଲାମଙ୍କ ପାର୍ଟି ଓ ଅଂଶୀଦାର ଦଳ ବିପର୍ଯ୍ୟୟର ସମ୍ମୁଖୀନ।

## ଚିରନ୍ତନୀ

ଜାଗିଥିଲା ତହିଁ ସହସା ମୋ କବି-ପାଗଳ
ମାନସର ଶିଶୁ ନାଚିଥିଲା ଅତି ଚପଳ
ସେଇ ପାହାଡ଼ର ଚୂଳେ ହୋଇ ଠିଆ-
ଡାକିବାକୁ ମୋର ଲୋଡ଼ିଥିଲା ହିଆ
ଜଗତ ଭିତରେ ଅକୁହା ବାରତା ସକଳ
କୁଟିଳ ଘାଟିରେ ଉଠିଥିଲା ହୋଇ ବିକଳ।
-(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 8 | | | 9 |
| 3 | | | | | | | | 5 |
| 5 | | 8 | | | 3 | 2 | | |
| | | 6 | 2 | | | 1 | 9 | 7 |
| | | | | | | | | |
| | | | 7 | | | 3 | | 2 |
| | | | | 8 | | | | |
| | 7 | | | 5 | 4 | | | |
| | | 4 | 6 | 1 | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 8 | 4 | 1 | 3 | 7 | 6 | 2 |
| 3 | 6 | 2 | 7 | 5 | 8 | 1 | 4 | 9 |
| 7 | 4 | 1 | 6 | 2 | 9 | 5 | 8 | 3 |
| 2 | 3 | 5 | 8 | 6 | 1 | 9 | 7 | 4 |
| 4 | 7 | 6 | 3 | 9 | 5 | 8 | 2 | 1 |
| 1 | 8 | 9 | 2 | 7 | 4 | 6 | 3 | 5 |
| 8 | 1 | 4 | 9 | 3 | 7 | 2 | 5 | 6 |
| 6 | 5 | 7 | 1 | 4 | 2 | 3 | 9 | 8 |
| 9 | 2 | 3 | 5 | 8 | 6 | 4 | 1 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜାତୀୟ ଉତ୍ସବ ଚରମ୍ପାରେ ହେଉ

ମହାଶୟ,

'ଧରିତ୍ରୀ'ରେ ସ୍ଥାନିତ ଶୀର୍ଷକ 'ସାଂସ୍କୃତିକ ମହୋତ୍ସବ'ର ନୂଆ ଠିକଣା ଚରମ୍ପା ଓଏସ୍‌ଆର୍‌ଟିସି ପଡ଼ିଆ ଖବରଟି ପଢ଼ି ଖୁସି ଲାଗିଲା। କିଛିଦିନ ତଳେ ଚରମ୍ପାରେ ଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ପୁରାତନ ବସ୍‌ଷ୍ଟାଣ୍ଡରୁ ଜବରଦଖଲ ଉଚ୍ଛେଦ କରାଯାଇ ୪ ଏକରରୁ ଊର୍ଦ୍ଧ୍ୱ ଜମି ସରକାରଙ୍କ ନିୟନ୍ତ୍ରଣକୁ ଆସିଥିଲା। ଏଠାରେ ବିଭିନ୍ନ ସରକାରୀ ଉତ୍ସବାନୁଷ୍ଠାନ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି। ଏହି ସରକାରୀ ଜାଗାକୁ ଲିଜ୍ ଆକାରରେ ଦିଆଯାଇଥିଲା ଏବଂ ଲିଜ୍ ଅବଧି ସରିବା ପରେ ମଧ୍ୟ ଲିଜ୍‌ଧାରୀ ଏହାକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ଅବଶ୍ୟ ଜିଲାସ୍ତରର କିଛି ଅଧିକାରୀଙ୍କ ପ୍ରଚ୍ଛନ୍ନ ସମର୍ଥନ ସେମାନଙ୍କ ପଛରେ ଥିଲା। ବର୍ତ୍ତମାନ ଏହା ନିୟନ୍ତ୍ରଣମୁକ୍ତ ଏବଂ ଏଠାରେ ସବୁ ଉତ୍ସବ ଅନୁଷ୍ଠିତ ହେବ। ଏଥିସହ ଏଠାରେ ପ୍ରତିବର୍ଷ କୃଷିମେଳା, ପୁସ୍ତକ ମେଳା, ଶିଶୁ ମେଳା ଇତ୍ୟାଦି ଆୟୋଜନ କରାଯିବ। ଏଠାରେ ଭାରତର ୨ଟି ମୁଖ୍ୟ ଜାତୀୟ ଉତ୍ସବ ପତାକା ଉତ୍ତୋଳନ ଓ ପରେଡ କରାଯିବାର ବ୍ୟବସ୍ଥା କରାଯାଉ।

**-ବୈଲୋଚନ ମହାନ୍ତି, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ନବରଙ୍ଗପୁର ୩ ବ୍ଲକ୍‌ରେ ଚାଷୀ ଆନ୍ଦୋଳନ

- ଧାନ, ମକା ଗଦାଇ ଧାରଣାରେ ଚାଷୀ
- ସପ୍ତାହବ୍ୟାପୀ ଚକ ଅଖ ବନ୍ଦ ଡାକରା
- ସମର୍ଥନ ଜଣାଇ ଧାରଣାରେ ବସିଲେ ବିଜେଡି, କଂଗ୍ରେସ ନେତା

ଝରିଗାଁ, ୨୨।୧୨ (କିଶୋର ଚନ୍ଦ୍ର ମଣ୍ଡଳ/ସନ୍ତୋଷ ଶତପଥୀ)

ମଣ୍ଡି ଖୋଲିବାରେ ବିଳମ୍ବ, ଧାନ ଓ ମକାର ଅଭାବୀ ବିକ୍ରି, ମକା କୁଇଣ୍ଟାଲ ପିଛା ଦର ୬ଶହ ଟଙ୍କା କମାଇବା ପ୍ରତିବାଦରେ ସୋମବାର ନବରଙ୍ଗପୁର ଜିଲାର ଝରିଗାଁ, ଉମରକୋଟ ଓ ରାଇଘରଠାରେ ଚାଷୀ ମହାସଂଘ ପକ୍ଷରୁ ବ୍ଲକ ବନ୍ଦ କରାଯାଇଛି। ଏହି ଆନ୍ଦୋଳନ ୭ ଦିନ ଧରି ଚାଲିବ ବୋଲି ମହାସଂଘ ଚେତାବନୀ ଦେଇଛି। ଝରିଗାଁ ବସ୍‌ଷ୍ଟାଣ୍ଡରେ ଚାଷୀମାନେ ଧାନ, ମକା ରଖି ଧାରଣା ଦେଇଥିଲେ। ଝରିଗାଁ ତହସିଲଦାର ସୁମନ୍ତ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଧାରଣାରୁ ହଟିବାକୁ ଅନୁରୋଧ କରିଥିଲେ। ଜିଲାପାଳ ଆସି ଚାଷୀଙ୍କ ସମସ୍ୟା ସମାଧାନ ନେଇ ଲିଖିତ ପ୍ରତିଶ୍ରୁତି ଦେବା ପରେ ହିଁ ଆନ୍ଦୋଳନ ହଟିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ଚାଷୀଙ୍କ ଏହି ଆନ୍ଦୋଳନକୁ ବିଜେଡି ଓ କଂଗ୍ରେସ ସମର୍ଥନ ଜଣାଇଛି। ଉଭୟ ଦଳର ନେତାମାନେ ଚାଷୀଙ୍କ ସହ ଧାରଣାରେ ବସିଥିଲେ।


ଝରିଗାଁରେ ଚାଷୀ ଓ ରାଜନୈତିକ ଦଳର ନେତାମାନେ ପ୍ରତିବାଦ କରୁଛନ୍ତି।

ନବରଙ୍ଗପୁର ଜିଲାର ୩ ବ୍ଲକ ଝରିଗାଁ, ଉମରକୋଟ ଏବଂ ରାଇଘରରୁ ହିଁ ଅଧିକ ମକା ଚାଷ ହେଉଛି। ଏବେ ଯାଏ କିନ୍ତୁ ଚାଷୀଙ୍କ ପାଇଁ ସରକାର ମକା ମଣ୍ଡି ଖୋଲି ପାରିଲେ ନାହିଁ। ଫଳରେ ଚାଷୀ ଠିକ୍ ଦରରେ ମକା ବିକ୍ରି କରିପାରୁ ନାହାନ୍ତି। ଗତବର୍ଷ ଏହି ସମୟରେ ମକା କୁଇଣ୍ଟାଲ ୨୩ ଶହରୁ ୨୪ ଶହ ଟଙ୍କା ରହିଥିଲା। କେନ୍ଦ୍ର ସରକାର ମକାର ସର୍ବନିମ୍ନ ସହାୟକ ମୂଲ୍ୟ ୨୪ ଶହ ଟଙ୍କା ଧାର୍ଯ୍ୟ କରିଛନ୍ତି। କିନ୍ତୁ ଓଡ଼ିଶାରେ ମକା କୁଇଣ୍ଟାଲ ପିଛା ଦର ୧୮ ଶହ ଟଙ୍କା ରହିଛି। ଚାଷୀଙ୍କୁ କୁଇଣ୍ଟାଲ ପିଛା ୫ଶହରୁ ୬ଶହ ଟଙ୍କା କ୍ଷତି ସହିବାକୁ ପଡୁଛି। ଏଠାରେ ମୁଖ୍ୟମନ୍ତ୍ରୀ ମକା ମିଶନ କାର୍ଯ୍ୟକାରୀ କରାଯାଇ ନାହିଁ ବୋଲି ଚାଷୀମାନେ କହିଛନ୍ତି। ସେହିଭଳି ଗତବର୍ଷ ନଭେମ୍ବର ସୁଦ୍ଧା ଧାନ ମଣ୍ଡି ଖୋଲାଯାଇଥିଲା। କିନ୍ତୁ ଚଳିତ ବର୍ଷ ଏଥିରେ ବିଳମ୍ବ ହୋଇଛି। ବର୍ତ୍ତମାନ ସୁଦ୍ଧା ଧାନ କ୍ରୟ କରିବା ସକାଶେ ମିଲ୍ ମାଲିକଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର କରାଯାଇ ପାରି ନାହିଁ। ଫଳରେ ଧାନ ମଣ୍ଡି ସକାଶେ କୌଣସି ଟାର୍ଗେଟ ଆସିନାହିଁ ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ସରକାର ଏହିସବୁ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ ଦିଗରେ କାର୍ଯ୍ୟ କରନ୍ତୁ ବୋଲି ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ସମସ୍ୟା ସମାଧାନ ନ ହେଲେ ଜିଲା ବ୍ୟାପୀ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଚାଷୀମାନଙ୍କ ସହିତ ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ରମେଶ ଚନ୍ଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଡାବୁଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା, ମନୋରଞ୍ଜନ ତ୍ରିପାଠୀ, ଲିପିକା ମାଝୀ, ଅଶୋକ କୁମାର ମୂର୍ତ୍ତି, ହାରାବତୀ ଗଣ୍ଡ, ପ୍ରେମା ପାଣ୍ଡେ, ତମ୍ବୁଦାସ ପନକା, ଉଦୟ ନାଥ ନାୟକ,ଅଖିଳ ଭଦ୍ରା, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ନରସିଂହ ମାଝୀ ପ୍ରମୁଖ ଧାରଣାରେ ବସିଥିଲେ।

# ଇଚ୍ଛାମୃତ୍ୟୁ ଆବେଦନ କଲେ ଯୁବକ


## ରାଜନୈତିକ କାରଣରୁ ସାମାଜିକ ବାସନ୍ଦ

ଦିଗପହଣ୍ଡି,୨୨।୧୨ (ଅଶେଷ ନାଥ ମିଶ୍ର)

ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇ ହାରିବା ପରେ ସାହିରୁ ୪ ବର୍ଷ ହେଲା ବାସନ୍ଦ ହୋଇଥିବା ଏକ ପରିବାରର ଜଣେ ଯୁବକ ଇଚ୍ଛା ମୃତ୍ୟୁ ଆବେଦନ କରିଛନ୍ତି। ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହଦେବ ଟିକରପଡ଼ା ପଞ୍ଚାୟତ ବାବୁଲିବନ୍ଧ ଗ୍ରାମର ସନ୍ତୋଷ ବେହେରା(୪୮) ଇଚ୍ଛାମୃତ୍ୟୁ ପାଇଁ ଦରଖାସ୍ତ ଦେଇଥିଲେ। ଏହା ଶୁଣି ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ସମେତ ପ୍ରଶାସନିକ ଓ ପୋଲିସ ଅଧିକାରୀମାନେ ତୁରନ୍ତ ସମସ୍ୟା ସମାଧାନ ପାଇଁ ଆଶ୍ୱାସନା ଦେଇଛନ୍ତି।

ବାବୁଲିବନ୍ଧ ଗ୍ରାମର ଅନୁସୂଚିତ ଜାତି ବର୍ଗର ଭୁବୁନି ବେହେରାଙ୍କ ପୁଅ ହେଉଛନ୍ତି ସନ୍ତୋଷ। ୨୦୨୨ ପଞ୍ଚାୟତ ନିର୍ବାଚନରେ ସନ୍ତୋଷଙ୍କ ଭାଉଜ ରଞ୍ଜୁ ବେହେରା ସରପଞ୍ଚ ପଦବୀ ପାଇଁ ପ୍ରାର୍ଥୀ ହୋଇ ୧୭ ଖଣ୍ଡ ଭୋଟ ବ୍ୟବଧାନରେ ପ୍ରତିପକ୍ଷ ପ୍ରିୟଙ୍କା ନାୟକଙ୍କଠାରୁ ପରାଜିତ ହୋଇଥିଲେ। ସେବେଠାରୁ ଗ୍ରାମର ଅନୁସୂଚିତ ଜାତିର ସାହିବାସିନ୍ଦା ରାଜନୈତିକ କାରଣରୁ ସନ୍ତୋଷ ଓ ତାଙ୍କ ପରିବାର ଲୋକଙ୍କୁ ନିଆଁପାଣି ମନା କରିବା ସହ ସାମାଜିକ ବାସନ୍ଦ କରିଥିବା ଜଣାଇଥିଲେ। ଏପରିକି ସାହିରେ କାହାରି ବିବାହ କିମ୍ବା ଏକାଦଶାହ ଭୋଜି ହେଲେ କେହି ତାଙ୍କ ପରିବାରଙ୍କୁ ଲୋଡୁନାହାନ୍ତି। ସାହିବାସିନ୍ଦା ତାଙ୍କ ପରିବାର ସହ କଥାବାର୍ତ୍ତା ମଧ୍ୟ କରୁନାହାନ୍ତି। ଗତ ପ୍ରାୟ ୧୫ ଦିନ ତଳେ ଜଣେ ବ୍ୟକ୍ତିଙ୍କ ଘରେ ଭୋଜି ଚାଲିଥିବା ବେଳେ ତାଙ୍କୁ ଡକାଗଲାନାହିଁ। ଏଥିରେ ସନ୍ତୋଷ ଓ ତାଙ୍କ ପରିବାର ମାନସିକ ସ୍ତରରେ ଭାଙ୍ଗିପଡିଛନ୍ତି। ତେଣୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦିଆଯାଉ ବୋଲି ସନ୍ତୋଷ ଜିଲାପାଳଙ୍କୁ ଗୁହାରି କରିଥିଲେ। ଜିଲାପାଳ ସମସ୍ତ ଘଟଣା ଶୁଣି ସନ୍ତୋଷଙ୍କୁ ଆଶ୍ୱାସନା ଦେଇଥିଲେ। ଜିଲାପାଳ ଅଭିଯୋଗ ଶୁଣାଣିରେ ଉପସ୍ଥିତ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ଅତିରିକ୍ତ ଏସପି ଆଲୋକ କୁମାର ଜେନା, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ବିଡିଓ ଅନାମିକା ପାଣ୍ଡେଙ୍କୁ ଘଟଣାର ଅନୁଧ୍ୟାନ କରିବାକୁ କହିଛନ୍ତି। ତୁରନ୍ତ ସେହି ଗାଁକୁ ସ୍ଥାନୀୟ ପୋଲିସ, ପ୍ରଶାସନିକ ଅଧିକାରୀ ଯାଇ ସାହିବାସିନ୍ଦାଙ୍କ ସହ ଆଲୋଚନା କରି ଘଟଣାର ସ୍ଥାୟୀ ସମାଧାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।


ସନ୍ତୋଷ ବେହେରା



ସନ୍ତୋଷଙ୍କ ପଞ୍ଜୀକୃତ ଦରଖାସ୍ତ ସ୍ଲିପ।

# ନୂଆ ୫ ମହାନଗର, ୨୪ ଏନ୍‌ଏସିର ଚୂଡାନ୍ତ ବିଜ୍ଞପ୍ତି

ଭୁବନେଶ୍ୱର,୨୨।୧୨ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ୨୪ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଲାଗି ଚୂଡାନ୍ତ ବିଜ୍ଞପ୍ତି ଜାରି ହୋଇଛି। ବିଭାଗର ବିଜ୍ଞପ୍ତିରେ ୧୪ଟି ଜିଲାର ୨୪ ଏନ୍‌ଏସି ତାଲିକା ରହିଥିବାବେଳେ ବିଭାଗ ୫ଟି ମହାନଗର ଲାଗି ଯିଠା ବିଜ୍ଞପ୍ତି ରହିଛି। ନୂତନ ଏନଏସି ତାଲିକାରେ ଅନୁଗୋଳର ପାଲଲହଡ଼ା, ବାଲେଶ୍ୱରର ସିମୁଳିଆ ଏବଂ ବରଗଡ଼ର ସୋହେଲା ଏନ୍‌ଏସି ରହିଛି। ସେହିପରି ଏନ୍‌ଏସି ତାଲିକାରେ ଭଦ୍ରକର ତିହିଡି, ଧୁଷୁରି, କଟକର ସାଲେପୁର, ବଡ଼ମ୍ବା, ନରସିଂହପୁର, ଢେଙ୍କାନାଳର ଗନ୍ଦିଆ, ଗଞ୍ଜାମର ଜଗନ୍ନାଥପ୍ରସାଦ ଏବଂ ପାତ୍ରପୁର, କଳାହାଣ୍ଡିର ନର୍ଲା ଏବଂ ଜୟପାଟଣା, ଖୋର୍ଦ୍ଧାର ଟାଙ୍ଗୀ, କୋରାପୁଟର ବୋରିଗୁମ୍ମା, ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷୀ, ଚିତ୍ରଡା, କପ୍ତିପଦା, ରାସଗୋବିନ୍ଦପୁର, ରାୟଗଡ଼ାର ବିଷମକଟକ, ସମ୍ବଲପୁରର ବାମରା ଏବଂ ରେଙ୍ଗାଲି ରହିଥିବାବେଳେ ସୁବର୍ଣ୍ଣପୁରର ବୀରମହାରାଜପୁର ରହିଛି। ଅନ୍ୟପକ୍ଷରେ ନୂତନ ମହାନଗର ଯିଠା ବିଜ୍ଞପ୍ତି ତାଲିକାରେ ବୌଦ୍ଧର ବୌଦ୍ଧଗଡ଼, ଗଞ୍ଜାମର ଭଞ୍ଜନଗର, କବିସୂର୍ଯ୍ୟନଗର ଏବଂ ପୋଲସରା ରହିଥିବାବେଳେ ମୟୂରଭଞ୍ଜର କରଞ୍ଜିଆ ରହିଛି।

# ଆଜି 'ଟିଏସି' ବୈଠକ ନେବେ ମୁଖ୍ୟମନ୍ତ୍ରୀ

## ଉଠିବ ଆଦିବାସୀଙ୍କ ସଂରକ୍ଷଣ ଏବଂ ବିକାଶ ପ୍ରସଙ୍ଗ

ଭୁବନେଶ୍ୱର,୨୨।୧୨ (ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀଙ୍କ ସୁରକ୍ଷାକୁ କେତେଦୂର ଗୁରୁତ୍ୱ ଦିଆଯାଉଛି ସେନେଇ ମଙ୍ଗଳବାର ଅପରାହ୍ନ ୪ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିବେ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଆଦିବାସୀ ଉପଦେଷ୍ଟା କମିଟି(ଟିଏସି) ବୈଠକରେ ଗତ ବର୍ଷକ ମଧ୍ୟରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଉନ୍ନୟନ ପାଣ୍ଠି କେତେଦୂର କାର୍ଯ୍ୟକାରୀ ହୋଇଛି ଏବଂ କେଉଁ ସବୁ ଅଞ୍ଚଳରେ କି ପ୍ରକାର ବିକାଶ ହୋଇଛି ତା'ର ଚିକିନିଖି ହିସାବ କରାଯିବ। ଏହାପରେ କେତେକ ଆଦିବାସୀ ବର୍ଗ ରାଜ୍ୟ ସରକାରଙ୍କ ତାଲିକାରେ ଆସୁଥିଲେ ହେଁ କେନ୍ଦ୍ର ସରକାରଙ୍କ ତାଲିକାରେ ଅନ୍ତର୍ଭୁକ୍ତ ନ ଥିବାରୁ ସରକାରୀ ସୁବିଧା ସୁଯୋଗ ପାଇବାରେ ସମସ୍ୟା ଉପୁଜୁଛି। ରାଜ୍ୟ ଏବଂ ଦେଶରେ ଡବଲ ଇଞ୍ଜିନ ସରକାର ଥିବାରୁ ଏହାର ଲାଭ କିଭଳି ରାଜ୍ୟର ଆଦିବାସୀ ବର୍ଗ ପାଇପାରିବେ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ ଟିଏସି ବୈଠକରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ରହିଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପାଧ୍ୟକ୍ଷ, ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ରହିବେ। ଏହାବାଦ୍ ଆଦିବାସୀ ଅଧ୍ୟୁଷିତ ଜିଲାରୁ ପ୍ରାୟ ୨୮ଜଣ ସଭ୍ୟ ରହିଛନ୍ତି। ଆଦିବାସୀଙ୍କ ବିକାଶକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ଯେଉଁସବୁ ନୂତନ ଯୋଜନା କାର୍ଯ୍ୟକାରୀ ହୋଇଛି ତା'ର କାର୍ଯ୍ୟକାରିତା ଉପରେ ଚିକିନିଖି ସମୀକ୍ଷା ହେବ ବୋଲି ଜଣାଯାଇଛି।

ଉଲ୍ଲେଖଯୋଗ୍ୟ, ଟିଏସି ବୈଠକ ପ୍ରତିବର୍ଷ ଦୁଇଥର ଅନୁଷ୍ଠିତ ହେବା କଥା। ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବା ପରେ ୨୦୨୪ ଡିସେମ୍ବର ୩୧ରେ ଏହାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ଜୁନ୍‌ରେ ହେବାକୁ ଥିବା ବୈଠକ ସମୟରେ ସଂସଦର ମୌସୁମୀ ଅଧିବେଶନ ଥିବାରୁ ଏହାକୁ ଏଡ଼ାଇ ଦିଆଯାଇଥିଲା। ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଟିଏସି ବୈଠକ ଲାଗି ସୋମବାର ବିଭିନ୍ନ ସଦସ୍ୟ ଏବଂ ସଙ୍ଗଠନ ଲୋକସେବା ଭବନରେ ଚଳଚଞ୍ଚଳ ଥିବା ଦେଖିବାକୁ ମିଳିଛି।

# ପରେଡ୍ ପରେ ସର୍ବସାଧାରଣରେ ପ୍ରଦର୍ଶିତ ହେବ ପ୍ରଜ୍ଞାପନ ମେଢ଼

## ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

### ୫ ସୁଦ୍ଧା ବିଷୟବସ୍ତୁ, ସ୍କେଚ୍ ପଠାଇବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୧୨ (ସୌମ୍ୟରଞ୍ଜନ ରାଉତ)

ଜାନୁଆରୀ ୨୬ରେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ପାଳନ ସହ ପରେଡରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ସାମିଲ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଲେ, ଚଳିତ ବର୍ଷର ପ୍ରଜ୍ଞାପନ ମେଢ଼ରେ ବିଭିନ୍ନ ବିଭାଗର ସଫଳତାର କାହାଣୀ ସହ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ଉପଯୁକ୍ତ ପ୍ରତିଫଳନ ହେବ। ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଏହାକୁ ସୁନ୍ଦର ଏବଂ ସର୍ବାଦୃତ କରିବା ପାଇଁ ଶର୍ମା କହିଥିଲେ। ପ୍ରଜ୍ଞାପନ ମେଢ଼ଗୁଡ଼ିକୁ ଦିନେ ୨ଦିନ ପର୍ଯ୍ୟନ୍ତ ରଖିହେବା ଭଳି ଓ ସର୍ବସାଧାରଣ ସ୍ଥାନରେ ପ୍ରଦର୍ଶିତ ହେବା ଭଳି ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଦ୍ୱାରା ଅଧିକରୁ ଅଧିକ ଜନସାଧାରଣ ସରକାରଙ୍କ ଯୋଜନା ବାବଦରେ ସଚେତନ ହୋଇପାରିବେ ବୋଲି ସେ ମତ ଦେଇଥିଲେ। ଜାନୁଆରୀ ୫ ସୁଦ୍ଧା ସମସ୍ତ ବିଭାଗ ସେମାନଙ୍କ ପ୍ରଜ୍ଞାପନ ମେଢ଼ର ବିଷୟବସ୍ତୁ ଏବଂ ସ୍କେଚ୍ ବିଭାଗକୁ ପଠାଇବା ପାଇଁ ମଧ୍ୟ ଶର୍ମା କହିଥିଲେ। ବୈଠକରେ ଅଧିକାରୀମାନେ ନିଜ ନିଜ ବିଭାଗର ପ୍ରଜ୍ଞାପନ ମେଢ଼ର ବିଷୟବସ୍ତୁ ସହ ଅଧିକ ଆକର୍ଷଣୀୟ କରିବା ନେଇ ଆଲୋଚନା କରିଥିଲେ। ଏଥିସହ ନିଜ ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର୍ ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ବ୍ରାହ୍ମଣୀ ନଦୀରେ ବୁଡ଼ି ଯୁବତୀଯୁବକ ମୃତ

ବଣାଇଁ, ଲହୁଣୀପଡା,୨୨।୧୨ (ପ୍ରଦୀପ ତ୍ରିପାଠୀ/ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନାର ବିରତୋଲା ମନ୍ଦିର ନିକଟ ବ୍ରାହ୍ମଣୀ ନଦୀରେ ବୁଡ଼ି ସୋମବାର ଜଣେ ଯୁବତୀ ଓ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ରାଉରକେଲା ଅଞ୍ଚଳର ଜ୍ଞାନେନ୍ଦ୍ର ସ୍ୱାଇଁ ଓ ଡି. ମୋନାଲିସା ରାଓ। ଏନେଇ ପୋଲିସ ଚାନ୍ଦିପୋଷ ଥାନାରେ ୨ଟି ଅପମୃତ୍ୟୁ ମାମଲା ନଂ. ୨୩/୨୫ ଓ ୨୪/୨୫ ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟାରେ ବ୍ରାହ୍ମଣୀ ନଦୀ କୂଳ ନିକଟରେ ଏକ ବାଇକ ଓ କିଛି କପଡ଼ା ଥିବା ନେଇ ନିକଟସ୍ଥ ଗ୍ରାମବାସୀଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ଏନେଇ ସେମାନେ ପୋଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ପରେ ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ନଦୀରୁ ୨ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ମର୍ଗ ହାଉସରେ ରଖିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଆର୍‌ଟିଇ ପିଲାଙ୍କୁ ଦିଆଯାଉନି ବହି, ଖାତା, ୟୁନିଫର୍ମ

ଭୁବନେଶ୍ୱର,୨୨।୧୨ (ସୁଚିସ୍ମିତା ସାହୁ)

ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୨୦୨୦ ମସିହାରୁ ପାରଦର୍ଶୀ ପୋର୍ଟାଲରେ ଆବେଦନ କରି ଘରୋଇ ବିଦ୍ୟାଳୟରେ ବହୁ ପିଲା ମାଗଣାରେ ପାଠପଢୁଛନ୍ତି। ହେଲେ ସେମାନଙ୍କୁ ମାଗଣା ବହି, ଖାତା କି ୟୁନିଫର୍ମ ଦିଆଯାଉନାହିଁ। ଏନେଇ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ରହିଛି। ଏଥିସହ ଜାତୀୟ ମାନବାଧିକାର କମିଶନଙ୍କ ସ୍ପଷ୍ଟ ନିର୍ଦ୍ଦେଶ ମଧ୍ୟ ରହିଛି। ଏହାସତ୍ତ୍ୱେ ଆର୍‌ଟିଇ ପିଲାଙ୍କୁ ମାଗଣା ପାଠ୍ୟପୁସ୍ତକ ଏବଂ ପୋଷାକ ଦିଆଯାଉ ନ ଥିବାରୁ ସେମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଆର୍ଥିକ ଦୁର୍ବଳ ଶ୍ରେଣୀ ବା ଗରିବ ଶ୍ରେଣୀ ଅଭିଭାବକମାନେ ଅଯଥାରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ହନ୍ତସନ୍ତ ହେଉଛନ୍ତି। ଏହି ଯୋଜନାକୁ ତୁରନ୍ତ ପୂର୍ଣ୍ଣ କାର୍ଯ୍ୟକାରୀ କରିବା ସହ ମାଗଣାର ବହି ଓ ୟୁନିଫର୍ମ ଆଦି ଯୋଗାଇ ଦେବାକୁ ଦାବି କରି ସୋମବାର ଓସେପା ଓ ପ୍ରାଥମିକ ନିର୍ଦ୍ଦେଶକଙ୍କୁ ଘେରିଛି ଅଭିଭାବକ ମହାସଂଘ। ମହାସଂଘ ପକ୍ଷରୁ ଅଭିଭାବକମାନେ ଓସେପା ନିର୍ଦ୍ଦେଶକ ଅନନ୍ୟା ଦାସ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁଙ୍କୁ ଭେଟି ଆଲୋଚନା କରିଛନ୍ତି। ଉଭୟ ନିର୍ଦ୍ଦେଶକ ଅଭିଭାବକଙ୍କ ସହ ଆଲୋଚନା କରି ତୁରନ୍ତ ଏ ସଂକ୍ରାନ୍ତରେ ଡିଇଓ ଏବଂ ବିଇଓଙ୍କୁ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ କୁହାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ମହାସଂଘ ସଭାପତି ବାସୁଦେବ ଭଟ୍ଟ ଓ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି। ଏହି ଆଲୋଚନାରେ ମହାସଂଘ ଆବାହିକା କଳ୍ପନା ସାହୁ, ମିନା ରାଣୀ ନାୟକଙ୍କ ସମେତ ଶତାଧିକ ଅଭିଭାବକ ଯୋଗଦେଇଥିଲେ।

# ମଧ୍ୟାହ୍ନଭୋଜନ: ଅଣ୍ଡା ବଦଳରେ ଏକ୍ସପାଏରି ବିସ୍କୁଟ୍

- ବିଇଓଙ୍କ ନିକଟରେ ଅଭିଯୋଗ କଲେ ଛାତ୍ରୀଛାତ୍ର
- ତଦନ୍ତ କଲେ ସିଆର୍‌ସିସି

ଲାଠୋର, ୨୨।୧୨ (ଭୁବନେଶ୍ୱର ବାରିକ)

ବିଦ୍ୟାଳୟକୁ ପାଠପଢିବା ପାଇଁ ଆସୁଥିବା ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କ ଲାଗି ସରକାର ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରିଛନ୍ତି। ସେହି କ୍ରମରେ ସୋମବାର, ବୁଧବାର ଏବଂ ଶୁକ୍ରବାର ମଧ୍ୟାହ୍ନଭୋଜନରେ ପିଲାଙ୍କୁ ଅଣ୍ଡା ତରକାରି ଦିଆଯିବା କଥା। ହେଲେ ସୋମବାର ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଡୋଲମାନ୍ଦଲ ପଞ୍ଚାୟତର ଇନ୍ଦିରା ଗାନ୍ଧୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ ନିୟମ ଉଲ୍ଲଙ୍ଘନ କରି ସୋମବାର ଛାତ୍ରୀଛାତ୍ରଙ୍କୁ ଅଣ୍ଡା ତରକାରି ଦେବା ବଦଳରେ ଏକ୍ସପାଏରି ବିସ୍କୁଟ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଛାତ୍ରୀଛାତ୍ର ତୁରେକେଲା ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଗୌତମ ପଟେଲଙ୍କୁ ଫୋନ୍ ଯୋଗେ ଜଣାଇବା ସହ ସିଆର୍‌ସିସିଙ୍କ ଜରିଆରେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ୧୯୮୩ ମସିହାରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ଏବେ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୩୭୯ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରୁ ନବମ ଏବଂ ଦଶମ ଶ୍ରେଣୀରେ ୧୬୦ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ପାଇଁ ସୋମବାର ମଧ୍ୟାହ୍ନଭୋଜନରେ ଅଣ୍ଡା ତରକାରି ରନ୍ଧା ନ ଯାଇ ଭାତ, ଡାଲି ଏବଂ ଏକ୍ସପାଏରି ବିସ୍କୁଟ ଦିଆଯାଇଥିଲା। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବିଇଓ ପଟେଲ ଜାଣିବା ପରେ ଘଟଣାର ତଦନ୍ତ କରିବା ପାଇଁ ସିଆର୍‌ସିସି କୃତ୍ତିବାସ ବରିହାଙ୍କୁ ଉକ୍ତ ସ୍କୁଲକୁ ପଠାଇଥିଲେ। ସିଆର୍‌ସିସି ପହଞ୍ଚି ଛାତ୍ରୀଛାତ୍ରଙ୍କ ଅଭିଯୋଗପତ୍ର ଗ୍ରହଣ କରିବା ସହ ତଦନ୍ତବେଳେ ଏକ୍ସପାଏରି ବିସ୍କୁଟ୍ ଦିଆଯାଇଥିବା ଦେଖିବାକୁ ପାଇଥିଲେ। ତେବେ ଉକ୍ତ ବିସ୍କୁଟ୍ ଜବତ କରିବା ସହ ତଦନ୍ତ ରିପୋର୍ଟ ବିଇଓଙ୍କୁ ପ୍ରଦାନ କରାଯିବ ବୋଲି ବରିହା କହିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ଦୀପ ତରିଆ କହିଛନ୍ତି, ମଧ୍ୟାହ୍ନଭୋଜନ ଦାୟିତ୍ୱ ସ୍କୁଲର ଜଣେ ଶିକ୍ଷକଙ୍କୁ ଦିଆଯାଇଥିଲେ। ଏ ସମ୍ପର୍କରେ ସେ କହିପାରିବେ ବୋଲି ସଫେଇ ଦେଇଥିଲେ। ଅପରପକ୍ଷେ ବିଇଓ ପଟେଲ କହିଛନ୍ତି, ସିଆର୍‌ସିସି ତଦନ୍ତ ରିପୋର୍ଟ ଦାଖଲ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।


ଛାତ୍ରୀମାନେ ସିଆର୍‌ସିସିଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।



ଏକ୍ସପାଏରି ବିସ୍କୁଟ୍।

# ମୃତ ଛାତ୍ରଙ୍କ ପରିବାରକୁ ଭେଟିଲେ ଓଏସ୍‌ସିପିସିଆର ଅଧ୍ୟକ୍ଷା

## କିସ୍‌ରେ ନବମ ଶ୍ରେଣୀ ଛାତ୍ର ହତ୍ୟା ଘଟଣା

### ମେଡିକାଲ ବୋର୍ଡକୁ ରିପୋର୍ଟ ପଠାଇଲା ପୋଲିସ

ଭୁବନେଶ୍ୱର,୨୨।୧୨(ତ୍ରିନାଥ ମହାନ୍ତି)

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ(କିସ୍)ରେ ପଢୁଥିବା ନବମ ଶ୍ରେଣୀ ଛାତ୍ର ଶିବ ମୁଣ୍ଡା ହତ୍ୟା ମାମଲାରେ ସୋମବାର ଓଏସ୍‌ସିପିସିଆର ଅଧ୍ୟକ୍ଷା ମୃତ ଛାତ୍ରଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ପରିବାର ଲୋକଙ୍କୁ ଆଶ୍ୱାସନା ଦେବା ସହ ଉଚିତ୍ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଧ୍ୟକ୍ଷା ବବିତା ପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ, ଦୋଷୀ ଓ ଦାୟିତ୍ୱରେ ଅବହେଳା କରିଥିବା ବ୍ୟକ୍ତିମାନଙ୍କୁ ଗିରଫ କରାଯାଇଛି। ଛାତ୍ର ଶିବଙ୍କ ସହ ସହ ଯାହା ହେଲା ଆଉ କାହା ସହ ନ ହେଉ। କିସ୍ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଧ୍ୟାନ ରଖିବା ସହ ପିଲାଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଦେବା ଦରକାର ବୋଲି ପାତ୍ର କହିଛନ୍ତି।

ଅନ୍ୟପଟରେ ଚିକିତ୍ସା କରିଥିବା ଡାକ୍ତରଙ୍କ ସମ୍ପର୍କରେ ମେଡିକାଲ ବୋର୍ଡକୁ ପୋଲିସ ରିପୋର୍ଟ ପଠାଇଛି। ମେଡିକାଲ ବୋର୍ଡ ରିପୋର୍ଟ ଦେବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଏହି ମାମଲାରେ ଗତ ବୁଧବାର ଇନ୍‌ଫୋସିଟି ଥାନା ପୋଲିସ ୮ଜଣ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ସମ୍ପୃକ୍ତ ୩ ନାବାଳକ ଛାତ୍ରଙ୍କୁ ବାଳସୁଧାର ଗୃହକୁ ପଠାଯାଇଥିଲା। ବାଥରୁମ୍‌ରେ ବାଲ୍‌ଟି ନ ଦେବାରୁ ଶିବଙ୍କ ତଣ୍ଟିଚିପି ସହପାଠୀମାନେ ହତ୍ୟା କରିଥିଲେ ବୋଲି ପୋଲିସ କହିଥିଲା। ୧୧ ତାରିଖ ରାତିରେ ଏହି ଘଟଣା ଘଟିଥିବା ବେଳେ କର୍ତ୍ତୃପକ୍ଷ ଏହାକୁ ଲୁଚାଇଥିଲେ। ଶବ ବ୍ୟବଚ୍ଛେଦ ନ କରାଇ ଗାଡ଼ିରେ କେନ୍ଦୁଝର ପଠାଇ ଦେଇଥିଲେ।

# ଦେଶବାସୀଙ୍କ ଆସ୍ଥାରେ ମହାତ୍ମା ଗାନ୍ଧୀ: କଂଗ୍ରେସ

ଭୁବନେଶ୍ୱର,୨୨।୧୨ (ରବିନାରାୟଣ ଜେନା)

ଦେଶବାସୀଙ୍କ ଆସ୍ଥାରେ ମହାତ୍ମା ଗାନ୍ଧୀ ରହିଛନ୍ତି। ମାତ୍ର କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରୁ ମହାତ୍ମାଙ୍କ ନାମ ବାଦ୍ ଦେଇ ସାରା ଦେଶବାସୀଙ୍କ ଭାବାବେଗ ସହିତ ଖେଳ ଖେଳିଛନ୍ତି ବୋଲି କଂଗ୍ରେସ କହିଛି।

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ମହାତ୍ମା ଗାନ୍ଧୀ ପାର୍କଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଏକ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜେନା କହିଲେ, କେନ୍ଦ୍ର ସରକାର ଚକ୍ରାନ୍ତକରି ଉପରୋକ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍‌ଦେଇ ଭାରତର କୋଟି କୋଟି ଜନସାଧାରଣଙ୍କ ଭାବାବେଗ ପ୍ରତି ଆଘାତ ପହଞ୍ଚାଇଛନ୍ତି। ହିତାଧିକାରୀଙ୍କ ଅଧିକାରଙ୍କୁ ସଂକୁଚିତ କରିଛନ୍ତି। ଫଳରେ ଲାଭବାନ ହେଉଥିବା ଗରିବ ଲୋକମାନେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଖୁବ୍‌ଶୀଘ୍ର ପୁନର୍ବିଚାର କରାଯାଇ ଏହି ଆଇନକୁ ପୂର୍ବଭଳି ଅକ୍ଷୁର୍ଣ୍ଣ ରଖାଯାଉ। ନଚେତ୍ ଦେଶବାସୀ ଭାଜପା ସରକାରକୁ କ୍ଷମାଦେବେ ନାହିଁ ବୋଲି ସେ କହିଥିଲେ।

ଏହି ଅବସରରେ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏଡିଏମ୍‌ଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଗତ
ପ୍ରାୟ ଦୁଇ ଦଶନ୍ଧି
ହେଲା ସମଗ୍ର ବିଶ୍ୱବାସୀ ଜଳବାୟୁ
ପରିବର୍ତ୍ତନଜନିତ ବିପର୍ଯ୍ୟୟକୁ ଭୋଗି
ଆସୁଛନ୍ତି। ୨୦୨୫ ବର୍ଷରେ ମଧ୍ୟ ପ୍ରକୃତିର
ପ୍ରକୋପକୁ ସାରା ଦୁନିଆରେ ଦେଖିବାକୁ ମିଳିଛି।
ବିଶେଷକରି ବାତ୍ୟା, ବନ୍ୟା, ଭୂସ୍ଖଳନ, ଜଙ୍ଗଲ
ନିଆଁ, ଗ୍ରୀଷ୍ମପ୍ରବାହ ବ୍ୟାପକ ଜୀବନହାନି
ଘଟାଇଛି। ଏହାସହ ବିସ୍ଥାପନ, ବିପୁଳ
ଆର୍ଥିକ କ୍ଷତି ଘଟାଇ ଲୋକଙ୍କୁ ଦୁର୍ଦ୍ଦଶା
ମଧ୍ୟକୁ ଠେଲି ଦେଇଛି।

## ବାତ୍ୟା 'ମୋନ୍ଥା'



ଅକ୍ଟୋବରରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ମୋନ୍ଥା' ଦେଶର ଦକ୍ଷିଣ-ପୂର୍ବ ଉପକୂଳରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ମୁଖ୍ୟତଃ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାରେ ବିଶେଷ ପ୍ରଭାବ ପକାଇଥିଲା। ଅକ୍ଟୋବର ୨୮ ମଧ୍ୟରାତ୍ରରେ ଆନ୍ଧ୍ରପ୍ରଦେଶର ମଚିଲିପଟ୍ଟନମ୍ ନିକଟରେ ମୋନ୍ଥା ସ୍ଥଳଭାଗ ଅତିକ୍ରମ କରିଥିବା ସମୟରେ ପବନର ବେଗ ପ୍ରାୟ ୧୦୦ କି.ମି. ରହିଥିଲା। ବାତ୍ୟା ଜନିତ ବିଭିନ୍ନ ଘଟଣାରେ ପ୍ରାୟ ୧୫ ଜଣ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୨୨୦ ମିଲିୟନ ଡଲାରର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଇଥିଲା। ପ୍ରବଳ ବର୍ଷା ଯୋଗୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ଅନେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ସହ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଯିବା ଫଳରେ ଯୋଗାଯୋଗ ଏବଂ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଥିଲା।

## କାଲିଫର୍ନିଆ ଜଙ୍ଗଲ ନିଆଁ: ୨୪ ଦିନର ଦୁର୍ଦ୍ଦଶା

୨୦୨୫ ଜାନୁଆରୀ ୭ରୁ ୨୯ ଦିନ ଧରି ଆମେରିକାର କାଲିଫର୍ନିଆ ରାଜ୍ୟର ଦକ୍ଷିଣ ଭାଗରେ ଦେଖାଦେଇଥିଲା ମିଳିତ ଭାବେ ଅନେକ ବିନାଶକାରୀ ଜଙ୍ଗଲ ନିଆଁ, ଯାହା ସେହି ଅଞ୍ଚଳରେ ବ୍ୟାପକ ଧନଜୀବନ ହାନି କରିଥିଲା। ଏହା ମୁଖ୍ୟତଃ ଲସ୍ ଏଞ୍ଜେଲସ୍, ଅରେଞ୍ଜ, ଭେଞ୍ଚୁରା, ସାନ୍ ବର୍ନାର୍ଡିନୋ, ସାନ୍ ଡିଏଗୋ ଓ ରିଭରସାଇଡ କାଉଣ୍ଟି ଏବଂ ଏହାର ଆଖପାଖ ପାର୍ବତ୍ୟ ଅଞ୍ଚଳର ୫୭,୫୨୯ ଏକର ଅଞ୍ଚଳରେ ବ୍ୟାପିଥିଲା। 'ସାନ୍ତା ଆନା' ପବନ ଯୋଗୁ ନିଆଁ ଖୁବ୍ ଶୀଘ୍ର ଚାରିଆଡ଼େ ମାଡ଼ି ଯାଇଥିଲା। ଏଥିରେ ଶତାଧିକ ଲୋକ ପ୍ରାଣ ହରାଇଥିଲେ। ୧୮ ହଜାରରୁ ଅଧିକ ଘର ଓ ଅଟ୍ଟାଳିକା ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା। ପ୍ରାୟ ୫୩ ବିଲିୟନ ଡଲାରର କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଥିଲା। ଏହାକୁ କାଲିଫର୍ନିଆ ଇତିହାସର ସବୁଠାରୁ ମହଙ୍ଗା ପ୍ରାକୃତିକ ବିପର୍ଯ୍ୟୟ ଭାବେ ଗଣାଯାଉଛି। ୨ ଲକ୍ଷରୁ ଅଧିକ ଲୋକ ଘର ଛାଡ଼ି ଅନ୍ୟତ୍ର ଯିବାକୁ ବାଧ୍ୟ ହୋଇଥିଲେ। ପ୍ରବଳ ଧୂଆଁ ଯୋଗୁ ବାୟୁ ପ୍ରଦୂଷଣ ସ୍ତର ମଧ୍ୟ ଅତ୍ୟନ୍ତ ବିପଜ୍ଜନକ ହୋଇଯାଇଥିଲା। ଦୀର୍ଘ ଦିନର ମରୁଡ଼ି ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ଜଙ୍ଗଲଗୁଡ଼ିକ ଶୁଷ୍କ ରହିବା ଏହି ଭୟଙ୍କର ଅଗ୍ନିକାଣ୍ଡର ମୁଖ୍ୟ କାରଣ ବୋଲି ପରିବେଶ ବିଶେଷଜ୍ଞମାନେ ମତ ଦେଇଥିଲେ।




## ମ୍ୟାନମାର ଭୂକମ୍ପ ନେଇଥିଲା ୫,୪୫୦ ଜୀବନ

ମାର୍ଚ୍ଚ ୨୮ରେ ମ୍ୟାନମାର (ବର୍ମା)ରେ ଏକ ଅତି ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା, ଯାହା ସେହି ଦେଶର ଇତିହାସରେ ଏକ ସବୁଠାରୁ ବିନାଶକାରୀ ପ୍ରାକୃତିକ ବିପର୍ଯ୍ୟୟ ଭାବେ ପରିଗଣିତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୭ ଥିଲା। ଏହାର କେନ୍ଦ୍ରବିନ୍ଦୁ ମ୍ୟାନମାରର ପ୍ରସିଦ୍ଧ ସହର ମାଣ୍ଡଲେ ନିକଟରେ ଥିଲା। ଏହି ବିପର୍ଯ୍ୟୟରେ ୫,୪୫୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଏବଂ ୧୧,୦୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ପ୍ରାୟ ୪୮,୦୦୦ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଅନେକ ଐତିହାସିକ ବୌଦ୍ଧ ମନ୍ଦିର ଏବଂ ସ୍ମାରକୀ କ୍ଷତିଗ୍ରସ୍ତ ହୋଇଥିଲା। ଏହାର ଆର୍ଥିକ କ୍ଷୟକ୍ଷତି ପ୍ରାୟ ୧୧ ବିଲିୟନ ଡଲାର ବୋଲି ଆକଳନ କରାଯାଇଥିଲା। ମାଣ୍ଡଲେ ଏବଂ ସାଗାଇଙ୍ଗ ଅଞ୍ଚଳରେ ବହୁମାତ୍ରାରେ ବିଦ୍ୟୁତ୍ ଏବଂ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଯାଇଥିଲା। ଭୂକମ୍ପର ପ୍ରଭାବ ପଡ଼ୋଶୀ ଦେଶଗୁଡ଼ିକରେ ମଧ୍ୟ ଅନୁଭୂତ ହୋଇଥିଲା। ୨୦୨୫ରେ ଏସିଆ-ପୂର୍ବ ଏସିଆରେ ସବୁଠାରୁ ଭୟଙ୍କର ଭୂକମ୍ପ ଥିଲା।



## ବାତ୍ୟା 'ସେନ୍ୟାର': ୧୩୯୦ ମୃତ



ନଭେମ୍ବରରେ ଆସିଥିବା ସାମୁଦ୍ରିକ ବାତ୍ୟା 'ସେନ୍ୟାର' ଦକ୍ଷିଣ-ପୂର୍ବ ଏସିଆରେ ବହୁଦେଶରେ ପ୍ରଳୟ ସୃଷ୍ଟି କରିଥିଲା। ଏହି ବାତ୍ୟା ବିଶେଷକରି ମାଲାକା ପ୍ରଣାଳୀ ଅଞ୍ଚଳରେ ଅଧିକ ପ୍ରଭାବ ପକାଇଥିଲା। ମୁଖ୍ୟତଃ ମାଲେସିଆ ଏବଂ ଇଣ୍ଡୋନେସିଆରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ନଭେମ୍ବର ୨୬ରେ ଏହା ସ୍ଥଳଭାଗରେ ପ୍ରବେଶ କରିଥିଲା। ଏହି ବାତ୍ୟା ଅତ୍ୟନ୍ତ ବିରଳ ଥିଲା। କାରଣ ମାଲାକା ପ୍ରଣାଳୀ ବିଷୁବରେଖା ନିକଟରେ ଅବସ୍ଥିତ ହୋଇଥିବାରୁ ସେଠାରେ ବାତ୍ୟା ସୃଷ୍ଟି ହେବା ଖୁବ୍ କମ୍ ଦେଖାଯାଏ। ଏହି ବାତ୍ୟା ଯୋଗୁ ହଜାର ହଜାର ଲୋକ ବେଘର ହୋଇଥିଲେ। ୧,୩୯୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୧୯.୮ ବିଲିୟନ ଡଲାରର ସମ୍ପତ୍ତି ନଷ୍ଟ ହୋଇଥିଲା। ଅନେକ ଘର, ରାସ୍ତାଘାଟ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ବହୁତ ଭାବେ ବାଧାପ୍ରାପ୍ତ ହୋଇଥିଲା।





# ଇଥିଓପିଆ
## ଆଗ୍ନେୟଗିରି ଉଦ୍‌ଗିରଣ

### ଭାରତ ଆକାଶରେ ପାଉଁଶ ବାଦଲ

ନଭେମ୍ବର ୨୩ ସକାଳେ ଇଥିଓପିଆର ହାଇଲି ଗୁବି ଆଗ୍ନେୟଗିରିରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା, ଯାହାକି ପ୍ରାୟ ୧୨,୦୦୦ ବର୍ଷ ପରେ ପ୍ରଥମ ଥର ପାଇଁ ଜାଗ୍ରତ ହୋଇଥିଲା। ପ୍ରାୟ ୫ ଦିନ ପର୍ଯ୍ୟନ୍ତ ତାହା ଜାରି ରହିଥିଲା। ଇଥିଓପିଆର ଉତ୍ତର ଭାଗରେ ଥିବା ଅଫାର୍ ରିଫ୍ଟ ଅଞ୍ଚଳରେ ଅବସ୍ଥିତ ଏହି ଆଗ୍ନେୟଗିରିରେ ବିସ୍ଫୋରଣ ଯୋଗୁ ଆକାଶରେ ପ୍ରାୟ ୧୪ ରୁ ୧୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ପାଉଁଶ ବ୍ୟାପିଥିଲା। ଏହି ପାଉଁଶ ବାଦଲ ଲୋହିତ ସାଗର ଦେଇ ପାକିସ୍ତାନ, ଭାରତ ଏବଂ ଚାଇନା ପର୍ଯ୍ୟନ୍ତ ପହଞ୍ଚିଥିଲା। ଆଗ୍ନେୟ ପାଉଁଶ ଯୋଗୁ ଆକାଶମାର୍ଗରେ ଦୃଶ୍ୟମାନତା କମିଯାଇଥିଲା। ଫଳରେ ଭାରତର ଏୟାର ଇଣ୍ଡିଆ, ଆକାଶ ଏୟାର ଭଳି ଅନେକ ବିମାନସେବା ବାତିଲ ଏବଂ ରୁଟ୍ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଥିଲେ। ଇଥିଓପିଆର ସ୍ଥାନୀୟ ଅଞ୍ଚଳରେ ଗୃହପାଳିତ ପ୍ରାଣୀଙ୍କ ଚାରଣଭୂମି ଏବଂ ଜଳ ଉତ୍ସଗୁଡ଼ିକ ପାଉଁଶ ଦ୍ୱାରା ପ୍ରଦୂଷିତ ହୋଇଯାଇଥିଲା। ପରିବେଶ ବିଜ୍ଞାନୀମାନଙ୍କ ମତରେ, ଏହି ବିସ୍ଫୋରଣ ବାୟୁମଣ୍ଡଳରେ ସଲ୍‌ଫର୍ ଡାଇଅକ୍ସାଇଡ ପରିମାଣ ବୃଦ୍ଧି କରିଥିଲେ ମଧ୍ୟ ଏହା ଭୂପୃଷ୍ଠର ବାୟୁ ପ୍ରଦୂଷଣ ଉପରେ ସେତେଟା ପ୍ରଭାବ ପକାଇ ନାହିଁ। କାରଣ ଏହା ବହୁତ ଉଚ୍ଚରେ ରହିଥିଲା।

## ଓଡ଼ିଶା ବର୍ଷା, ବନ୍ୟା, ଭୂସ୍ଖଳନ

୨୦୨୫ରେ ଓଡ଼ିଶା କେତେକ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଛି, ଯେଉଁଥିରେ ସାମୁଦ୍ରିକ ବାତ୍ୟା, ବନ୍ୟା ଏବଂ ଅଦିନିଆ ବର୍ଷା ସାମିଲ ରହିଛି। ବାତ୍ୟା ମୋନ୍ଥା ଅକ୍ଟୋବରରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିଲା। ଏହା ମୁଖ୍ୟତଃ ଆନ୍ଧ୍ରପ୍ରଦେଶରେ ସ୍ଥଳଭାଗ ଅତିକ୍ରମ କରିଥିଲେ ମଧ୍ୟ ଦକ୍ଷିଣ ଓଡ଼ିଶାର ଜିଲାଗୁଡ଼ିକରେ ପ୍ରବଳ ବର୍ଷା ଓ ପବନ ବହିଥିଲା। ଏହାର ପ୍ରଭାବରେ ପାରଳାଖେମୁଣ୍ଡି, କାଶୀପୁର ଅଞ୍ଚଳରେ ଭୂସ୍ଖଳନ ଏବଂ ରାସ୍ତା ଅବରୋଧ ହୋଇଥିଲା। ସେହିପରି ଜୁନରେ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ବାଲେଶ୍ୱର ଜିଲାର ପ୍ରାୟ ୫୦,୦୦୦ ଲୋକ ପ୍ରଭାବିତ ହୋଇଥିଲେ। ଜୁଲାଇ ଶେଷ ସପ୍ତାହରେ ପୁଣି ଥରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାରେ ବନ୍ୟା ଦେଖାଦେଇଥିଲା, ଯେଉଁଥିରେ ୧୧,୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ। ରାଜ୍ୟ ସରକାର ୫,୦୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ଅଗଷ୍ଟରେ ମଧ୍ୟ ବାଲେଶ୍ୱର ଓ ଭଦ୍ରକର ପ୍ରାୟ ୧୭୦ ଗ୍ରାମ ଜଳମଗ୍ନ ରହିଥିଲା। ବର୍ଷ ଆରମ୍ଭରେ ହୋଇଥିବା ଅଦିନିଆ ବର୍ଷାକୁ ରାଜ୍ୟ ସରକାର ଏକ ରାଜ୍ୟଭିତ୍ତିକ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଥିଲେ।





## ଇଏଫ୍‌୫ ତୀବ୍ରତାର ଟର୍ନାଡୋ ନର୍ଥ ଡାକୋଟା

୨୦୨୫ ଜୁନ୍ ୨୦ରେ ଆମେରିକାର ନର୍ଥ ଡାକୋଟା ରାଜ୍ୟରେ ଅତି ଭୟଙ୍କର ଘୂର୍ଣ୍ଣିବଳୟ (ଟର୍ନାଡୋ) ଦେଖାଦେଇଥିଲା, ଯାହା ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ବିନାଶକାରୀ ଟର୍ନାଡୋ ମୁଖ୍ୟତଃ ନର୍ଥ ଡାକୋଟାର ଏଣ୍ଡରଲିନ୍ ଅଞ୍ଚଳ ଦେଇ ଗତି କରିଥିଲା। ଏହାକୁ ଇଏଫ୍‌୫ ଶ୍ରେଣୀଭୁକ୍ତ କରାଯାଇଥିଲା, ଯାହା ଟର୍ନାଡୋ ମାପକାଠିରେ ସବୁଠାରୁ ଶକ୍ତିଶାଳୀ ବର୍ଗ। ଏହି ବର୍ଗର ଘୂର୍ଣ୍ଣିବଳୟରେ ପବନର ବେଗ ଘଣ୍ଟା ପ୍ରତି ୩୨୨ କିଲୋମିଟରରୁ ଅଧିକ ରହିଥାଏ। ଗତ ୧୨ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱରେ ଏହା ଥିଲା ପ୍ରଥମ EF୫ ତୀବ୍ରତାର ଟର୍ନାଡୋ, ଯାହା ତାହାର ଗତିପଥରେ ଆସୁଥିବା ସମସ୍ତ ପକ୍କା ଘର, ଗଛ ଏବଂ ବିଦ୍ୟୁତ୍ ଖୁଣ୍ଟିକୁ ସମ୍ପୂର୍ଣ୍ଣ ରୂପେ ଉପୁଡ଼ାଇ ଦେଇଥିଲା। ଗାଡ଼ିଗୁଡ଼ିକ ଖେଳନା ଭଳି ଆକାଶରେ ଉଡ଼ି ଦୂରରେ ପଡ଼ିଥିଲା।

## ଉତ୍ତରକାଶୀ ବାଦଲଫଟା ବର୍ଷା
## ଭାସିଗଲା ଧରାଲି ଗାଁ

ଅଗଷ୍ଟ ୫ରେ ଉତ୍ତରାଖଣ୍ଡରେ ଘଟିଥିଲା ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ। ଉତ୍ତରକାଶୀ ଜିଲାର ଧରାଲି ନିକଟବର୍ତ୍ତୀ ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ହୋଇଥିବା ବାଦଲଫଟା ବର୍ଷା ଏବଂ ତଜ୍ଜନିତ ଆକସ୍ମିକ ବନ୍ୟା ବହୁ କ୍ଷତି ଘଟାଇଥିଲା। ଧରାଲି ଗାଁ ସମ୍ପୂର୍ଣ୍ଣ ଭାସି ଯାଇଥିଲା। ଗଙ୍ଗୋତ୍ରୀ ଧାମ ଦେଇ ପ୍ରବାହିତ ଭାଗୀରଥୀ ନଦୀର ଜଳସ୍ତର ହଠାତ୍ ବଢ଼ିଯାଇଥିଲା। ଏଥିଯୋଗୁ ତଳିଆ ଅଞ୍ଚଳକୁ ବନ୍ୟା ମାଡ଼ି ଆସିଥିଲା। ଏହି ଘଟଣାରେ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲା। ପ୍ରାୟ ୧୦୦ ଲୋକ ନିଖୋଜ ହୋଇଯାଇଥିଲେ। ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଦୀର୍ଘ ଦିନ ଧରି ଚାଲିଥିଲା। ଅନେକ ଘର, ଦୋକାନ ଏବଂ କୋଠାବାଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଜାତୀୟ ରାଜପଥ ସମେତ କେତେକ ରାସ୍ତା, ବ୍ରିଜ୍ ଏବଂ ଯୋଗାଯୋଗ ଭିତ୍ତିଭୂମି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ନିକଟସ୍ଥ ଗ୍ରାମଗୁଡ଼ିକ କାଦୁଅ ଓ ପଥର ତଳେ ପୋତି ହୋଇଯାଇଥିଲା।



## ତିବ୍ବତ, ଉତ୍ତର ଭାରତରେ ଶକ୍ତିଶାଳୀ ଭୂକମ୍ପ

୨୦୨୫ ଜାନୁଆରୀ ୭ରେ ତିବ୍ବତ ଏବଂ ଭାରତର ସୀମାବର୍ତ୍ତୀ ଅଞ୍ଚଳରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା, ଯାହା ହିମାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୧ ଥିଲା। ଏହାର କେନ୍ଦ୍ରବିନ୍ଦୁ ଦକ୍ଷିଣ ତିବ୍ବତୀୟ ମାଳଭୂମି ଅଞ୍ଚଳରେ ଥିଲା। ଏହି ଭୂକମ୍ପର ଝଟକା ଉତ୍ତର ଭାରତ, ବିଶେଷକରି ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ନେପାଳରେ ଅନୁଭୂତ ହୋଇଥିଲା। ଶତାଧିକ ଲୋକ ପ୍ରାଣ ହରାଇଥିଲେ। ଅନେକ ଲୋକ ଆହତ ହେବା ସହ ନିଖୋଜ ମଧ୍ୟ ହୋଇଥିଲେ। ପାର୍ବତ୍ୟ ଅଞ୍ଚଳରେ ଅନେକ କୋଠାବାଡ଼ି ଭୁଶୁଡ଼ି ପଡ଼ିଥିଲା ଏବଂ ଭୂସ୍ଖଳନ ଯୋଗୁ ପ୍ରମୁଖ ଜାତୀୟ ରାଜପଥଗୁଡ଼ିକ ଅବରୋଧ ହୋଇଯାଇଥିଲା। ଅନେକ ଦୂରଦୂରାନ୍ତର ଗ୍ରାମଗୁଡ଼ିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲେ। ଫଳରେ ଉଦ୍ଧାର କାର୍ଯ୍ୟରେ ବହୁ ବାଧା ସୃଷ୍ଟି ହୋଇଥିଲା।



## ରେକର୍ଡ ଭାଙ୍ଗିଥିଲା ୟୁରୋପ ଗ୍ରୀଷ୍ମପ୍ରବାହ




ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୟୁରୋପର ବିଭିନ୍ନ ଦେଶରେ ଭୟଙ୍କର ଗ୍ରୀଷ୍ମପ୍ରବାହ ଦେଖାଦେଇଥିଲା, ଯାହା ଅନେକ ଦଶନ୍ଧିର ରେକର୍ଡ ଭାଙ୍ଗିଥିଲା। ବିଶେଷକରି ଜୁଲାଇ ଏବଂ ଅଗଷ୍ଟରେ ତାପମାତ୍ରା ଚରମ ସୀମାରେ ପହଞ୍ଚିଥିଲା। ସ୍ପେନ, ଫ୍ରାନ୍ସ ଏବଂ ଇଟାଲୀ ଭଳି ଦେଶଗୁଡ଼ିକରେ ତାପମାତ୍ରା ଅନେକ ସ୍ଥାନରେ ୪୫° ସେଲ୍‌ସିଅସ ଅତିକ୍ରମ କରିଥିଲା। ସ୍ପେନ ପାଇଁ ଏହା ଇତିହାସର ସବୁଠାରୁ ଗରମ ଗ୍ରୀଷ୍ମକାଳ ଥିଲା। ଏହି ଗ୍ରୀଷ୍ମ ପ୍ରବାହରେ ୟୁରୋପରେ ପ୍ରାୟ ୧୬,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ବିଶେଷକରି ବୃଦ୍ଧାବୃଦ୍ଧ ଏବଂ ପୂର୍ବରୁ ସ୍ୱାସ୍ଥ୍ୟ ସମସ୍ୟା ଥିବା ବ୍ୟକ୍ତିମାନେ ଅଧିକ ପ୍ରଭାବିତ ହୋଇଥିଲେ। ପ୍ରବଳ ଗରମ ଏବଂ ଶୁଷ୍କ ପାଗ ଯୋଗୁ ସ୍ପେନ ଏବଂ ପର୍ତ୍ତୁଗାଲରେ ଭୟଙ୍କର ଜଙ୍ଗଲ ନିଆଁ ଦେଖାଦେଇଥିଲା। ଏହା ଗତ ୩୦ ବର୍ଷ ମଧ୍ୟରେ ସବୁଠାରୁ ବଡ଼ ଘଟଣା ଥିଲା। ଅନେକ ପ୍ରମୁଖ ନଦୀର ଜଳସ୍ତର ହ୍ରାସ ପାଇଥିଲା। ୟୁରୋପର ଅନେକ ଦେଶରେ ରେଳ ଧାରଣା ବଙ୍କା ହୋଇଯିବା ଯୋଗୁ ପରିବହନ ସେବା ମଧ୍ୟ ପ୍ରଭାବିତ ହୋଇଥିଲା।

## ବାତ୍ୟା ଡିଟ୍‌ୱା: ୬୪୦ ମୃତ

୨୦୨୫ ନଭେମ୍ବର ୨୬ରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଡିଟ୍‌ୱା' ଅତି ଭୟଙ୍କର ସାମୁଦ୍ରିକ ଝଡ଼ ଥିଲା, ଯାହା ପ୍ରାୟ ସପ୍ତାହକ ମଧ୍ୟରେ ଶ୍ରୀଲଙ୍କା ଏବଂ ଦକ୍ଷିଣ ଭାରତରେ ପ୍ରଳୟ ସୃଷ୍ଟି କରିଥିଲା। ଭାରତରେ ଏହା ମୁଖ୍ୟତଃ ତାମିଲନାଡୁକୁ ବିଶେଷ ପ୍ରଭାବିତ କରିଥିଲା। ଏହି ପ୍ରଳୟଙ୍କରୀ ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା, ଭୂସ୍ଖଳନ ଓ ସମୁଦ୍ର ଜୁଆର ଯୋଗୁ ପ୍ରାୟ ୬୪୦ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୧.୬୪ ବିଲିୟନ ଡଲାରର ସମ୍ପତ୍ତି ନଷ୍ଟ ହୋଇଥିଲା। ଶ୍ରୀଲଙ୍କାରେ ପ୍ରବଳ ବୃଷ୍ଟିପାତ ଯୋଗୁ ଭୂସ୍ଖଳନ ଘଟି ଶତାଧିକ ଲୋକ ବେଘର ହୋଇଥିଲେ। ସେହିପରି ତାମିଲନାଡୁ ଓ କେରଳ ଉପକୂଳବର୍ତ୍ତୀ ଅଞ୍ଚଳରେ ଘରଦ୍ୱାର, ନଡ଼ିଆ ବଗିଚା ଏବଂ ମତ୍ସ୍ୟଜୀବୀଙ୍କ ଡଙ୍ଗା ବହୁମାତ୍ରାରେ ନଷ୍ଟ ହୋଇଯାଇଥିଲା। ବିଦ୍ୟୁତ୍ ଏବଂ ଟେଲିଫୋନ ସେବା ଅନେକ ଦିନ ଧରି ବିଚ୍ଛିନ୍ନ ରହିଥିଲା।







## ମହାବାତ୍ୟା 'ମେଲିସା'

୨୦୨୫ ଅକ୍ଟୋବରରେ ଆଟ୍‌ଲାଣ୍ଟିକ ମହାସାଗରରେ ସୃଷ୍ଟି ହୋଇଥିବା 'ମେଲିସା' ମହାବାତ୍ୟା କାରବିୟାନ ଦ୍ୱୀପପୁଞ୍ଜ ଏବଂ ଆମେରିକାର ପୂର୍ବ ଉପକୂଳରେ ଭୟଙ୍କର ତାଣ୍ଡବ ରଚିଥିଲା। ଏହା 'କ୍ୟାଟେଗୋରି-୫' ବା ସବୁଠାରୁ ଶକ୍ତିଶାଳୀ ବର୍ଗର ମହାବାତ୍ୟା ଥିଲା। ଏହାର କେନ୍ଦ୍ରସ୍ଥଳରେ ପବନର ବେଗ ଘଣ୍ଟା ପ୍ରତି ପ୍ରାୟ ୧୮୫ ମାଇଲ (୨୯୭ କିଲୋମିଟର) ରହିଥିଲା। ଏହା ପ୍ରଥମେ ଜାମାଇକା, କ୍ୟୁବା ଏବଂ ହାଇତିକୁ ଭୟଙ୍କର ଭାବେ ପ୍ରଭାବିତ କରିଥିଲା। ଏହାପରେ ଏହା ଆମେରିକାର ପୂର୍ବ ଉପକୂଳ ଆଡ଼କୁ ଅଗ୍ରସର ହୋଇ ବ୍ୟାପକ କ୍ଷୟକ୍ଷତି କରିଥିଲା। ପ୍ରବଳ ପବନ ଏବଂ ସମୁଦ୍ରର ଉଚ୍ଚ ଜୁଆର ଯୋଗୁ ଉପକୂଳବର୍ତ୍ତୀ ସହରଗୁଡ଼ିକରେ ବନ୍ୟା ସୃଷ୍ଟି ହୋଇଥିଲା। ବହୁ ହଜାର ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଏବଂ ବିଦ୍ୟୁତ୍ ଭିତ୍ତିଭୂମି ବିଧ୍ୱସ୍ତ ହୋଇଯାଇଥିଲା।

## ପଞ୍ଜାବ ବନ୍ୟା ଦୋହଲିଥିଲା କୃଷି ଅର୍ଥନୀତି

ଅଗଷ୍ଟରେ ପଞ୍ଜାବରେ ଏକ ଭୟଙ୍କର ବନ୍ୟା ସୃଷ୍ଟି ହୋଇଥିଲା, ଯାହାକୁ ଗତ ୪୦ ବର୍ଷ ମଧ୍ୟରେ ସବୁଠାରୁ ବିନାଶକାରୀ ବୋଲି କୁହାଯାଉଛି। ହିମାଚଳ ପ୍ରଦେଶ ଏବଂ ପଞ୍ଜାବର କ୍ୟାଚମେଣ୍ଟ ଏରିଆରେ ଅତ୍ୟଧିକ ବୃଷ୍ଟିପାତ ଯୋଗୁ ଭାକ୍ରା ଏବଂ ପୋଙ୍ଗ ଡ୍ୟାମରୁ ଅଧିକ ଜଳ ଛଡ଼ାଯିବା ଫଳରେ ସତଲେଜ୍, ବ୍ୟାସ ଏବଂ ରବି ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହୋଇଥିଲା। ଫଳରେ ହୋସିଆରପୁର, ଗୁରୁଦାସପୁର, ରୂପନଗର, ଜଳନ୍ଧର ଏବଂ ଫିରୋଜପୁର ଜିଲାରେ ବନ୍ୟାର ଭୟଙ୍କର ରୂପ ଦେଖିବାକୁ ମିଳିଥିଲା। ପ୍ରାୟ ୧,୪୦୦ ଗ୍ରାମ ଜଳମଗ୍ନ ହୋଇଯାଇଥିଲା। ଏଥିରେ ପ୍ରାୟ ୫୫ ଜଣ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୩୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ପ୍ରାୟ ୨.୫ ଲକ୍ଷ ଏକର ଚାଷଜମି ବୁଡ଼ିଯାଇଥିଲା। ଫଳରେ ଧାନ ଏବଂ ଅନ୍ୟାନ୍ୟ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବହୁ ହଜାର ଲୋକଙ୍କ ଘର ଭାଙ୍ଗିଯାଇଥିଲା। ଅନେକ ସ୍ଥାନରେ ନଦୀ ବନ୍ଧଗୁଡ଼ିକ ଧୋଇଯିବା ଫଳରେ ଗାଁଗୁଡ଼ିକରେ କାଦୁଅ ପାଣି ପଶିଯାଇଥିଲା। ଏହି ବିପର୍ଯ୍ୟୟ ପଞ୍ଜାବର କୃଷି ଅର୍ଥନୀତି ଉପରେ ଏକ ବଡ଼ ଶକ୍ତ ଧକ୍କା ଦେଇଥିଲା।



## ପାକିସ୍ତାନରେ ଜଳପ୍ରଳୟ

ଜୁନରୁ ସେପ୍ଟେମ୍ବର ମଧ୍ୟରେ ପାକିସ୍ତାନରେ ମୌସୁମୀଜନିତ ବନ୍ୟା ଏକ ବଡ଼ ମାନବୀୟ ସଙ୍କଟ ସୃଷ୍ଟି କରିଥିଲା। ପ୍ରବଳ ବର୍ଷା ଯୋଗୁ ପାକିସ୍ତାନର ବିଭିନ୍ନ ପ୍ରାନ୍ତରେ ଜଳପ୍ରଳୟ ଦେଖାଦେଇଥିଲା। ବିଶେଷକରି ସିନ୍ଧ, ବେଲୁଚିସ୍ତାନ ଏବଂ ପଞ୍ଜାବ ପ୍ରଦେଶରେ ବନ୍ୟାର ସବୁଠାରୁ ଭୟଙ୍କର ରୂପ ଦେଖିବାକୁ ମିଳିଥିଲା। ୧,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ପ୍ରାୟ ୬୯ ଲକ୍ଷ ଲୋକ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଥିଲେ। ଅନେକ ଲୋକ ଘରଦ୍ୱାର ହରାଇ ବେଘର ହୋଇଯାଇଥିଲେ। ବହୁ ପ୍ରମୁଖ ରାସ୍ତା, ବ୍ରିଜ୍, ବିଦ୍ୟୁତ୍ ଭିତ୍ତିଭୂମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବହୁ ଲକ୍ଷ ଏକର ଚାଷଜମିରେ ପାଣି ପଶି ଫସଲ ନଷ୍ଟ ହୋଇଥିଲା, ଯାହା ଦେଶରେ ଖାଦ୍ୟ ସଙ୍କଟ ସୃଷ୍ଟି କରିଥିଲା।



## ଟେକ୍ସାସ ବନ୍ୟା
### ଅଚାନକ ମାଡ଼ିଆସିଲା



ଜୁଲାଇ ୪ ଓ ୫ରେ ଆମେରିକାର ଟେକ୍ସାସ ହିଲ୍ କଣ୍ଟ୍ରି ଅଞ୍ଚଳରେ ଏକ ଅତି ଭୟଙ୍କର ବନ୍ୟା ସୃଷ୍ଟି ହୋଇଥିଲା। ଏହାକୁ ଟେକ୍ସାସ ଇତିହାସରେ ଅତ୍ୟନ୍ତ ଦୁଃଖଦାୟକ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଗଣାଯାଉଛି। 'ଗୁଆଡାଲୁପ ନଦୀ' ଅବବାହିକାରେ ଅତି ପ୍ରବଳ ବୃଷ୍ଟିପାତ ଯୋଗୁ ଏହି ଆକସ୍ମିକ ବନ୍ୟା ସୃଷ୍ଟି ହୋଇଥିଲା। ନଦୀର ଜଳସ୍ତର କିଛି ଘଣ୍ଟା ମଧ୍ୟରେ ଅକଳ୍ପନୀୟ ଭାବେ ବଢ଼ିଯାଇଥିଲା। ଏହି ବନ୍ୟାରେ ୧୩୫ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ବିଶେଷକରି ଏକ ସମର କ୍ୟାମ୍ପରେ ଥିବା ୨୭ ଜଣ ବନ୍ୟାଜଳରେ ଭାସିଯାଇ ପ୍ରାଣ ହରାଇଥିଲେ। ଏହି ବିପର୍ଯ୍ୟୟ ଯୋଗୁ ପ୍ରାୟ ୧.୧ ବିଲିୟନ ଡଲାରର ସମ୍ପତ୍ତି ନଷ୍ଟ ହୋଇଥିଲା। ହିଲ୍ କଣ୍ଟ୍ରି ଅଞ୍ଚଳର ଅନେକ ଘର, ବ୍ରିଜ୍ ଏବଂ ରାସ୍ତା ସମ୍ପୂର୍ଣ୍ଣ ଧୋଇଯାଇଥିଲା। ନଦୀକୂଳରେ ଥିବା ଶତାଧିକ ଗାଡ଼ି ଏବଂ ଗୃହପାଳିତ ପ୍ରାଣୀ ବନ୍ୟାପାଣି ସୁଅରେ ଭାସି ଯାଇଥିଲେ। ବନ୍ୟା ଏତେ ଶୀଘ୍ର ଆସିଥିଲା ଯେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ସମୟ ମିଳି ନ ଥିଲା।

**ମହୁମାଛି ଆକ୍ରମଣରେ ୨ ଗୁରୁତର**

କାମାକ୍ଷାନଗର,(ସୁଧୀର କୁମାର ପରିଡା): ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାଦୁଆ ଗ୍ରାମରେ ସୋମବାର ମହୁମାଛି ଆକ୍ରମଣରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଆହତମାନେ ହେଲେ ଜଟାଧାରୀ ପୃଷ୍ଟି (୭୨) ଓ ସର୍ବେଶ୍ୱର ସାହୁ (୯୫)। ଦୁହେଁ ଗ୍ରାମପାଖ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଯାଉଥିବା ବେଳେ ମହୁମାଛି ଆକ୍ରମଣ କରିଥିଲେ। ପ୍ରଥମେ ସେମାନଙ୍କୁ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି।

# ଜିଲାସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ ଉଦ୍‌ଯାପିତ

ଢେଙ୍କାନାଳ,୨୨।୧୨(ରତନ ନାୟାର)



ଅତିଥିମାନଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଢେଙ୍କାନାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେଶନର ୭ମ ପ୍ରତିଷ୍ଠା ଦିବସ ଅଗଷ୍ଟ ୨୫ରୁ ବ୍ଲକସ୍ତରରୁ ଆରମ୍ଭ ହୋଇଥିଲା। ରବିବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରରେ ଆୟୋଜିତ ହୋଇ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ, ଅଭିନୟ, ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ଜିଲାର ସମସ୍ତ ବ୍ଲକର ବିଭିନ୍ନ ସ୍କୁଲ, କଲେଜର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ତାଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବରେ ରୋଟାରି କ୍ଲବର ସଭାପତି ରୋଟାରିଆନ ସାଗରିକା ମିଶ୍ର, ସମ୍ମାନିତ ଅତିଥି ରୂପେ ରାଜ୍ୟ ସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତି, ରୋଟାରିଆନ୍ ରାଜକିଶୋର ବେହେରା, ଡ଼ା. ରୟମନ ମିଶ୍ର ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉପଲକ୍ଷେ ସ୍ୱତନ୍ତ୍ର ପୁସ୍ତିକା 'ମୋ ପ୍ରତିଭା ମୋ ପରିଚୟ' ଲୋକାର୍ପିତ ହୋଇଥିଲା । ଜିଲା ପାଇଁ ଗୌରବ ଆଣିଥିବା ସେବା ସମ୍ମାନରେ ଭାପୁର ସିମିଳିପାଟଣାର ଫ୍ରେଣ୍ଡସ ଫରଏଭର୍ ଗ୍ରୁପ, ସାମ୍ବାଦିକା ସମ୍ମାନରେ ରାଜଶ୍ରୀ ଶତପଥୀ, ଯୁବ ଖବରଦାତା ଆଶୁତୋଷ ମହାପାତ୍ର, ମହିଳା ଉଦ୍ୟୋଗୀ ମାନସୀ ଦାସ, ଶିକ୍ଷା ନିମନ୍ତେ ଦୁର୍ଗାପ୍ରସାଦ ତ୍ରିପାଠୀ, କ୍ରୀଡ଼ା କ୍ଷେତ୍ରରେ ପ୍ରଭାସିନୀ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁଦେବଜୀ ଫାଉଣ୍ଡେଶନର ପ୍ରତିଷ୍ଠାତା ଇଂ. ସୌମ୍ୟବ୍ରତ ସାହୁ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁରୁଦେବଜୀ ବିଜୟ କୁମାର ମିଶ୍ର, ଅର୍ପିତା ମିଶ୍ର, ଲିଟୁ ଦେହୁରୀ, ଇନ୍ଦ୍ରଜିତ ସାହୁ, ପ୍ରତାପ ନାୟକ, ସୌଭାଗ୍ୟ ବରାଳ, କାହ୍ନାଜୀ ମହାରଣା, ସତ୍ୟଜିତ ଦଳେଇ, ଅମିତ ବାରିକ, ଗାୟତ୍ରୀ ମିଶ୍ର, ଶୁଭସ୍ମିତା ନାୟକ, ଦୀପାଳି ରାଉଳ, ଅନୁପମ ସିଂ, ସମୀକ୍ଷା ସାହୁ, ଆକାଂକ୍ଷା ଓ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ରାଜଶ୍ରୀ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ସନ୍ଦୀପ କର ଧନ୍ୟବାଦ ଅର୍ପଣ କରିଥିଲେ ।

# ପରିଚାଳନା କମିଟି, ୧୬ ଉପକମିଟି ଗଠିତ

## ଢେଙ୍କାନାଳ ଜିଲା ମହୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ

ଢେଙ୍କାନାଳ,୨୨।୧୨(ରତନ ନାୟାର)



ପ୍ରସ୍ତୁତି ବୈଠକରେ ଜିଲା ସଂସ୍କୃତି ପରିଷଦ ଓ ଜିଲା ପ୍ରଶାସନର ସଦସ୍ୟମାନେ।

ଢେଙ୍କାନାଳ ଜିଲା ସଂସ୍କୃତି ପରିଷଦ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଦୀର୍ଘ ୧୦ବର୍ଷ ପରେ ଢେଙ୍କାନାଳ ଜିଲା ମହୋତ୍ସବ ଜାନୁଆରୀ ୨୦ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ୫ ତାରିଖରେ କପିଳାସରେ ମଶାଲ ଶୋଭାଯାତ୍ରା ଆୟୋଜିତ ହେବ। ଏଥିନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ସୋମବାର ଅପରାହ୍ନ ୪ଟା ସମୟରେ ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ମହୋତ୍ସବ ପାଇଁ ମୁଖ୍ୟ ପରିଚାଳନା କମିଟି ଓ ଅନ୍ୟ ୧୬ଟି ଉପକମିଟି ଗଠନ ପାଇଁ ପ୍ରସ୍ତାବ ଦିଆଯାଇଥିଲା । ବୈଠକରେ ଉପସ୍ଥିତ ଥିବା ବ୍ୟକ୍ତିବିଶେଷମାନଙ୍କଠାରୁ ମଧ୍ୟ ଏହି ପରିପ୍ରେକ୍ଷୀରେ ମତାମତ ଗ୍ରହଣ ଯାଇଥିଲା । ଶେଷରେ ସର୍ବସମ୍ମତି କ୍ରମେ ଏହି କମିଟିଗୁଡ଼ିକୁ ଚୂଡ଼ାନ୍ତ କରାଯାଇଥିଲା । ଏହି ବୈଠକରେ ଯୋଗଦେଇ ଜିଲାପାଳ ଆଶିଷ ଈଶ୍ୱର ପାଟିଲ କହିଥିଲେ ଯେ, ଜିଲା ମହୋତ୍ସବ ହେଉଛି ଗୋଟେ ଜିଲାର ସଂସ୍କୃତିର ପ୍ରତିଫଳନ । ଏହି ମହୋତ୍ସବ କିପରି ସୁରୁଖୁରୁରେ ସମ୍ପାଦିତ ହେବ ସେନେଇ ଜିଲାବାସୀଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ପୌରପରିଷଦ ଅଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ କହିଲେ ଯେ, ବହୁବର୍ଷ ପରେ ଜିଲା ମହୋତ୍ସବ ହେଉଥିବାରୁ ଜିଲାବାସୀମାନଙ୍କ ମଧ୍ୟରେ ବହୁତ ଉତ୍ସାହ ରହିଛି । ତେଣୁ ଏହି ମହୋତ୍ସବକୁ ସଫଳ କରିବା ଆମ ସମସ୍ତଙ୍କ ଦାୟିତ୍ୱ । ବୈଠକରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡ଼ନାୟକ, କାମାକ୍ଷାନଗର ଉପଜିଲାପାଳ ଦିନମଣି ନାୟକଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ପରିଚାଳନା କରିଥିଲେ ।

# ଗଁଦିଆ ବ୍ଲକରେ ଜନ ଅଭିଯୋଗ ଶୁଣାଣି

ଗଁଦିଆ,୨୨।୧୨(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ପଞ୍ଚାୟତ ସମିତି ସଭାଗୃହଠାରେ ସୋମବାର ଏକ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଏସପି ସୂର୍ଯ୍ୟମଣି ପ୍ରଧାନ, ଉପ ଜିଲାପାଳ ବିବୁଧ ଗଡନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର, ବିଡିଓ ପବିତ୍ର କୁମାର ବେହେରା, ଗଁଦିଆ ତହସିଲଦାର ସତ୍ୟଜିତ ମହାପାତ୍ର, ମନ୍ତ୍ରୀଙ୍କ ପ୍ରତିନିଧି ରତିକାନ୍ତ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଶିବିରରେ ମୋଟ ୧୩୩ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ଅଭିଯୋଗଗୁଡ଼ିକର ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଓ ରେଡ଼କ୍ରସରୁ ୫ଜଣ କ୍ୟାନ୍ସର ରୋଗୀଙ୍କୁ ୧ ଲକ୍ଷ ୧୦ହଜାର ପ୍ରଦାନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ମିତପ୍ରଜ୍ଞ ମହାନ୍ତିଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର ପାଇଲେ ସପ୍ତଶଯ୍ୟା ସମ୍ମାନ



ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ ସପ୍ତଶଯ୍ୟା ସମ୍ମାନରେ ସମ୍ମାନିତ କରାଯାଉଛି।

ଢେଙ୍କାନାଳ,୨୨।୧୨(ରତନ ନାୟାର)

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ଦେବାଂଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଚଳିତବର୍ଷ ସପ୍ତଶଯ୍ୟା ମହୋତ୍ସବ ରବିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜା ବ୍ରିଗେଡ଼ିୟର କାମାକ୍ଷା ପ୍ରସାଦ ସିଂହଦେଓ ଏବଂ ରାଣୀ ସାବିତ୍ରୀ ଦେବୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ଉପଦେଷ୍ଟା ଡ. ତନ୍ମୟ ସ୍ୱାଇଁ, ଉତ୍କଳ ଆଜବେଷ୍ଟସର ଉପସଭାପତି ରଞ୍ଜିତ ବର୍ଣ୍ଣୱାଲା, ଉତ୍କଳ ଆଜବେଷ୍ଟସ ଢେଙ୍କାନାଳ ୱାର୍କସ୍ ମ୍ୟାନେଜର କ୍ଷୀରୋଦ କୁମାର ବେହେରା ପ୍ରମୁଖ ଯୋଗଦେଇ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ ଓଡିଶୀ ନୃତ୍ୟ ପାଇଁ ସପ୍ତଶଯ୍ୟା ସମ୍ମାନରେ ସମ୍ମାନିତ କରିଥିଲେ । ଏଥିସହିତ ଯୁବ ପ୍ରତିଭା କ୍ଷେତ୍ରରେ ଅଭିନୟ ପାଇଁ ଶୁଭାଶିଷ ଶର୍ମା, ସଂଗୀତ କ୍ଷେତ୍ରରେ ପ୍ରଜ୍ଞା ହୋତା, ସୌମ୍ୟ ରଞ୍ଜନ ଯୋଶୀ, ଓଡିଶୀ ନୃତ୍ୟ ପାଇଁ ବିଶ୍ୱଜିତ ଦାସ ଏବଂ ନିର୍ଦ୍ଦେଶନା ପାଇଁ ଶ୍ରୀଜିତ୍ ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ମହୋତ୍ସବରେ ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ନେଇ ଗୁରୁ ଗୌରୀଶଙ୍କର ଦାଶଙ୍କ ନିର୍ଦ୍ଦେଶନାରେ ୫୦ଜଣ କଳାକାର ଏକତ୍ର ଭାବରେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ । ଲିଖିତା ସେଠୀ ଏବଂ ଗ୍ରୁପ୍ ରାଉରକେଲାଙ୍କ ଦ୍ୱାରା କଥକ ନୃତ୍ୟ, ଆଦୃତା ଭୁବନେଶ୍ୱରଙ୍କ ଦ୍ୱାରା ଦଳଗତ ଓଡିଶୀ ନୃତ୍ୟ ଓ ଦେବାଂଶୀ ଡ୍ୟାନ୍ସ ଏକାଡେମୀର ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା । ଉପସ୍ଥାପକ ଡ. ମୃତ୍ୟୁଞ୍ଜୟ ରଥ ଓ ରାକ୍ଷୀ ଦାସ ପରିଚାଳନା କରିଥିଲେ ।

# କଂଗ୍ରେସର ପ୍ରତିବାଦ ସଭା

ଢେଙ୍କାନାଳ,୨୨।୧୨(ରତନ ନାୟାର)

ସଂସଦର ଶୀତକାଳୀନ ଅଧିବେଶନରେ ଭାଜପା ସରକାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରୁ ମହାତ୍ମାଗାନ୍ଧୀଙ୍କ ନାମକୁ ହଟାଇ ଏହାକୁ 'ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଓ ଆଜୀବିକା ମିଶନ୍ (ଗ୍ରାମୀଣ) ଅବା ଜୀ-ରାମ-ଜୀ ନାମକ ଆଇନ ପ୍ରଣୟନ କରିଛନ୍ତି । ଏହା ବାପୁଙ୍କ ପ୍ରତି ଅସମ୍ମାନ ବୋଲି କହି ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ସୋମବାର ପ୍ରତିବାଦ କରାଯାଇଛି। ଜିଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ଦଳର ନେତା ଏବଂ କର୍ମୀମାନେ ଗାନ୍ଧି ମନ୍ଦିରରଠାରୁ ଏକ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ନିକଟସ୍ଥ ଗାନ୍ଧୀ ପାର୍କରେ ଏକତ୍ରିତ ହୋଇ ମହାତ୍ମା ଗାନ୍ଧୀଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଧାରଣାରେ ବସିଥିଲେ। ବରିଷ୍ଠ ନେତା ସମରେନ୍ଦ୍ର ନନ୍ଦ, ଡା. ତୁଷାରକାନ୍ତି ନାୟକ, ବିପ୍ରବର ସାହୁ, ଦିଲ୍ଲୀପ ବରାଳ, ପ୍ରେମଶଙ୍କର ମିଶ୍ର, ସରୋଜ ସତପଥି, ସୁଶାନ୍ତ ଧଳ, ସ୍ମିତାରାଣୀ ସାମଲ, ଅବିନାଶ ପଣ୍ଡା ପ୍ରମୁଖ ଉଦବେଗ ପ୍ରକାଶ କରିଥିଲେ। ବରିଷ୍ଠ ନେତା ରୁଦ୍ର ପ୍ରକାଶ ଶରଣ, ସମସୀଦା ତାଏବ, ପ୍ରଭୂଦତ୍ତ ଭଞ୍ଜ, ନୁରୁଲ ଇସଲାମ, ସୁବାଷ ପାଲ୍, ତ୍ରିନାଥ ବେହେରା, ରାଜୁ ଖାଁ, ଡମ୍ବରୁଧର ସେଠୀ, କାମାକ୍ଷା ବିହାରୀ, ରୁମେନା ବେଗମ୍, ମହମ୍ମଦ ଆର୍ସାଦ୍‌ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ । ପରେ ଅତିରିକ୍ତ ଜିଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

# ନୂଆଗଡ଼ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



ଗଁଦିଆ,୨୨।୧୨(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନୂଆଗଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଗଳ କିଶୋର ଦାଶଙ୍କ ଅଧ୍ୟକ୍ଷତାରେ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁଭଦ୍ରା ପୃଷ୍ଟି ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ହରିହର ସାହୁ କହିଲେ ଯେ, ଶିଶୁମାନଙ୍କୁ ନୈତିକ ମୂଲ୍ୟଯୁକ୍ତ ଶିକ୍ଷାଦେଲେ ସେମାନେ ସମାଜରେ ସୁପ୍ରତିଷ୍ଠିତ ହୋଇପାରିବେ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପରିବେଶବିତ୍ ବିଜୟ କୁମାର ସାମନ୍ତ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଗଳ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ଅକ୍ଷୟ କୁମାର ମିଶ୍ର, ସମିତି ସଭ୍ୟ ବିରଞ୍ଚି ନାରାୟଣ ସାହୁ, ପରିଚାଳନା ପରିଷଦର ସଭାପତି ମନସ୍ମିତା ପଣ୍ଡା, ପଞ୍ଚସଖା ସେତୁ ସଭାପତି ସୁଶାନ୍ତ କୁମାର ସାମନ୍ତ, ଶିକ୍ଷକ ନେତା ଅଭୟ ଚରଣ ପାଣିଗ୍ରାହୀ, ସିଆରସିସି ରାହାସ ବିହାରୀ ମଲ୍ଲିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଇଚ୍ଛାପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ୍ଦ୍ର କୁମାର ସାମନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାଶୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଲେଖ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ପାଣି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସବିତା ମହାନ୍ତି, ସସ୍ମିତା ମହାନ୍ତି, ଛବିରାଣୀ ଖଟୁଆ, ଶିକ୍ଷକ ଶ୍ରୀନିବାସ ସାମନ୍ତ, ବିଶ୍ୱନାଥ ଭୋଇ, ସୁଶାନ୍ତ ନାଥ, ପ୍ରଭାକର ଭୋଇ, ସାମାଜିକ କର୍ମୀ ପ୍ରମୋଦ କୁମାର ରାଉତ, ପ୍ରହଲ୍ଲାଦ ପଣ୍ଡା, ନିରଞ୍ଜନ ସାହୁ, ପ୍ରଧାନ ଶିକ୍ଷକ ବିଜୟ କୁମାର ବରାଳ ସକ୍ରିୟ ସହଯୋଗ କରିଥିଲେ।

# ଓକିଲ ସଂଘ, ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧର୍ମଘଟ ଡାକରା

ପରଜଙ୍ଗ, ୨୨।୧୨ (ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ଓକିଲ ସଂଘ ଓ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୨୪ ତାରିଖ ବୁଧବାର ଧର୍ମଘଟ ଡାକରା ଦିଆଯାଇଛି। ସୋମବାର ପରଜଙ୍ଗ ରେଡ୍‌ନାଇଟ କ୍ଲବଠାରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ପରଜଙ୍ଗ ଓକିଲ ସଂଘର ସଭାପତି ଅଶୋକ କୁମାର ଦଳବେହେରା ଓ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟିର ସଭାପତି ସୁବ୍ରତ କୁମାର ପରିଡ଼ା ଏହି ଘୋଷଣା କରିଛନ୍ତି। ୨୪ ତାରିଖ ସକାଳ ୧୦ ଘଟିକା ସମୟରେ ପରଜଙ୍ଗ ଶିବ ମନ୍ଦିରଠାରୁ ପିକେଟିଂ ଆରମ୍ଭ କରାଯାଇ ସମସ୍ତ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ବନ୍ଦ କରିବା ସହିତ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଯାଇ ସେଠାରେ ତାଙ୍କୁ ଦାବିପତ୍ର ଦିଆଯିବ ବୋଲି ସ୍ଥିରୀକୃତ ହୋଇଛି। ଏହି ଖବରଦାତା ସମ୍ମିଳନୀରେ ବାର ଆସୋସିଏଶନର ସମ୍ପାଦକ ବେଣୁଧର ସାହୁ, ସଦାଶିବ ମଲ୍ଲିକ, ନିରଞ୍ଜନ ସାହୁ, ବିପିନ ବିହାରୀ ପାଣି, ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନର ସମ୍ପାଦକ ଦୁର୍ଗାଚରଣ ପାତ୍ର ଓ ଯୁଗ୍ମ କମିଟିର ଆବାହକ ପ୍ରଦୀପ କୁମାର ସାମନ୍ତରାୟଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବାଜି ରାଉତ କଲେଜର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ଭୁବନ, ୨୨।୧୨ (ବିପିନ ବିହାରୀ ସେଠୀ)

ଢ଼େଙ୍କାନାଳ ଜିଲା ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ପରିସରରେ ନିର୍ମାଣ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ସୋମବାର କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଉଦ୍‌ଘାଟନ କରିଛନ୍ତି । ୩୦ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ସାଂସ୍କୃତିକ ମଞ୍ଚ, ସମ୍ମିଳନୀ କକ୍ଷ, ପ୍ରାଶାସନିକ ଅଧିକାରୀଙ୍କ ସୌଧ, ରାସ୍ତା ସମେତ ଚାରିଟି ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଏହି ମଞ୍ଚକୁ ଗଣେଷ ସାଂସ୍କୃତିକ ମଣ୍ଡପ ଭାବେ ନାମକରଣ କରାଯାଇଥିଲା । ଆଗାମୀ ଦିନରେ ମହାବିଦ୍ୟାଳୟର ଉନ୍ନତମାନର ଖେଳପଡ଼ିଆ ସହିତ ଷ୍ଟାଡିଅମ ନିର୍ମାଣ କରାଯିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଭୁବନ ବିଡିଓ ଆୟୁଷୀ ମହାପାତ୍ର, ମହାବିଦ୍ୟାଳୟ ଅଧକ୍ଷ ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ପୁରାତନ ଛାତ୍ରମାନେ ଉପସ୍ଥିତ ଥିଲେ। ବରିଷ୍ଠ କିରାଣୀ କୈଳାଶ ଚନ୍ଦ୍ର ବେହେରା, ଗ୍ରନ୍ଥାଗାରିକ ନନ୍ଦ କିଶୋର ଧୀର, ଅଧ୍ୟାପକ ପ୍ରଭାତ ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ଭଜନମାଳା ପୁସ୍ତକ ଉନ୍ମୋଚିତ

ଢେଙ୍କାନାଳ,୨୨।୧୨(ରତନ ନାୟାର)



ଶିକ୍ଷାବିତ୍ ସତ୍ୟାନନ୍ଦ ମଲ୍ଲିକଙ୍କ ରଚିତ ଭଜନମାଳା ପୁସ୍ତକକୁ ଅତିଥିମାନେ ଉନ୍ମୋଚିତ କରୁଛନ୍ତି

ଢେଙ୍କାନାଳ ଜିଲା ସଦର ବ୍ଲକ୍ ବେଲଟିକିରି ପଞ୍ଚାୟତ ଜର୍ଙ୍ଗିରାସ୍ଥିତ ଶ୍ରୀଚୈତନ୍ୟ ମନ୍ଦିର ପରିସରରେ ଶିକ୍ଷାବିତ୍ ସତ୍ୟାନନ୍ଦ ମଲ୍ଲିକଙ୍କ ରଚିତ ଭଜନମାଳା ପୁସ୍ତକ ସୋମବାର ଉନ୍ମୋଚିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ଜିଲା ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଉପସ୍ଥିତ ରହି ପୁସ୍ତକକୁ ଉନ୍ମୋଚନ କରିଥିଲେ । ଅଲେଖ ମହିମାଙ୍କଠାରୁ ଆରମ୍ଭ କରି ବିଭିନ୍ନ ଦେବାଦେବୀଙ୍କ ପ୍ରତି ୬୪ଟି ସ୍ତୁତି ଗାନ ସମ୍ବଳିତ ଏହି ଭଜନମାଳା ପୁସ୍ତକଟି ସତ୍ୟବ୍ରତ ଦାଶଙ୍କ ଦ୍ୱାରା ମୁଦ୍ରିତ ହୋଇଛି । ଜର୍ଙ୍ଗିରା ମଠର ପରିଚାଳନା କମିଟି ସଭାପତି ମୁରଲିଧର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉନ୍ମୋଚନ ସମାରୋହରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସନାତନ ମଲ୍ଲିକ ମୁଖ୍ୟବକ୍ତା ରୂପେ ଯୋଗଦେଇ ପଞ୍ଚଦଶ ଶତାବ୍ଦୀରେ ଶ୍ରୀ ଚୈତନ୍ୟଙ୍କ ଦ୍ୱାରା ଉତ୍କଳରେ ରାଧାକୃଷ୍ଣ ତତ୍ତ୍ୱ ସମ୍ବଳିତ ବୈଷ୍ଣବୀୟ ଭାବଧାରାର ପ୍ରଚାର ପ୍ରସାର ଓ ସେଥିରେ ପଞ୍ଚସଖା ରୂପେ ପରିଚିତ ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ ଯୋଗଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଥିଙ୍କର୍ସ ଫୋରମ୍‌ର ସମ୍ପାଦକ ଆଇନଜୀବୀ ପ୍ରକାଶଚନ୍ଦ୍ର ରାଉତ ସଂଗୀତ ଆମ ଜୀବନର ଏକ ଅଭିନ୍ନ ଅଙ୍ଗ ଏବଂ ପଞ୍ଚଦଶ ଶତାବ୍ଦୀ ଓଡିଆ ଭକ୍ତି ସାହିତ୍ୟର ସୁବର୍ଣ୍ଣଯୁଗ ରୂପେ ପରିଚିତ ଥିଲା ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ମହାନ୍ତି, ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ, ପୁସ୍ତକ ପ୍ରକାଶକ ସତ୍ୟବ୍ରତ ଦାଶ, ବାବା ଭଗବାନ ଦାସ, ସଞ୍ଜୟ ସାହାଣୀ, ସଞ୍ଜୟ କୁମାର ସାହୁ ଓ କୋଦଣ୍ଡଧର ଦେହୁରୀ ପ୍ରମୁଖ ପୁସ୍ତକ ରଚନା ଉପରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ମଠ ପରିଚାଳନା କମିଟିର ସମ୍ପାଦକ ସଞ୍ଜୟ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ଯୁବପିଢ଼ିଙ୍କ ପ୍ରତିଭାକୁ ପ୍ରୋତ୍ସାହନ ଦେବା ଉଚିତ

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଢେଙ୍କାନାଳ,୨୨।୧୨(ରତନ ନାୟାର:)




ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଢେଙ୍କାନାଳ ଜିଲା ଓଡ଼ାପଡା ବ୍ଲକ୍ ଅନ୍ତର୍ଗତ ନିଶ୍ୱାର୍ଡ ଏବଂ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ମୋ ଭାରତ ମିଳିତ ଆନୁକୂଲ୍ୟରେ ଗଦାଶିଳା ଗ୍ରାମପଞ୍ଚାୟତ ଦାଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଦୁଇଦିନିଆ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀ ପୌରୋହିତ୍ୟ କରି ପ୍ରତିଯୋଗିତାର ଆଭିମୁଖ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଦାଣ୍ଡିମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମର କୁମାର ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି, ଯୁବପିଢ଼ିମାନଙ୍କ ପ୍ରତିଭାକୁ ପ୍ରୋତ୍ସାହନ ଦେବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ପୁରୁଷୋତ୍ତମ ରାଉତ, ସମ୍ମାନିତ ଅତିଥି ଭାବେ ଉତ୍କଳ ଭାରତୀ ଯୁବ ସେବା ସଂଘର ସଭାପତି ଜଗବନ୍ଧୁ ସ୍ୱାଇଁ, ଦାଣ୍ଡିମାଳ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବନମାଳି ସାହୁ, ବ୍ରହ୍ମବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ବାଳକମାନଙ୍କ ମଧ୍ୟରେ ଫୁଟ୍‌ବଲ୍, ବାସ୍କେଟ୍ ବଲ୍ ଓ ବାଳିକାମାନଙ୍କ ମଧ୍ୟରେ ସ୍ଲୋ ସାଇକେଲ୍ ରେସ୍, ବ୍ୟାଡ୍‌ମିଣ୍ଟନ, ରିଲେ ରେସ୍ ଓ ଟାଏକୋଣ୍ଡୋ ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ତୃପ୍ତିମୟୀ ରାଣା ଓ ଫୁଟବଲ୍ ରେଫରି ଭାବେ ବିଶ୍ୱଜିତ୍ ପ୍ରସାଦ ସାହୁ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ପ୍ରତିଯୋଗିତାରେ ୮୦ରୁ ଊର୍ଦ୍ଧ୍ୱ ବାଳକ ଓ ବାଳିକା ବର୍ଗର ପ୍ରତିଯୋଗୀମାନେ ଖେଳ ପ୍ରଦର୍ଶନ କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ସଦସ୍ୟ ଶକ୍ତି ପ୍ରସାଦ ମିଶ୍ର, ରାକେଶ କୁମାର ରାଉତ ଓ ବିକାଶ କୁମାର ରାଉତ କ୍ରୀଡା ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ମୋ ଭାରତ ଢେଙ୍କାନାଳ ଶାଖାର କାର୍ଯ୍ୟକାରୀ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର ଓ ନିଶ୍ୱାର୍ଡ ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ବାଇକ୍ ଜବତ, ଜଣେ ଗିରଫ

ବଇଣ୍ଡା,(ପରିକ୍ଷିତ ସାହୁ): ଅନୁଗୋଳ ଜିଲା ହଣ୍ଡପା ପୋଲିସ ପକ୍ଷରୁ ରବିବାର ଗାଡ଼ି ଯାଞ୍ଚ କରାଯିବା ବେଳେ ମଦ୍ୟପାନ କରି ବାଇକ୍ ଚଳଉଥିବା ଅଭିଯୋଗରେ ଠେଲକନାଳୀ ଗ୍ରାମର ସ୍ୱାଧୀନ ବସଲାଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ବାଇକ୍‌କୁ ଜବତ କରାଯାଇଛି। ସ୍ୱାଧୀନ ମଦ୍ୟପାନ କରି ବାଇକ ଚଳଉଥିବା ବେଳେ ତାଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ମୃତ ମଧୁସ୍ମିତାଙ୍କ ପରିବାରକୁ ନ୍ୟାୟ ଦାବିରେ ଗଣଧାରଣା



ଆଲୁମିନିୟମ ମଜଦୁର ସଂଘ ତରଫରୁ ଗଣଧାରଣା ଦିଆଯାଇଛି।

**ବଅଁରପାଳ,୨୨।୧୨ (ସୁବାସ ସାହୁ)**

ଅନୁଗୋଳ ଜିଲା ନାଲ୍‌କୋନଗରସ୍ଥିତ ନାଲ୍‌କୋ କଲୋନୀର ଏକ କାର୍ଟର୍ସରୁ ଗତ ୧ ତାରିଖରେ ଜଣେ ମହିଳାଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ପୋଲିସ ଜବତ କରିଥିଲା। ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଆସୁଥିଲେ ହେଁ ୨୦ ଦିନ ପରେ ବି ପୋଲିସ ଏହି ଘଟଣା ଉପରୁ ପରଦା ହଟାଇପାରି ନାହିଁ। ହତ୍ୟା ଅଭିଯୁକ୍ତ ଖୋଲାରେ ବୁଲୁଥିବା ବେଳେ ପୋଲିସ ପ୍ରଶାସନ ଉପରୁ ନାଲ୍‌କୋବାସୀଙ୍କ ଆସ୍ଥା ତୁଟିବାକୁ ବସିଥିବା ସାଧାରଣରେ ଅଭିଯୋଗ ହେଉଛି। ତେଣୁ ନାଲ୍‌କୋ ଟାଉନଶିପ୍‌ର ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ସହ ମୃତ ମଧୁସ୍ମିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ବିଏମ୍‌ଏସ୍ ସହବନ୍ଧିତ ଆଲୁମିନିୟମ ମଜଦୁର ସଂଘ ତରଫରୁ ସୋମବାର ଇଷ୍ଟେଟ ଅଫିସ ପ୍ରାଙ୍ଗଣରେ ସମୂହ ଗଣଧାରଣା ଦିଆଯାଇଥିଲା। ଏଥିସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କର୍ପୋରେଟସ୍ତରର ଉଚ୍ଚପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ବୈଠକ ହେଲେ ଆଶାନୁରୂପ ଫଳପ୍ରାପ୍ତି ହେବ ବୋଲି ସଂଘ ତରଫରୁ ଦାବି ରଖାଯାଇଥିଲା। ପରେ ପ୍ରଶାସନ ତରଫରୁ ପ୍ରତିଶ୍ରୁତି ମିଳିଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସଭାପତି ମୁନା ସାମଲ ଏବଂ ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ମଲିକଙ୍କ ନେତୃତ୍ୱରେ ଏହି ଗଣଧାରଣାରେ ନାଲ୍‌କୋନଗରର ଅନେକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

# ୩ ବଖରା ଜଳିଗଲା

**ବନ୍ତଲା,୨୨।୧୨(ସୁଶିତ ସାହୁ)**

ଅନୁଗୋଳ ବ୍ଲକ ବଲଙ୍ଗ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ପୀତବାସ ନାଏକ(୬୫)ଙ୍କ ୩ ବଖରା ଘର ପୋଡ଼ି ପାଉଁଶ ହୋଇଛି। ରାତି ପ୍ରାୟ ୩ଟା ବେଳେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା। ପରିବାର ଲୋକେ କୌଶଳକ୍ରମେ ଘରୁ ବାହାରକୁ ବାହାରି ଆସିଥିଲେ। ଗାଁ ଲୋକେ ବନ୍ତଲା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବା ବେଳକୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଥିଲା। ବିପନ୍ନ ପରିବାରକୁ ଜରିପାଲ ସହ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅଗ୍ନିଶମ ବାହିନୀର ଏଏସ୍‌ଓ ଭାବଗ୍ରାହୀ ବିଶ୍ୱାଳ, ହାବିଲଦାର ସତ୍ୟ ଶିବାଜୀ ସାମଲ, ସୁବ୍ରତ କୁମାର ଗଡ଼ନାୟକ, ରାକେଶ ସେନାପତି, ଅଜିତ କୁମାର ରାଉତ, ଦୁର୍ଗା ହାଂସଦା ପ୍ରମୁଖ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ଏଏସ୍‌ଓ ବିଶ୍ୱାଳ କହିଛନ୍ତି।

# ସୂର୍-ତାଲର ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ



ସୂର୍-ତାଲ ସେବା ଓ ସାଂସ୍କୃତିକ ଅନୁଷ୍ଠାନର ୨୪ତମ ସାଂସ୍କୃତିକ ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

**ଅନୁଗୋଳ,୨୨।୧୨(ମାନସ ବିଶ୍ୱାଳ )**

ଅନୁଗୋଳ ସହରସ୍ଥିତ ସଭାଘରଠାରେ ସୂର୍-ତାଲ ସେବା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ୨୪ତମ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇଥିଲେ। ଅତିଥି ଭାବେ ଓଡ଼ିଶୀ ମୋଟର ପରିଚାଳକ ବିମଳ କୁମାର ପାଣି, ଅଜିତ କୁମାର ଧଳ, ଅନିଲ କୁମାର ମହାନ୍ତି ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ବିଚାରକ ଭାବେ ଗୁରୁ ଗଣେଶ ମିଶ୍ର, ଅଲିଭା ସ୍ମୃତି ରଥ, ଗୁରୁ ରିତେଶ କୁମାର ଓ ରମେଶ କୁମାର ବାରିକ ଯୋଗଦେଇଥିଲେ। ସୂର୍-ତାଲ ସଭାପତି ଅଜୟ କୁମାର ନାଥ ମଞ୍ଚାସୀନ ଥିଲେ। ସୂର୍-ତାଲ ଅନୁଷ୍ଠାନ ପିଲାମାନଙ୍କୁ ମଞ୍ଚ ପ୍ରଦାନ ତଥା କଳା ସଂସ୍କୃତିକୁ ବଞ୍ଚାଇ ରଖିଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ସୂର୍-ତାଲ ଅନୁଷ୍ଠାନ ପାଇଁ ଜାଗା ଦେବାକୁ ଛେଣ୍ଡିପଦା ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୂର୍-ତାଲର ସମ୍ପାଦକ ସୁଜିତ କୁମାର ସାହୁ, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ମହାପାତ୍ର, ବରିଷ୍ଠ ଉପଦେଷ୍ଟା ଚୈତନ୍ୟ ପୋଥାଳ, ଉପଦେଷ୍ଟା ପ୍ରଭାତ କୁମାର ଦାସ, ବିଶ୍ୱରଞ୍ଜନ ସିହ୍ନା, ଶାନ୍ତନୁ କୁମାର ସ୍ୱାଇଁ, ସତ୍ୟନାରାୟଣ ଦାସ, ଧୃବିତ କୁମାର ପ୍ରଧାନ, ମନୋଜ ପୃଷ୍ଟି, ଅଜିତ କୁମାର ସାହୁ, ଉଦୟ କୁମାର ସାହୁ, ସନ୍ତୋଷ କୁମାର ସାମଲ, ପ୍ରକାଶ କୁମାର ନନ୍ଦ, ପ୍ରଶାନ୍ତ ଦେବତା, ପୂର୍ଣ୍ଣଚନ୍ଦ୍ର କର, କେଦାର ବେହେରା, ଅଶୋକ ଶର୍ମା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସିନେ ଜଗତର କଳାକାର ଲିପି ମହାପାତ୍ର ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

# କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ର ପରିଚୟ ସୃଷ୍ଟି କରିପାରିବେ



ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥିମାନେ।

**ବଇଣ୍ଡା,୨୨।୧୨ (ପରିକ୍ଷିତ ସାହୁ)**

ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟକୁ ଫିଟ୍ ରଖେ କ୍ରୀଡ଼ା। ତେଣୁ ଶିକ୍ଷା ସହିତ କ୍ରୀଡ଼ା ନିହାତି ଆବଶ୍ୟକ। କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ରମାନେ ସେମାନଙ୍କ ପରିଚୟ ସୃଷ୍ଟି କରିପାରିବେ। ଅନୁଗୋଳ ଜିଲା କିଶୋରନଗର ବ୍ଲକ ଲୁହାମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ସୋମବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଗ୍ରାମ ସଭାପତି ଗୋବିନ୍ଦ ଚନ୍ଦ୍ର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଗ୍ରାମ ସମ୍ପାଦକ ରଣଜିତ ପ୍ରଧାନ, ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ମହାପାତ୍ର ଉପସ୍ଥିତ ଥିଲେ। ସେହିପରି ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଖବରଦାତା ପରୀକ୍ଷିତ ସାହୁ, ଅନ୍ୟତମ ଅତିଥି ଭାବେ ଦୀପକ କୁମାର ସାହୁ, ଲୁହାମୁଣ୍ଡା ସମିତିସଭ୍ୟ ଧୋବେଇ ବେହେରା, ବିଦ୍ୟାଳୟ ସଭାପତି ବସନ୍ତ କୁମାର ପ୍ରଧାନ, ନବ କୁମାର ସାହୁ ପ୍ରମୁଖ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଶୁଭ୍ରସ୍ମିତା ପ୍ରଧାନ, ଅଶିନୀ କୁମାର ପଳେଇ, ସଞ୍ଜୁକ୍ତା ବେହେରା ଖେଳ ପରିଚାଳନା କରିଥିଲେ।

# ଅସୁସ୍ଥ ଆଇନଜୀବୀଙ୍କୁ ହୁଇଲ୍ ଚେୟାର ପ୍ରଦାନ

**ବଇଣ୍ଡା,୨୨।୧୨ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳର ବରିଷ୍ଠ ଆଇନଜୀବୀ ତଥା ଆଠମଲ୍ଲିକ ଓକିଲ ସଂଘର ସଦସ୍ୟ ନାରାୟଣ ପ୍ରଧାନ ଦୀର୍ଘଦିନ ହେଲା ମସ୍ତିଷ୍କଜନିତ ରୋଗରେ ପୀଡ଼ିତ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ପାଇଁ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ବରିଷ୍ଠ ଆଇନଜୀବୀ ଜିତେନ କୁମାର ମିଶ୍ର, ବାମନ କୁମାର ମିଶ୍ର ଓ ଜିତେନ୍ଦ୍ର କୁମାର ମୁଖି ଶନିବାର ଯାଇଥିବା ବେଳେ ସେ ଖଟରେ ଶୋଇରହିଥିଲେ। ଏକ ହୁଇଲ ଚେୟାର ଦେବା ପାଇଁ ତାଙ୍କ ସ୍ତ୍ରୀ ଅନୁରୋଧ କରିଥିଲେ। ଓକିଲ ସଂଘ ସଭାପତି ମହାପାତ୍ର ହୁଇଲ ଚେୟାର ପ୍ରଦାନ ପାଇଁ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଓକିଲ ସଂଘର ଅନୁରୋଧ ରକ୍ଷାକରି ସୋମବାର ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ ଓ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରାଙ୍କ ସହ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଅର୍ଜୁନ ରାଉଳ, ଆଇନଜୀବୀ ବାମନ କୁମାର ମିଶ୍ର, ଦୀନେଶ କୁମାର ସିଂହ, ଉଗ୍ରସେନ ସେଠୀ, ଜିତେନ୍ଦ୍ର କୁମାର ମୁଖି, ଆର୍ଯ୍ୟଭଞ୍ଜ ମହାନନ୍ଦିଆ ପ୍ରମୁଖ ଆଇନଜୀବୀ ପ୍ରଧାନଙ୍କ ଘରକୁ ଯାଇ ହୁଇଲ ଚେୟାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟ ପାଇଁ ଏନ୍‌ଏସି କର୍ତ୍ତୃପକ୍ଷ ଓ ଓକିଲ ସଂଘକୁ ସାଧାରଣରେ ପ୍ରଶଂସା କରାଯାଇଛି। ସୂଚନାଯୋଗ୍ୟ, ଆଇନଜୀବୀ ପ୍ରଧାନଙ୍କ ଚିକିତ୍ସା ପାଇଁ ଓକିଲ ସଂଘ ପ୍ରୟାସରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦରୁ ୨୦ ହଜାର ଓ ବାର୍ କାଉନସିଲ ଅଫ ଇଣ୍ଡିଆରୁ ୧୦ ହଜାର ଆର୍ଥିକ ସହାୟତା ପ୍ରଦାନ କରାଯାଇସାରିଛି ବୋଲି ସଭାପତି ପ୍ରଧାନ ପ୍ରକାଶ କରିଛନ୍ତି।



ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରଧାନଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଉଛି।

# ହିନ୍ଦୋଳ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



**ସାତମାଇଲ, ୨୨।୧୨ (ସୁଶାନ୍ତ ପତି)**

ଢେଙ୍କାନାଳ ଜିଲା ହିନ୍ଦୋଳ ସଦରମହକୁମା ସ୍ଥିତ ହିନ୍ଦୋଳ ସରସ୍ୱତୀ ଶିଶୁମନ୍ଦିରର ପରିସରରେ ସୋମବାର ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଅଭିରାମ ବେହେରାଙ୍କ ପୌରୋହିତରେ ଅନୁଷ୍ଠିତ ଉତ୍ସବରେ ଢେଙ୍କାନାଳ ଲୋକସଭା ଏମ୍‌ପି ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ପ୍ରଭାକର ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ସହମନ୍ତ୍ରୀ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ହେମନ୍ତ ପାଣିଗ୍ରାହୀ, ପ୍ରଧାନଶିକ୍ଷକ ପ୍ରଶାନ୍ତ କର, ସମ୍ପାଦକ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କୋଷାଧ୍ୟକ୍ଷ ରବିନାରାୟଣ ପଟ୍ଟନାୟକ ସହଯୋଗ କରିଥିଲେ।

# କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ଗଣିତ ଦିବସ

**କାମାକ୍ଷାନଗର,୨୨।୧୨(ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତ ରାଜ ଉଚ୍ଚ ବିଦ୍ୟାଳୟରେ ସୋମବାର ଜାତୀୟ ଗଣିତ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଯୋଗଦେଇ ଆଦିମ ଯୁଗରୁ ଗଣିତ ବ୍ୟବହାର ହୋଇ ଆସୁଥିବାବେଳେ ପଞ୍ଚମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ଗଣିତର ସୁବର୍ଣ୍ଣ ଯୁଗ ବୋଲି କହିଥିଲେ। ମହାନ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ ଆଧୁନିକ ଗଣିତର ଜନକ ଭାବେ ପରିଚିତ। ପିଲାଙ୍କ ଗଣିତ ପଢ଼ା ପ୍ରତି କିପରି ଆଗ୍ରହ ସୃଷ୍ଟି ହୋଇପାରିବ ତାହାର ସରଳ ସୂତ୍ର ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜେଆର୍‌ସି କାଉନ୍‌ସିଲର ସୁରେଶ କୁମାର ବିଶ୍ୱାଳ, ପ୍ରହ୍ଲାଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷକ ନିରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ଆକାଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ ଗଣିତ ବିଭାଗର ବିବରଣୀ ପ୍ରଦାନ କରିବା ସହ ବିଦ୍ୟାଳୟରେ ଥିବା ଗଣିତ ପ୍ରୟୋଗଶାଳାର ବ୍ୟବହାରିକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଚନ୍ଦ୍ରମଣି ଲେଙ୍କା, ବସନ୍ତ କୁମାର ସାହୁ, ଚିତ୍ତରଞ୍ଜନ ବିଶ୍ୱାଳ, ଶିକ୍ଷୟିତ୍ରୀ ସୁମିତ୍ରା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ନିର୍ମଳ କୁମାର ମହାନ୍ତି, ସମରେନ୍ଦ୍ର ନାୟକ, ସୌଭାଗ୍ୟ ସାହୁ, ରାଜେଶ ସାହୁ, ଶିକ୍ଷୟିତ୍ରୀ ପ୍ରଭାତୀ ସାହୁ, ଗୀତା ମହାପାତ୍ର, ପ୍ରୀତିପ୍ରିୟମ୍ବଦା ପରିଡ଼ା, ଶିକ୍ଷା କର୍ମଚାରୀ ଗିରିଶ ଚନ୍ଦ୍ର ମହାନ୍ତି, ଜୟସ୍ମିତା ରାଉତ, ରବି ନାରାୟଣ ରାଉତ, ଶାନ୍ତନୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**TO-LET**

A 5000 SFT 1st Floor Morden Office Premises available for long term rent at Main Road, Mancheswar Industrial Estate, Bhubaneswar. Plug & Play with all facilities like 5 Glass Cabins, Conference Hall, 40 Seat Capacity Hall, AC, Ceiling Lights, with well finished corporate style, ready to move office. Suitable for Elite business houses, Corporates/IT companies. Lift facility can be arranged.

**Contact No.: 9437011130**
Email: malla@magnum-india.com

# ଜାତୀୟ ଗଣିତ ଦିବସ ଉପଲକ୍ଷେ ପାଠଚକ୍ର




**ଓଡ଼ାପଡ଼ା, ୨୨।୧୨ (ରଞ୍ଜିତ ନାୟକ)**

ଢେଙ୍କାନାଳ ଜିଲାର ହିନ୍ଦୋଳରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଗଣିତ ବିଭାଗରେ ଜାତୀୟ ଗଣିତ ଦିବସ ପାଳନ ଉପଲକ୍ଷେ 'କର୍ଭ ଟ୍ରେସିଙ୍ଗ' ଶୀର୍ଷକରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଅଛି। ବିଭାଗ ମୁଖ୍ୟ ଡ.ରାଜକିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରରେ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଦୈନନ୍ଦିନ ଜୀବନରେ ଗଣିତର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ନୀଳକଣ୍ଠ ଦାସ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଗଣିତ ବିଷୟରେ କିପରି ଭବିଷ୍ୟତ ଗଠନ କରାଯାଇପାରିବ ସେ ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବରେ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ପ୍ରଣବ କୁମାର ହୋତା ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଗଣିତର ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପିକା ଇପ୍‌ସିତା ପ୍ରିୟଦର୍ଶିନୀ ପୃଷ୍ଟି ବିଷୟ ପ୍ରବେଶ କରାଇଥିଲେ। ଛାତ୍ରୀ ଶ୍ରୀବାଳିନୀ ପାତ୍ର, ପ୍ରତିଭା ପ୍ରିୟଦର୍ଶିନୀ ସାହୁ ଏବଂ ଛାତ୍ର ସୁବ୍ରତ ସାହୁ, ଚିନ୍ମୟ ବେହେରା ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଛାତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**"ଜାତୀୟ ତାଳଗୁଡ଼ ଦିବସ"**

**ଉପଲକ୍ଷେ**

PALM CRAFT

**ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘ ଲି଼. ପରିବାର ତରଫରୁ ତାଳଗୁଡ଼ ଶିଳ୍ପରେ ନିୟୋଜିତ ରାଜ୍ୟର ସମସ୍ତ କାରିଗର, କର୍ମଚାରୀ, ପ୍ରାଥମିକ ତାଳଗୁଡ଼ ସମିତି ଓ ସଂଘ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା, ଶୁଭେଚ୍ଛୁ ତଥା ତାଳଗୁଡ଼ ଶିଳ୍ପପ୍ରେମୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।**

**"ସହଯୋଗ ହିଁ ଯୁଗଧର୍ମ"**

**ପି ପ୍ରଭାକର ରାଓ**
ପରିଚାଳନା ନିର୍ଦ୍ଦେଶକ

**ପ୍ରଫୁଲ୍ଲ କୁମାର ଜେନା**
ସଭାପତି

# ସୂର୍ଯ୍ୟାଲୋକ ଫାଉଣ୍ଡେଶନର ସପ୍ତମ ବାର୍ଷିକୋତ୍ସବ

**ଢେଙ୍କାନାଳ,୨୨।୧୨(ରତନ ନାୟାର)**



ଢେଙ୍କାନାଳର ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ସୂର୍ଯ୍ୟାଲୋକ ଫାଉଣ୍ଡେଶନର ସପ୍ତମ ବାର୍ଷିକୋତ୍ସବ ଓ ପ୍ରତିଭା ମହୋତ୍ସବ ସୋମବାର ଗୋପବନ୍ଧୁ ଟାଉନହଲରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ମହେଶ ସାହୁ, ବରିଷ୍ଠ ଖବରଦାତା ଶିଶିର ଶତପଥୀ, ଅନ୍ୟତମ ଅତିଥି ଭାବେ ମାଇକ୍ରୋମିଡିଆ ନିର୍ଦ୍ଦେଶକ ଅଥୟ କୁମାର ସାହୁ, ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ସାମାଜିକକର୍ମୀ ସାଗରିକା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରେ ପ୍ରତିଭା ଚୟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟବକ୍ତା ଡା. ଶାନ୍ତିଭୂଷଣ ପଣ୍ଡା ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଦୀପକ ରଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ମିତା ପ୍ରିୟଦର୍ଶିନୀ ଷଡ଼ଙ୍ଗୀ ଓ ନିର୍ଦ୍ଦେଶିକା ଶୁଭଦର୍ଶିନୀ ପରିଡ଼ା ବିବରଣୀ ପାଠ କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ କୁମାର ପାଣି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସହଯୋଗୀ ସୁଚିତ୍ର କୁମାର ବେହେରା, ସୁଶୀଳ କୁମାର ସାହୁ, ପ୍ରଶାନ୍ତ କୁମାର ତ୍ରିପାଠୀ, ଆଶୁତୋଷ ପାଢ଼ୀ, ଆର୍ଯ୍ୟସ୍ମିତା ମହାନ୍ତି, ଜ୍ୟୋତିର୍ମୟୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ବିଜ୍ଞାନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

**ଭାରତୀୟ କପା ନିଗମ ଲିମିଟେଡ୍**
ମୋବାଇଲ ଆପ
**ଶାଖା କାର୍ଯ୍ୟାଳୟ: ରାୟଗଡା**
ପ୍ଲଟ ନଂ- ୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୨.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବା କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

**ଅସାଧାରଣ**
**ଅଂଶ-II-ଖଣ୍ଡ-3, ଉପଖଣ୍ଡ (II)**
**ରେଳମନ୍ତ୍ରଣାଳୟ (ପୂର୍ବ ତଟ ରେଳପଥ)**
**ସୂଚନା ପତ୍ର, ଭୁବନେଶ୍ୱର, ତାରିଖ-21.11.2025**
**ରେଳ ଆଇନ, 1989 ର ସେକ୍ସନ୍ 20A ଅନ୍ତର୍ଗତ ସୂଚନା**

**S.O. 5344(E).**- ରେଲୱେ (ସଂଶୋଧନ) ଆଇନ, 1989 (24/89)-ର ସେକ୍ସନ୍ 20Aର ସବ୍-ସେକ୍ସନ (1) ଦ୍ୱାରା ଦିଆଯାଇଥିବା ଶକ୍ତିରେ କେନ୍ଦ୍ର ସରକାର, ଏହା ନିଶ୍ଚିତ ହେଲା ପରେ ଯେ ଜନ ସାଧାରଣଙ୍କ ଉଦ୍ଦେଶ୍ୟ ପାଇଁ, ଯାହାର ସଂକ୍ଷିପ୍ତ ବିବରଣୀ ଏଠାରେ ନିମ୍ନଲିଖିତ ସୂଚୀରେ ଦିଆଯାଇଛି, ଏହା ପାଇଁ ସ୍ଥାନ ଆବଶ୍ୟକ ହୋଇଛି ବିଶେଷ ରେଲୱେ ପ୍ରକଳ୍ପ ପୂରଣ କରିବା ପାଇଁ, ପ୍ରକଳ୍ପର ନାମ "ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଅଧୀନ, ଓଡିଶାର ଗଞ୍ଜାମ ଜିଲ୍ଲାରେ ରମ୍ଭା (RBA)-ହୁମ୍ମା (HMA) ଷ୍ଟେସନ ମଧ୍ୟରେ KM 556/1-3ରେ ଲେଭେଲ୍ କ୍ରସିଂସଂଖ୍ୟା-275 ବନ୍ଦ କରିବା ପ୍ରତିଷ୍ଠାନରେ ସଡ଼କ ଉପରେ ଅଧିସେତୁ ନିର୍ମାଣ" ପ୍ରକଳ୍ପ ପାଇଁ, ସେହି ସ୍ଥଳ ଅଧିଗ୍ରହଣ କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି।

ଉକ୍ତ ଜମିରେ ରୁଚିଯୁକ୍ତ କୌଣସି ବ୍ୟକ୍ତି, ଅଧିକୃତ ଗଜେଟରେ ସୂଚନା ପ୍ରକାଶ ପାଇଁ ତାରିଖରୁ (30) ତିରିଶି ଦିନ ମଧ୍ୟରେ, ଉକ୍ତ ଜମିକୁ ଉଲ୍ଲେଖିତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉପରେ ବିରୋଧ ଉଠାଇପାରିବେ, ଯାହା ଏହି କାନୁନର ଧାରା 20D ଅନୁଧାରା (1) ଅନ୍ତର୍ଗତ ଥାଏ।

ସମସ୍ତ ଆପତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ କ୍ଷମତାଶୀଳ କାର୍ଯ୍ୟାଧିକାରୀଙ୍କୁ, ଅର୍ଥାତ୍ ଜମି ଅଧିଗ୍ରହଣ ପାଇଁ କ୍ଷମତାଶୀଳ କାର୍ଯ୍ୟାଧିକାରୀ (CALA) ଏବଂ ଖଲିକୋଟ ତହସିଲଦାରଙ୍କୁ, ଲିଖିତ ଭାବରେ ଦାଖଲ କରାଯିବା ଦରକାର ହେବ, ଯାହା ଲେଭେଲ୍ କ୍ରସିଂସଂଖ୍ୟା-275 କୁ ବନ୍ଦ କରିବା ପରିବର୍ତ୍ତେ KM 556/1-3 ମଧ୍ୟରେ ରମ୍ଭା (RBA)-ହୁମ୍ମା (HMA) ଷ୍ଟେସନ୍ ମଧ୍ୟରେ ସଡ଼କ ଉପର ଅଧିସେତୁ ନିର୍ମାଣ ପାଇଁ ହାୱଡ଼ା-ଭିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥ ଖୁର୍ଦ୍ଧା ରୋଡ୍ ବିଭାଗରେ ନିର୍ମିତ ହେବ। ଏହାର ତଥ୍ୟ ଓ ତ୍ରୁଟିମୂଳକ ବିବରଣୀ ସହିତ ଦାଖଲ କରାଯିବା ଦରକାର। କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆପତ୍ତିକାରୀଙ୍କୁ ସେହି ବିଷୟରେ ଶୁଣିବାର ସୁଯୋଗ ଦେବେ, ସେ ନିଜେ ଲଗତାର କିମ୍ବା ଏକ ଆଇନ ସମ୍ବିଧାନକାରୀ ମାଧ୍ୟମରେ ଆପତ୍ତିଗୁଡ଼ିକୁ ଶୁଣିବେ, ଏବଂ ସମସ୍ତ ଆପତ୍ତିଗୁଡ଼ିକୁ ଶୁଣିବା ପରେ ଏବଂ ଯଥା ଆବଶ୍ୟକ ହେଲେ ଅନ୍ୟାନ୍ୟ ତଦନ୍ତ କରି, କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆଦେଶ ମାଧ୍ୟମରେ, ସେହି ଆପତ୍ତିଗୁଡ଼ିକୁ ମାନ୍ୟ କିମ୍ବା ଅମାନ୍ୟ କରିପାରିବେ।

ଏହି କାନୁନର 20D ର ସବ୍-ସେକସନ୍(2) ଅନୁସାରେ ପ୍ରାଧିକୃତ କର୍ତ୍ତୃକ ଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଆଦେଶ ଅନ୍ତିମ ନିର୍ଣ୍ଣୟ ହେବ। ଏହି ସୂଚନା ଅଧୀନ ଆସିଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ରହିଛି ଏବଂ ଇଚ୍ଛୁକ ବ୍ୟକ୍ତି ପ୍ରାଧିକୃତ କର୍ତ୍ତାଙ୍କର ଉପରୋକ୍ତ କାର୍ଯ୍ୟାଳୟରେ ଯାଇ ସେଗୁଡ଼ିକୁ ନିରୀକ୍ଷଣ କରି ପାରିବେ।

**ସୂଚୀ**

ଏହା ସହିତ ସଂଲଗ୍ନ ଭୂମିର ସଂକ୍ଷିପ୍ତ ବର୍ଣ୍ଣନା (ଅନେକ୍ସଚର-୧) ଯାହା ସଂରଚନା ସହିତ କିମ୍ବା ବିନା ସଂରଚନାରେ ଅଧିଗ୍ରହଣ କରାଯିବାପାଇଁ, ବିଶେଷ ରେଳପଥ ପ୍ରକଳ୍ପ ପାଇଁ, ଯଥା 'ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନ ହେଉଥିବା ହାୱଡ଼ା-ବିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥରେ ରମ୍ଭା(RBA)-ହୁମ୍ମା(HMA) ଷ୍ଟେସନ୍ ମଧ୍ୟରେ KM-556/1-3 ରେ ଲେଭେଲ୍ କ୍ରସିଂସଂଖ୍ୟା.275 ବନ୍ଦ କରିବା ପ୍ରତିସ୍ଥାପନାରେ ସଡ଼କ ଉପର ଅଧିସେତୁ ନିର୍ମାଣ') ଗଞ୍ଜାମ ଜିଲ୍ଲାରେ, ଓଡ଼ିଶା ରାଜ୍ୟରେ।

**ଜିଲ୍ଲାର ନାମ:-ଗଞ୍ଜାମ** **ଏନେକ୍ସର-1**

**ଭୂମି ସୂଚୀ**
**ପ୍ରକଳ୍ପର ନାମ:- ଆର.ଓ.ବି–275 ର ନିର୍ମାଣ**
**ଜିଲ୍ଲାର ନାମ:-ଗଞ୍ଜାମ, ବିଭାଗର ନାମ:-ଖୁର୍ଦ୍ଧା ରୋଡ୍**
**ତହସିଲଦାରଙ୍କ ନାମ:-ଖଲ୍ଲିକୋଟ**

| କ୍ରମିକ ସଂଖ୍ୟା | ଗାଁର ନାମ | ପ୍ଲଟ୍ ନମ୍ବର | ଏକରରେ | ଭୂମିର ପ୍ରକାର | ଭୂମିର ମାଲିକାନା |
|---|---|---|---|---|---|
| 1 | ରମ୍ଭା | 1550/4923 | 0.0430 | ଉପଲବ୍ଧ ନାହିଁ | ନିଜସ୍ୱ |
| 2 | ରମ୍ଭା | 1522 | 0.2054 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 3 | ରମ୍ଭା | 1521 | 0.0107 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 4 | ରମ୍ଭା | 2207 | 0.0293 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 5 | ରମ୍ଭା | 2209 | 0.3587 | ରାସ୍ତା | ସରକାରୀ |
| 6 | ରମ୍ଭା | 1563 | 0.1150 | ରାସ୍ତା | ସରକାରୀ |
| 7 | ରମ୍ଭା | 2205 | 0.0514 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 8 | ରମ୍ଭା | 2206 | 0.0024 | ବର୍ଷା ଧାରା ଦୋଫସଲି ଏକ | ନିଜସ୍ୱ |
| 9 | ରମ୍ଭା | 2206/4905 | 0.0048 | ବିଲ ଦୋଫସଲି ଦୁଇ | ନିଜସ୍ୱ |
| 10 | ରମ୍ଭା | 3033 | 0.0002 | ବିଲ ଦୋଫସଲି ଦୁଇ | ନିଜସ୍ୱ |
| 11 | ରମ୍ଭା | 3175 | 0.1157 | ବିଲ ଏକ | ନିଜସ୍ୱ |
| 12 | ରମ୍ଭା | 3173 | 0.1516 | ବିଲ ଏକ | ନିଜସ୍ୱ |
| 13 | ରମ୍ଭା | 3165 | 0.0525 | ଅଡ଼ି | ସରକାରୀ |
| 14 | ରମ୍ଭା | 3166 | 0.5079 | ଜଳାସୟ ଦୁଇ | ସରକାରୀ |
| 15 | ରମ୍ଭା | 3167 | 0.0266 | ଅଡ଼ି | ସରକାରୀ |
| 16 | ରମ୍ଭା | 3168 | 0.0014 | ଦେବସ୍ଥଳୀ | ସରକାରୀ |
| 17 | ରମ୍ଭା | 2210 | 0.1457 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 18 | ରମ୍ଭା | 2211 | 0.1818 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 19 | ରମ୍ଭା | 2213 | 0.0332 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 20 | ରମ୍ଭା | 2212 | 0.1180 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 21 | ରମ୍ଭା | 2214 | 0.1580 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 22 | ରମ୍ଭା | 2217 | 0.0914 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 23 | ରମ୍ଭା | 2863 | 0.2702 | ରାସ୍ତା | ସରକାରୀ |
| 24 | ରମ୍ଭା | 2863/4929 | 0.0272 | ନୟନଜୋରି | ସରକାରୀ |
| 25 | ରମ୍ଭା | 3035 | 0.0387 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 26 | ରମ୍ଭା | 3034 | 0.0276 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 27 | ରମ୍ଭା | 3036 | 0.3678 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 28 | ରମ୍ଭା | 3030 | 0.1467 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 29 | ରମ୍ଭା | 3031 | 0.1467 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 30 | ରମ୍ଭା | 3157 | 0.1283 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 31 | ରମ୍ଭା | 3158 | 0.0261 | ବିଲ୍ ଦୋଫସଲି ଦୁଇ | ନିଜସ୍ୱ |
| 32 | ରମ୍ଭା | 3163 | 0.0499 | ରାସ୍ତା | ସରକାରୀ |
| 33 | ରମ୍ଭା | 4274 | 0.0328 | ନୟନଜୋରି | ସରକାରୀ |
| 34 | ରମ୍ଭା | 3174 | 0.1301 | ବିଲ ଏକ | ନିଜସ୍ୱ |
| 35 | ରମ୍ଭା | 3172 | 0.0460 | ନାଳ | ସରକାରୀ |
| | | ମୋଟ | 3.8428 | | |

**ତହଶିଲଦାର ଖଲିକୋଟ**

**ଉପ ମୁଖ୍ୟ ଇଞ୍ଜିନିୟର/ନିର୍ମାଣ/ଆରଏସପି/ ପୂର୍ବ ତଟ ରେଳପଥ /ଭୁବନେଶ୍ୱର**

PR-194/CI/25-26

# ଆନ୍ତଃରାଜ୍ୟ ଲିଙ୍କ୍‌ରେ ବିହାରରୁ ଆଉ ଜଣେ ଗିରଫ

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

- ଶଙ୍କର, ସୁରେଶଙ୍କୁ ପଚରାଉଚରା ପରେ ମିଳିଲା ଅମିତ୍‌ଙ୍କ ଲିଙ୍କ୍
- ରିମାଣ୍ଡ ଶେଷ ପରେ ଜେଲ ଗଲେ ଶଙ୍କରଙ୍କ ସମେତ ୩ ଅଭିଯୁକ୍ତ
- ହଜାର କୋଟି ସମ୍ପର୍କରେ ସିବିଆଇକୁ ସବୁ କହିଛି: ଶଙ୍କର
- ରାକେଟ୍‌ରେ ଥିବା ଆଇପିଏସ୍ ଅଧିକାରୀଙ୍କୁ ସିବିଆଇର ସମନ

ଭୁବନେଶ୍ୱର,୨୨।୧୨(ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ମାମଲାରେ ସିବିଆଇ ଆନ୍ତଃରାଜ୍ୟ ଲିଙ୍କ୍ ଅଭିଯୋଗରେ ବିହାରରୁ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାରର ଅମିତ୍ ଭାରତୀ। ତାଙ୍କୁ ସିବିଆଇ ଗିରଫ କରିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣିଛି। ଶଙ୍କର ପ୍ରୁଷ୍ଟି ଏବଂ ସୁରେଶ ନାୟକଙ୍କୁ ମାରାଥନ ଜେରା କରାଯିବାପରେ ଅମିତ୍‌ଙ୍କ ଲିଙ୍କ୍ ପଦାକୁ ଆସିଥିଲା। ପ୍ରଶ୍ନପତ୍ର କିଭଳି ପିଲାଙ୍କ ନିକଟରେ ପହଞ୍ଚିବ, କେଉଁଭଳି ପ୍ରଶ୍ନ ପ୍ରସ୍ତୁତ କରାଯିବ, ସେନେଇ ସବୁକିଛି ଅମିତ୍ ବୁଝୁଥିଲେ। ତେଣୁ ସିବିଆଇର ଏକ ଟିମ୍ ବିହାର ଯାଇ ତାଙ୍କୁ ଗିରଫ କରିଛି। ଅମିତ୍‌ଙ୍କୁ ଭୁବନେଶ୍ୱର ଆଣିବା ପରେ ସ୍ପେଶାଲ ସିବିଆଇ କୋର୍ଟରେ ହାଜର କରାଯାଇ ଝାରପଡ଼ା ଜେଲ ପଠାଯାଇଥିବା ଜଣାପଡ଼ିଛି।

ଅନ୍ୟପଟରେ ୪ ଦିନିଆ ରିମାଣ୍ଡ ଶେଷ ପରେ ଶଙ୍କର, ସୁରେଶ ଏବଂ ସାଗର ଗୌଡ଼ଙ୍କୁ ସ୍ପେଶାଲ ସିବିଆଇ କୋର୍ଟରେ ହାଜର କରିବାପରେ ଜେଲ ପଠାଇ ଦିଆଯାଇଛି। କୋର୍ଟରେ ହାଜର ସମୟରେ ଶଙ୍କରଙ୍କୁ ହଜାର କୋଟିର ଭିନ୍ନ କଥା ଗଣମାଧ୍ୟମ ପ୍ରତିନିଧି ପଚାରିଥିଲେ। ସିବିଆଇକୁ ସବୁ କଥା କହିଛି, ତାଙ୍କୁ ପଚାରନ୍ତୁ ବୋଲି ସେମାନେ କହିବେ ବୋଲି ଶଙ୍କର କହିଥିଲେ। ରିମାଣ୍ଡ ସମୟରେ ଶଙ୍କର, ସୁରେଶଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଦାୟ କରିଥିବା ଜାଣିବାକୁ ମିଳିଛି। ବିଶେଷକରି ଏହି ରାକେଟ୍ କିଭଳି ଚାଲୁଥିଲା ଶଙ୍କର ଏବଂ ସୁରେଶ ସବୁ କିଛି ସିବିଆଇ ଆଗରେ ଖୋଲିଦେଇଛନ୍ତି। ବଡ଼ କଥା ହେଲା ଏହି ରାକେଟରେ ଥିବା ଜଣେ ଆଇପିଏସ୍‌ଙ୍କ



ଶଙ୍କର ପ୍ରୁଷ୍ଟି

ଭୂମିକା ଏବେ ପଦାକୁ ଆସିଛି। ତାଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିବା ପାଇଁ ସିବିଆଇ ଲାଗିପଡ଼ିଛି। ଓଡ଼ିଆରିର ଜଣେ ଏସ୍‌ପି ର‌୍ୟାଙ୍କ୍‌ର ଅଧିକାରୀଙ୍କୁ ପଚରାଉଚରା କରିବା ପରେ ଧରେ ତାଙ୍କ ଲିଙ୍କ୍ ସିବିଆଇ ଜାଣିବାକୁ ପାଇଛି। ତେଣୁ ପୁଣି ସିବିଆଇ ଓଡ଼ିଆରିର ଆଉ ୩ ଜଣଙ୍କୁ ପଚରାଉଚରା କରିଥିବା ଜଣାପଡ଼ିଛି। ଏହି ୩ଜଣଙ୍କୁ ପଚରାଉଚରା କରିବା ପରେ ସିବିଆଇ ଏହି ଆଇପିଏସ୍ ଭୂମିକା ଥିବା ଜଣାପଡ଼ିବାପରେ ସିବିଆଇ ସମନ୍ କରିଥିବା ବୁଝାପଡ଼ୁଛି। ଆସନ୍ତା ୭ଦିନ ଭିତରେ ଉକ୍ତ ଆଇପିଏସ୍ ହାଜର ହେବେ ବୋଲି ଜଣାପଡ଼ିଛି। ପରୀକ୍ଷା ପରିଚାଳନା ଦାୟିତ୍ୱ ସମ୍ପୂର୍ଣ୍ଣଭାବେ ଓଡ଼ିଆରିର ଥିବାବେଳେ ଏଥିପାଇଁ କାରଣ ପାଇଁ ଏହି ବିଭାଗ ରୁପ ରହିଥିଲା, ତାହା ଏବେ ସିବିଆଇ ଘାଣ୍ଟୁଛି। ଏପରିକି ଓଡ଼ିଆରିରେ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀଙ୍କ ବ୍ୟାଙ୍କ୍ ଡିଟେଲ୍ ଘାଣ୍ଟିବା ସହ ସିଡିଆର ମଧ୍ୟ ଯାଞ୍ଚ କରାଯାଉଛି। ତାହା ସ୍ପଷ୍ଟ ହେବା ପରେ ସିବିଆଇ ଉଠାଇବ ବୋଲି ଚର୍ଚ୍ଚା ହେଉଛି। ଏହି ଜାଲିଆତି ମାମଲାରେ ସିବିଆଇର ଗିରଫ ସଂଖ୍ୟା ୭ ହୋଇଥିବାବେଳେ ସମୁଦାୟ ଗିରଫ ସଂଖ୍ୟା ୧୨୯ରେ ପହଞ୍ଚିଛି।

# ଅବସରପ୍ରାପ୍ତ ମହିଳା ସୁପରଭାଇଜରଙ୍କୁ ହତ୍ୟା

## ସାଇଣ୍ଟିଫିକ ଟିମ୍ ସହ ପୋଲିସର ତଦନ୍ତ



ସାଇଣ୍ଟିଫିକ ଟିମ୍‌ର ତଦନ୍ତ।

ଭବାନୀପାଟଣା/ଧର୍ମଗଡ଼,୨୨।୧୨ (ଉତ୍ତମ କୁମାର ଦାଶ/ଘାସିରାମ ଜଗତ)

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଗଡ଼ିଆଜୋର ଗାଁରୁ ସୋମବାର ସକାଳୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ସୁଚିତ୍ରା ଖୁଣ୍ଟିଆ (୬୨) ନାମ୍ନୀ ସ୍ୱାସ୍ଥ୍ୟ ବିଭାଗର ଜଣେ ଅବସରପ୍ରାପ୍ତ ମହିଳା ସୁପରଭାଇଜରଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଛନ୍ତି। ତାଙ୍କ ବେକରେ ଆଘାତ ଲାଗିଥିବାବେଳେ ହାତରେ ମଧ୍ୟ ଚିହ୍ନ ରହିଛି। ମହିଳା ଜଣକ ଗୋଡାଉ ହୋଇଥିବା ଶାଲରେ ତାଙ୍କ ବେକକୁ ଚିପି ଦୁର୍ବୃତ୍ତମାନେ ମାରିଥିବା ଅନୁମାନ କରାଯାଉଛି। ଏହାସହ ସେ ପିନ୍ଧିଥିବା ସମସ୍ତ ସୁନା ଗହଣା ଲୁଟିନେଇଛନ୍ତି। ମହିଳାଙ୍କୁ ହତ୍ୟା ପରେ ଅଭିଯୁକ୍ତମାନେ ତାଙ୍କ ସ୍କୁଟିକୁ ନେଇ ୨ କି.ମି. ଦୂର ବିଜୁ ଏକ୍ସପ୍ରେସ ୱେରେ ଛାଡି ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୦୨୪ରେ ସୁଚିତ୍ରା ସୁପରଭାଇଜର ପଦବୀରୁ ଅବସର ନେଇଥିଲେ। ତାଙ୍କ ଘର ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ମହାଦେବ ବସ୍ତ ବୋଲି ଜଣାପଡ଼ିଛି। ତାଙ୍କ ସ୍ୱାମୀ ଜଣେ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଓ ୨ ପୁଅ ସରକାରୀ କର୍ମଚାରୀ। ମହିଳାଙ୍କ ସ୍ୱାମୀ ଓ ୨ ପୁଅ ସମସ୍ତେ ବାହାରେ ରହୁଥିବାବେଳେ ସେ ଘରେ ଏକାକୀ ରହୁଥିଲେ। ଏପରିସ୍ଥଳେ ରବିବାର ରାତିରେ ଦୁର୍ବୃତ୍ତମାନେ ଆସି ତାଙ୍କୁ ହତ୍ୟା କରିଥିଲେ। ତେବେ କେଉଁ କାରଣରୁ ସେମାନେ ଏଭଳି କାଣ୍ଡ ଘଟାଇଲେ ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ସ୍ଥାନୀୟ ଲୋକେ ଘର ଆଗରେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହ ଧର୍ମଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଚୋରି ପାଇଁ ନା ଅନ୍ୟ ଉଦ୍ଦେଶ୍ୟରେ ହତ୍ୟାକାଣ୍ଡ ଘଟିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଏ ନେଇ ଧର୍ମଗଡ଼ ଥାନାରେ ଏକ ମାମଲା (ନଂ.୩୮୭/୨୫) ରୁଜୁ ହୋଇଛି। କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ: କଲେଜ ସମ୍ପାଦକ ଗିରଫ

ବଲାଙ୍ଗୀର,୨୨।୧୨ (ବୀରେନ୍ଦ୍ର କୁମାର ଖାଙ୍କର)

ବଲାଙ୍ଗୀର ସହର ଉପକଣ୍ଠ ଏକ ଘରୋଇ କଲେଜରେ ଜଣେ ମହିଳା କର୍ମଚାରୀଙ୍କ ଅସଦାଚରଣ କରିବା ଅଭିଯୋଗରେ ବଲାଙ୍ଗୀର ସଦର ଥାନା ପୋଲିସ ଉକ୍ତ କଲେଜର ସମ୍ପାଦକ ନାରାୟଣ ମିଶ୍ର (୪୩)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୋଗ ମୁତାବକ, ଶୁକ୍ରବାର ସନ୍ଧ୍ୟା ମହିଳା କର୍ମଚାରୀଙ୍କୁ ନାରାୟଣ ତାଙ୍କ କ୍ୱାର୍ଟର୍ସକୁ ଡାକି ଅସଦାଚରଣ କରିଥିଲେ। ମହିଳା ଜଣଙ୍କ ସେଠାରୁ ଖସି ଆସିବା ପରେ ଜୀବନରେ ମାରିଦେବା ପାଇଁ ସେ ତାଙ୍କୁ ଧମକ ଦେଇଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (୫୫୩/୨୫) ରୁଜୁ କରି ଅଭିଯୁକ୍ତ ମିଶ୍ରଙ୍କୁ ରବିବାର ରାତିରେ ଗିରଫ କରିଛି। ତେବେ ଏନେଇ ଅଭିଯୁକ୍ତ ସମ୍ପାଦକ ମିଶ୍ରଙ୍କ ମତାମତ ମିଳିପାରିନାହିଁ।

# ଜୁନିୟର ଆକାଉଣ୍ଟାଣ୍ଟଙ୍କ ବିପୁଳ ସମ୍ପତ୍ତି ଠାବ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ, ଭିଜିଲାନ୍ସ ଚଢ଼ାଉ

ସୁନ୍ଦରଗଡ଼/ବାଲେଶ୍ୱର, ୨୨।୧୨ (ଜୟ ନାରାୟଣ ମେହେର/ ବାଞ୍ଛାନିଧି ଦେ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ସୁନ୍ଦରଗଡ଼ ଜିଲ୍ଲା ଓଡ଼ିଶା ଷ୍ଟେଟ ସିଭିଲ ସପ୍ଲାଏ କର୍ପୋରେଶନ କାର୍ଯ୍ୟାଳୟ (ଓଏସ୍‌ସିଏସ୍‌ସି)ର ଜୁନିୟର ଆକାଉଣ୍ଟାଣ୍ଟ ରବୀନ୍ଦ୍ର କୁମାର ବାରିକଙ୍କ ୫ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ବାଲେଶ୍ୱର ଓ ସୁନ୍ଦରଗଡ଼ରେ ତାଙ୍କର ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି। ସେ ଗତବର୍ଷ ବାଲେଶ୍ୱରରୁ ସୁନ୍ଦରଗଡ଼ ବଦଳି ହୋଇ ଆସିଥିଲେ। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ବଡ଼ ଧରଣର ଚଢ଼ାଉ ଆରମ୍ଭ ହୋଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏହି ଚଢ଼ାଉ ଜାରି ରହିଛି।

ମିଳିଥିବା ସୂଚନା ମୁତାବକ, ବାଲେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ୩ ଜଣ ଡିଏସ୍‌ପି, ୬ ଇନ୍ସପେକ୍ଟର ଓ ଅନ୍ୟ





ଗିରଫ ରବୀନ୍ଦ୍ର କୁମାର ବାରିକ ଏବଂ ତାଙ୍କ ବାଲେଶ୍ୱରସ୍ଥିତ ୩ ମହଲା କୋଠା।

ସହାୟକ କର୍ମଚାରୀଙ୍କ ସମ୍ମିଳିତ ଟିମ୍ ଦ୍ୱାରା ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲାରେ ତାଙ୍କର ୫ଟି ସ୍ଥାନରେ ସମକାଳୀନ ତଲାସି ଚାଲିଛି। ବାଲେଶ୍ୱର ଜିଲା ଗୋପାଳଗାଁରେ ଥିବା ତିନିମହଲା ବିଶିଷ୍ଟ ବାସଭବନ, ବାଲେଶ୍ୱରରେ ଥିବା ତିନିମହଲା ବ୍ୟବସାୟିକ ମାର୍କେଟ କମ୍ପ୍ଲେକ୍ସ ଏବଂ ଜିମ୍, କଲ୍ୟାଣ ମଣ୍ଡପ, ସୁନ୍ଦରଗଡ଼ ସ୍ଥିତ ତାଙ୍କ କାର୍ଯ୍ୟାଳୟ ଏବଂ ସୁନ୍ଦରଗଡ଼ ସହରରେ ଭଡ଼ା ନିଆ ଯାଇଥିବା ବାସଗୃହରେ ଭିଜିଲାନ୍ସ ପକ୍ଷରୁ ତଲାସି ଚାଲିଛି। ବାଲେଶ୍ୱର ସହର ଓ ଆଖପାଖରେ ୪ଟି ମୂଲ୍ୟବାନ ଜମି ପ୍ଲଟ ଠାବ ହୋଇଛି। ୧୨୫ଗ୍ରାମ ସୁନା ଅଳଙ୍କାର, ଗୋଟିଏ ୪ ଚକିଆ ଓ ୨ଟି ୨ ଚକିଆ ଯାନ ଥିବା ଠାବ ହୋଇଛି। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା (ନଂ.୧୯/୨୫) ରୁଜୁ କରାଯାଇ ତାଙ୍କ ନାମରେ ବିଭିନ୍ନ ବ୍ୟାଙ୍କ, ଡାକଘରେ ଥିବା ଜମା ଓ ଅନ୍ୟାନ୍ୟ ନିବେଶ ସମ୍ପର୍କିତ ସୂଚନା ସଂଗ୍ରହ କରାଯାଉଛି।

# ୩ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏଁ ଜେଲଦଣ୍ଡ

## ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ମାମଲା

ଭୁବନେଶ୍ୱର,୨୨।୧୨(ସତ୍ୟଜିତରାଉତ)

ରାଜଧାନୀରୁ ବ୍ରାଉନସୁଗାର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିଥିବା ମାମଲାରେ ଭୁବନେଶ୍ୱର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତ ସୋମବାର ରାୟ ପ୍ରକାଶ କରିଛନ୍ତି। ୩ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏଁ ଜେଲଦଣ୍ଡ ଦେଇଛନ୍ତି। ସେମାନେ ହେଲେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ନଗରର ସେକ୍ ସାଗ୍ରା ଓରଫ ରାଜ, ବାଲେଶ୍ୱର ଟାଉନ ଅନ୍ତର୍ଗତ ଗୋପାଳ ଗ୍ରାମର ତପନ୍ କୁମାର ସାହୁ ଓ ସହଦେବଖୁଣ୍ଟା ଥାନା ଅଞ୍ଚଳର ସେକ୍ ଫକିର୍। ଏହାସହ ଅଭିଯୁକ୍ତଙ୍କୁ ୨ ଲକ୍ଷ ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟରେ ଅଧିକ ବର୍ଷେ ଜେଲରେ ରହିବାକୁ ହେବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ସେକ୍ ହବିବୁଲ୍ଲଙ୍କୁ ବିଚାରପତି ବେନିଫିଟ୍ ଅଫ୍ ଡାଉଟରେ ଛାଡ଼ିଛନ୍ତି।

# ଆକାଉଣ୍ଟରୁ ଲୁଟିନେଲେ ୪.୩୬ ଲକ୍ଷ ଟଙ୍କା

ତାଳଚେର,୨୨।୧୨(ମନୋଜ ନନ୍ଦ)

ଅନୁଗୋଳ ଜିଲ୍ଲା ତାଳଚେର ଧରମପୁର ଗାଁର ସୁଶାନ୍ତ ସାହୁଙ୍କ ଆକାଉଣ୍ଟରୁ ସାଇବର ଠକ ୪ ଲକ୍ଷ ୩୬ ହଜାର ଟଙ୍କା ଲୁଟିନେଇଥିବା ତାଳଚେର ଥାନା ଓ ସାଇବର ଥାନାରେ ସୋମବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସୁଶାନ୍ତଙ୍କ ମୋବାଇଲକୁ ପୂର୍ବରୁ କିଛି ଆପ୍ ଆସିଥିଲା। ତାହାକୁ ସେ ଖୋଲିଥିଲେ। ଏହାପରେ ତାଙ୍କୁ ଓଟିପି ଆସିଥିଲା। ଏହାର କିଛି ସମୟ ପରେ ୩ ଥରରେ ୪ ଲକ୍ଷ ୩୬ ହଜାର ଟଙ୍କା ଆକାଉଣ୍ଟରୁ କଟିଯାଇଥିଲା। ତାଙ୍କ ମୋବାଇଲକୁ ହ୍ୟାକ୍ କରି ଓଟିପି ପଠାଇ ସାଇବର ଠକମାନେ ଏଭଳି ଟଙ୍କା ଲୁଟିଥିବା ଅନୁମାନ କରାଯାଉଥିବା ବେଳେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## Business

# ରିଲାଏନ୍ସ ଜୁଏଲ୍‌ସର ଆଇକନିକ ଡ୍ରିମ୍ ଡାଇମଣ୍ଡ ସେଲ୍



### ମାଗଣା ଗୋଲ୍ଡ କଏନ୍ ଅଫର

ଭୁବନେଶ୍ୱର,୨୨।୧୨(ଅନୁରାଧା ମହାରଣା)

ରିଲାଏନ୍ସ ଜୁଏଲ୍‌ସ ପକ୍ଷରୁ ଡ୍ରିମ୍ ଡାଇମଣ୍ଡ ସେଲ୍ ଆରମ୍ଭ ହୋଇଛି। ଏହି ସେଲ୍ ୨୦୨୬ ଜାନୁଆରୀ ୨୭ ପର୍ଯ୍ୟନ୍ତ ଚାଲିବ। ଏହି ସେଲରେ ପ୍ରତି ୨୫,୦୦୦ ଟଙ୍କାର ହୀରା ଗହଣା ଉପରେ ଗ୍ରାହକମାନଙ୍କୁ ୦.୨୫ ଗ୍ରାମ୍ ସୁନା କଏନ ମାଗଣାରେ ମିଳୁଛି। ଏହା ବ୍ୟତୀତ ସେଲ ଅବଧି ମଧ୍ୟରେ ୭୫,୦୦୦ ଟଙ୍କା ଓ ତା'ଠାରୁ ଅଧିକ ମୂଲ୍ୟର ସୁନା ଗହଣା କ୍ରୟ କଲେ ସୁନା ଗଢ଼ା ମଜୁରି ଖର୍ଚ୍ଚ ଉପରେ ସିଧାସଳଖ ୨୦% ରିହାତି ମିଳୁଛି। ରିଲାଏନ୍ସ ଜୁଏଲ୍‌ସ ଷ୍ଟୋରରେ ଦୈନନ୍ଦିନ ପିନ୍ଧାଯାଉଥିବା କାନ ଫୁଲ, ମୁଦି, ଚେନ ଠାରୁ ଆରମ୍ଭ କରି ଚୋକର, ବିବାହ ଗହଣା ଭଳି ଷ୍ଟେଟମେଣ୍ଟ ଡିଜାଇନ ପର୍ଯ୍ୟନ୍ତ ସେରେକୋଟିସି ଡାଇମଣ୍ଡ ପ୍ରଚଳନ କଲେକ୍ସନ କରିପାରିବେ। ଏହି ସେଲ୍ ଭାରତର ୧୪୫ରୁ ଅଧିକ ରିଲାଏନ୍ସ ଜୁଏଲ୍‌ସ ଷ୍ଟୋରରେ ଉପଲବ୍ଧ।

# କାତାର ମ୍ୟୁଜିୟମ-ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର ଚୁକ୍ତି

ଭୁବନେଶ୍ୱର,୨୨।୧୨

ଦୋହା: କାତାର ମ୍ୟୁଜିୟମ (କ୍ୟୁଏମ୍)ର ଅଧ୍ୟକ୍ଷା ହର୍ ଏକ୍ସେଲେନ୍ସି ଶେଖା ଅଲ୍ ମାୟାସା ବିନ୍ତ ହାମଦ ବିନ୍ ଖଲିଫା ଅଲ୍ ଥାନୀ ଏବଂ ଭାରତର ମୁମ୍ବାଇସ୍ଥିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଈଶା ଅମ୍ବାନୀଙ୍କ ମଧ୍ୟରେ ଏକ ୫ ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ଭାରତ ଏବଂ କାତାରରେ ମ୍ୟୁଜିୟମ-ଇନ୍-ରେସିଡେନ୍ସ୍ ଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାପନ କରିବ, ଯାହା ଶିଶୁମାନଙ୍କ ଖେଳପ୍ରିୟ ମ୍ୟୁଜିୟମ-ଆଧାରିତ ଶିକ୍ଷଣ ଅନୁଭୂତି ପ୍ରଦାନ କରିବ ଏବଂ ଶିକ୍ଷକମାନଙ୍କୁ ସୃଜନଶୀଳତା ପ୍ରେରଣା ପାଇଁ ନୂଆ ଉପକରଣ ଯୋଗାଇବ। ଏହି ସମାରୋହ କାତାରର ନ୍ୟାସନାଲ ମ୍ୟୁଜିୟମରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷାର ଶକ୍ତିରେ ସୃଜନଶୀଳତା ଜାଗ୍ରତ କରିବା ଏବଂ ସାଂସ୍କୃତିକ ବିନିମୟର ମହତ୍ତ୍ୱରେ ସମାନ ବିଶ୍ୱାସ ସହିତ ଯୁକ୍ତ, କ୍ୟୁଏମ୍ ଏବଂ ଏନ୍‌ଏମ୍‌ଏସିସି ଯୁବକ



ଶିକ୍ଷାର୍ଥୀମାନଙ୍କ ପାଇଁ କାର୍ଯ୍ୟକ୍ରମ ବିକାଶ କରୁଛନ୍ତି। ଏହି ଉଦ୍ୟମଗୁଡ଼ିକ ଶିକ୍ଷକ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ନୂଆ ଉପକରଣ, ସାମଗ୍ରୀ ଏବଂ ଖେଳପ୍ରିୟ ପଦ୍ଧତି ପ୍ରଦାନ କରି ଶ୍ରେଣୀଗୃହରେ ନୂତନତ୍ୱ ଆଣିବ। ଶେଖା ଅଲ୍ ମାୟାସା କହିଛନ୍ତି, କାତାର ମ୍ୟୁଜିୟମ ଏବଂ ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର ସୃଜନଶୀଳତା ଏବଂ ସାଂସ୍କୃତିକ ବିନିମୟରେ ବିଶ୍ୱାସ କରନ୍ତି। ଏହି ସହଯୋଗ ଭାରତର ଶିକ୍ଷଣ କାର୍ଯ୍ୟକ୍ରମକୁ ବଳବତ୍ତର କରିବ। ଭାରତରେ ଏନ୍‌ଏମ୍‌ଏସିସି ରିଲାଏନ୍ସ ଫାଉଣ୍ଡେସନ ସହିତ ଭାଗୀଦାରିରେ ପର୍ଯ୍ୟଟନ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱିତ କରିବ। ଈଶା ଅମ୍ବାନୀ କହିଛନ୍ତି, ଏହି ଭାଗୀଦାରି ଶିଶୁମାନଙ୍କୁ ସୃଜନଶୀଳ ଶିକ୍ଷଣ ପ୍ରଦାନ କରିବ ଏବଂ ଭାରତର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱରେ ପ୍ରଚାର କରିବ। ଏହି କାର୍ଯ୍ୟକ୍ରମଗୁଡ଼ିକ ଭାରତର ବିଦ୍ୟାଳୟ, ଅଙ୍ଗନୱାଡ଼ି ଏବଂ ସମ୍ପ୍ରଦାୟ କେନ୍ଦ୍ରରେ, ଗ୍ରାମୀଣ ଏବଂ ଅବହେଳିତ ଅଞ୍ଚଳରେ କାର୍ଯ୍ୟାନ୍ୱିତ ହେବ। ତାରୁ ଚିଲଡ୍ରେନ୍ ମ୍ୟୁଜିୟମର କାର୍ଯ୍ୟକାରୀ ନିର୍ଦ୍ଦେଶକ ମହା ଅଲ ହାଜରୀ କହିଛନ୍ତି, ଏହି ସହଯୋଗ ଡାରୁ ଲାଇଟ ଆଟେଲିଏରକୁ ଭାରତରେ ପ୍ରସାରିତ କରିବ।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର କର୍ମଶାଳା





ଭୁବନେଶ୍ୱର,୨୨।୧୨

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ସେଲ୍‌କୋ ଫାଉଣ୍ଡେସନ ଏବଂ ସ୍ୱଦନ ଅନୁଷ୍ଠାନର ମିଳିତ ସହଯୋଗରେ 'ଜଳବାୟୁ ଅନୁକୂଳ ସ୍ଥିର ଜୀବିକା ପାଇଁ ଆର୍ଥିକ ଅନୁପ୍ରବେଶ' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ସେଲ୍‌କୋ ଫାଉଣ୍ଡେସନର ବରିଷ୍ଠ ଉପଦେଷ୍ଟା ପ୍ରଭୁ ପ୍ରସାଦ ମିଶ୍ର, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ମୁଖ୍ୟ କାର୍ଯ୍ୟାଳୟର ବରିଷ୍ଠ ପ୍ରବନ୍ଧକ ମାନସ ରଞ୍ଜନ ମିଶ୍ର, ପିପିଲି ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ସୌମ୍ୟଦର୍ଶନ କର ଏବଂ ସ୍ୱଦନ ଅନୁଷ୍ଠାନର ସଭାନେତ୍ରୀ ସହିଦୀଗ ମିଶ୍ରଙ୍କ ସହିତ ୨୫ରୁ ଅଧିକ ବ୍ୟାଙ୍କ ଶାଖା ପ୍ରବନ୍ଧକ ଉପସ୍ଥିତ ଥିଲେ। ସୌରଶକ୍ତି ଆଧାରିତ ସ୍ଥାୟୀ ଜୀବନଜୀବିକା ମାଧ୍ୟମରେ ଉଦ୍ୟୋଗୀ ସୃଷ୍ଟି କରିବା ସହିତ ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସେଲ୍‌କୋର ସଞ୍ଜୟ ତ୍ରିପାଠୀ ପ୍ରକାଶ କରିଥିଲେ। ସେଲ୍‌କୋ ଫାଉଣ୍ଡେସନ ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମଧ୍ୟରେ ହୋଇଥିବା ବୁଝାମଣା ଜରିଆରେ ୫୦୦ରୁ ଅଧିକ ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ଏଥିପ୍ରତି ସମସ୍ତ ପ୍ରକାର ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରାଥମିକ ସ୍ତରରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଶାଖା ଅଧିକାରୀମାନେ ସହମତି ପ୍ରକାଶ କରିଥିଲେ। ଜଣେ କୁମାର ଉଦ୍ୟୋଗୀ ବନିତା ମୁଣ୍ଡୁଲି ଓଜିବିଠାରୁ ଋଣ ମାଧ୍ୟମରେ ସୌରଶକ୍ତି ଆଧାରିତ ଜୀବିକା ଦ୍ୱାରା କିପରି ସଫଳ ହୋଇପାରିଛନ୍ତି, ତାହା ବର୍ଣ୍ଣନା କରିଥିଲେ। ସୌରଭ, ସାଇନା, ଅଭିଜିତ, ସତୀଶ ପ୍ରମୁଖ ସେଲ୍‌କୋ ଫାଉଣ୍ଡେସନ ଏବଂ ସ୍ୱଦନ ଅନୁଷ୍ଠାନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୱାଣ୍ଡରଲାରେ ବଡ଼ଦିନ, ନୂଆବର୍ଷର ମହୋତ୍ସବ





ଭୁବନେଶ୍ୱର,୨୨।୧୨(ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠରେ ଥିବା ୱାଣ୍ଡରଲା ପକ୍ଷରୁ ଡିସେମ୍ବର ୨୦୨୫ରୁ ୨୦୨୬ ଜାନୁଆରୀ ୪ ପର୍ଯ୍ୟନ୍ତ ବଡ଼ଦିନ ଏବଂ ନୂଆବର୍ଷ ଉତ୍ସବ ପାଳନ ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି। ଏହି ବର୍ଷର ଉତ୍ସବଗୁଡ଼ିକୁ ଚମତ୍କାର ସାଜସଜ୍ଜା, ଉତ୍ସାହଜନକ ପ୍ରଦର୍ଶନ ଓ ସମସ୍ତ ବର୍ଗର ପରିବାର, ରୋମାଞ୍ଚକାରୀ ଏବଂ ଛୁଟି କରିବାକୁ ଚାହୁଁଥିବା ଲୋକଙ୍କ ଆନନ୍ଦିତ କରିବା ପାଇଁ ବିଶେଷ ଭାବେ ପ୍ରସ୍ତୁତ କରାଯାଇଛି। ୱାଣ୍ଡରଲାରେ ଏକ ବିଶେଷ ବଡ଼ଦିନ ଟ୍ରି ଆଲୋକୀକରଣ ସମାରୋହ ସହିତ ଆରମ୍ଭ ହୋଇଛି। ଉତ୍ସବ ଅବଧି ମଧ୍ୟରେ ଅତିଥିମାନେ ଡିସେମ୍ବର ୨୦ରୁ ନିର୍ଦ୍ଦିଷ୍ଟ ଦିନଗୁଡ଼ିକରେ ଆରମ୍ଭ ହେବାକୁ ଥିବା ୱେଭ୍ ପୁଲ୍ ଡିଜେ, ମ୍ୟାଜିକ ଶୋ ଏବଂ ମାସ୍କଟ ଚିକ୍ସ ଓ ଗ୍ୟାଙ୍ଗ ସହିତ ମନୋରଞ୍ଜନ କାର୍ଯ୍ୟକ୍ରମଗୁଡ଼ିକର ମଜା ନେଇପାରିବେ। ଏହାସହ ଫାୟାର ଶୋ, ରାପର ପ୍ରଦର୍ଶନ ଓ ଲୋକପ୍ରିୟ ଫୋମ୍ ପାର୍ଟିଗୁଡ଼ିକ ଭଳି ଅନୁଭୂତି ପ୍ରଦାନ କରିବ। ଉତ୍ସବ ଋତୁକୁ ଆହୁରି ଲାଭଦାୟକ କରିବା ପାଇଁ ୱାଣ୍ଡରଲା ପକ୍ଷରୁ ଏକ ବଡ଼ଦିନ ପାସ୍ ଅଫର ଅନଲାଇନରେ ସ୍ୱତନ୍ତ୍ର ଭାବେ ପ୍ରଚଳନ କରିଛି, ଯାହାର ବୁକିଂ ଡିସେମ୍ବର ୮ରୁ ଜାନୁଆରୀ ୪ ପର୍ଯ୍ୟନ୍ତ ଉପଲବ୍ଧ ହେବ ଏବଂ ସେହି ପାସ ଡିସେମ୍ବର ୨୦ରୁ ଜାନୁଆରୀ ୪ ମଧ୍ୟରେ ପାର୍କ ପରିଦର୍ଶନ ପାଇଁ ବୈଧ ରହିବ। ଏ ସମ୍ପର୍କରେ ୱଣ୍ଡର୍ଲା ହଲିଡେଜ ଲିମିଟେଡର ଚିଫ୍ ଅପରେଟିଂ ଅଫିସର ଧୀରଣ ଚୌଧୁରୀ କହିଛନ୍ତି ଯେ, ବଡ଼ଦିନ ଓ ନୂଆବର୍ଷ ହେଉଛି ଆନନ୍ଦ ଓ ଏକତ୍ରିତ ହେବାର ସମୟ ଏବଂ ୱଣ୍ଡର୍ଲାରେ ଉତ୍ସବ ପ୍ରସ୍ତୁତି କରି ସେ ଖୁସିଥିବା କହିଛନ୍ତି।

# ଓଏମ୍‌ସି ବାର୍ଷିକ କ୍ରୀଡ଼ା ସମ୍ମିଳନୀ






ଭୁବନେଶ୍ୱର,୨୨।୧୨(ଅନୁରାଧା ମହାରଣା)

ଓଡ଼ିଶା ମାଇନିଂ କର୍ପୋରେସନ (ଓଏମ୍‌ସି)ର ତୃତୀୟ ବାର୍ଷିକ କ୍ରୀଡ଼ା ସମ୍ମିଳନୀ ୨୦୨୫ ଆରମ୍ଭ ହୋଇଛି। ଏହି ୩ ଦିନିଆ କ୍ରୀଡ଼ା ମହୋତ୍ସବ ଡିସେମ୍ବର ୨୨ରୁ ୨୪ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ, ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଏବଂ ଇଷ୍ଟ କୋଷ୍ଟ ରେଲୱେ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଏହି କ୍ରୀଡ଼ା ସମ୍ମିଳନୀକୁ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଉଦଘାଟନ କରିଥିଲେ। ଏହି ଅବସରରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଖୋରା, ନିର୍ଦ୍ଦେଶକ (ଅପରେସନ୍) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ (ମାନବ ସମ୍ବଳ) ଆଲୋକ କୁମାର ପାଲ, ନିର୍ଦ୍ଦେଶକ (ଅର୍ଥ) ବନ ବିହାରୀ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରୀଡ଼ା ସମ୍ମିଳନୀରେ ୫୦୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରୁଥିବା ବେଳେ ଦୌଡ଼କୁଦ, ଲଙ୍ଗ ଜମ୍ପ, ଜାଭେଲିନ, ଟେବୁଲ ଟେନିସ, ଭଲିବଲ ଓ କ୍ରିକେଟ ସହିତ ମୋଟ ୧୮ଟି କ୍ରୀଡ଼ା ପ୍ରତିଯୋଗିତା ହେଉଛି। ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ସାମଲ କହିଥିଲେ ଯେ, ଓଏମ୍‌ସି ବାର୍ଷିକ କ୍ରୀଡ଼ା ସମ୍ମିଳନୀ କେବଳ ଏକ ପ୍ରତିଯୋଗିତା ନୁହେଁ; ଏହା ଦଳଗତ ଭାବେ କାର୍ଯ୍ୟ କରିବା, ଶୃଙ୍ଖଳା, ସହଭାଗିତାର ଉତ୍ସବ। କ୍ରୀଡ଼ା ମାଧ୍ୟମରେ ଆମେ ସମସ୍ତେ ଏକ ପରିବାର ଭାବେ ଏକତ୍ରିତ ହେଉଛୁ। ଉଦଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଉଜାଗର କରୁଥିବା ଏକ ସାଂସ୍କୃତିକ ପ୍ରଦର୍ଶନ ମଧ୍ୟ ହୋଇଥିଲା। ସମ୍ବଲପୁରୀ ଲୋକନୃତ୍ୟ ଓ ସଙ୍ଗୀତର ଉତ୍ସାହଭରା ପ୍ରସ୍ତୁତି ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲା। କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ସମସ୍ତ ଅଂଶଗ୍ରହଣକାରୀ ଓ ଅଧିକାରୀମାନେ ସାମୂହିକ ଭାବେ କ୍ରୀଡ଼ା ସୁରକ୍ଷା ଶପଥ ଗ୍ରହଣ କରିଥିଲେ।

# ଜିନ୍ଦଲ ଷ୍ଟିଲକୁ ବିସିସି ଆଣ୍ଡ ଆଇର ସିଏସ୍‌ଆର ପୁରସ୍କାର

ଭୁବନେଶ୍ୱର,୨୨।୧୨

ସ୍ୱାସ୍ଥ୍ୟ, ସାମାଜିକ ବିକାଶ ଏବଂ ମହିଳା ବିକାଶ କ୍ଷେତ୍ରରେ ଏହାର ଉଲ୍ଲେଖନୀୟ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍‌ଆର) କାର୍ଯ୍ୟ ପାଇଁ ଜିନ୍ଦଲ ଷ୍ଟିଲକୁ ବେଙ୍ଗଲ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ବିସିସି ଆଣ୍ଡ ଆଇ) ଦ୍ୱାରା ପୁରସ୍କୃତ କରାଯାଇଛି। କୋଲକାତାରେ ଏକ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପୂର୍ବତନ ସଚିବ ଏବଂ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ କର୍ପୋରେଟ ଆଫେୟାରର ପୂର୍ବତନ ନିର୍ଦ୍ଦେଶକ ଜେନେରାଲ ଏବଂ ସିଇଓ ଡ. ଭାସ୍କର ଚାଟାର୍ଜୀ, ଜାତୀୟ ସିଏସ୍‌ଆର ଏବଂ କର୍ପୋରେଟ ଗଭର୍ଣ୍ଣାନ୍ସ କମିଟି, ବିସିସି ଆଣ୍ଡ ଆଇର ଅଧ୍ୟକ୍ଷ ରିତେନ୍ଦ୍ର କୁମାର, ଆଇଜନ ଏବଂ କର୍ପୋରେଟ ଆଫେୟାର୍ସର ସଭାପତି ଏବଂ ଇନଫିନିଟ ଗ୍ରୁପର ଅଧ୍ୟକ୍ଷ ଡ. ରବିନ୍ଦ୍ର ଚମାରିଆ ଏହି ପୁରସ୍କାର ପ୍ରଦାନ କରିଥିଲେ।





କିଶୋରୀ ଝିଅମାନଙ୍କ ପାଇଁ ସ୍ୱାସ୍ଥ୍ୟସେବାର ସାମଗ୍ରିକ ବିକାଶରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଜିନ୍ଦଲ ଷ୍ଟିଲର ପ୍ରମୁଖ ସିଏସ୍‌ଆର ପଦକ୍ଷେପ, କିଶୋରୀ ଏକ୍ସପ୍ରେସକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଏହି ସ୍ୱୀକୃତି ଆମର ବିଶ୍ୱାସକୁ ନିଶ୍ଚିତ କରୁଛି ଯେ ଅର୍ଥପୂର୍ଣ୍ଣ ବିକାଶ, ସାମଗ୍ରିକ ଏବଂ ଲୋକ-କେନ୍ଦ୍ରିକ ହେବା ଆବଶ୍ୟକ। ଜିନ୍ଦଲ ଫାଉଣ୍ଡେସନରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ପରିବେଶ ଏବଂ ସାମାଜିକ ସମାନତା କ୍ଷେତ୍ରରେ କାର୍ଯ୍ୟ କରିଆସୁଅଛୁ ବୋଲି ସେ କହିଛନ୍ତି। ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ଏବଂ ଗ୍ରୁପ ହେଡ (ସିଏସ୍‌ଆର ଏବଂ ଶିକ୍ଷା) ପ୍ରଶାନ୍ତ ହୋତା କହିଛନ୍ତି, 'କିଶୋରୀ ଏକ୍ସପ୍ରେସ ପାଇଁ ଏହି ମାନ୍ୟତା ଜିନ୍ଦଲ ଫାଉଣ୍ଡେସନର ସାମଗ୍ରିକ ଏବଂ ଅନ୍ତର୍ଭୁକ୍ତ ବିକାଶ ପ୍ରତିପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ପୋଷ୍ଟିଂ ଜିରୋ

**ସୋସିଆଲ ମିଡିଆରେ ସବୁଦିନ କିଛି ପୋଷ୍ଟକରିବା ଆଉ କମେଣ୍ଟ ଦେଖିବାକୁ ଭଲପାନ୍ତି କେତେକେ। ହେଲେ ଏବେ ବିଭିନ୍ନ ପ୍ରକାର ବ୍ୟକ୍ତିଗତ ସମସ୍ୟା ଏଡ଼େଇବାକୁ ଯାଇ ଅନେକେ ଏବେ ପୋଷ୍ଟିଂ ଜିରୋ ଫର୍ମୁଲା ଆପଣେଇବାକୁ ପସନ୍ଦ କରୁଛନ୍ତି...**



ପୋଷ୍ଟିଂ ଜିରୋ। ଅର୍ଥାତ୍ ସୋସିଆଲ ମିଡିଆରେ କିଛି ବି ପୋଷ୍ଟ ନ କରିବା। ଏହି ଟ୍ରେଣ୍ଡକୁ ଏବେ ପସନ୍ଦ କରୁଛନ୍ତି ଅନେକେ। ବିଶେଷକରି ସାଧାରଣରେ ବିଭିନ୍ନ ପ୍ରକାର କମେଣ୍ଟ ଓ ଲାଇକ୍ ଅନେକ ସମୟରେ ବ୍ୟକ୍ତିଗତ ତଥା କ୍ୟାରିୟର କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରୁଛି। ଏହି କାରଣରୁ କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ପୋଷ୍ଟିଂ ଜିରୋ ଫର୍ମୁଲାକୁ ଅଧିକ ପସନ୍ଦ କରୁଛନ୍ତି।

**କାରଣ :** କୌଣସି ଜିନିଷର ବାରମ୍ବାର ବ୍ୟବହାର କରିବା ଫଳରେ ଏକ ସମୟ ଆସେ ଯେତେବେଳେ ଅନାଗ୍ରହ ଭାବ ଆସିଥାଏ। ଠିକ୍ ସେମିତି ଭାବନାରେ କେତେକ ସୋସିଆଲ ମିଡିଆରେ କିଛି ପୋଷ୍ଟ କରିବା ବନ୍ଦକରି ଦେଇଥାନ୍ତି। ସବୁଦିନ ଫଟୋ କିମ୍ବା ଭିଡିଓ ଆଦି ପୋଷ୍ଟକରି ତା'ର କମେଣ୍ଟ ଦେଖିବା ଓ ପୁଣି ଉତ୍ତର ଦେବା ଫଳରେ ବୋର୍ ଲାଗିଥାଏ। ତେଣୁ ଏଭଳି ପ୍ରତି ଉତ୍ତର ଦେବାକୁ ବୋର୍ ଲାଗିଲେ କେତେକେ ଏହି ପୋଷ୍ଟିଂ ଜିରୋ ଟ୍ରେଣ୍ଡକୁ ଆପଣାଇ ନେଇଥାନ୍ତି। ଆଉ କେତେକେ ସମସ୍ତଙ୍କୁ ସବୁକଥା କହିବା ଅବା ଦେଖାଇବାକୁ ପସନ୍ଦ କରନ୍ତି ନାହିଁ। ତେଣୁ ସୋସିଆଲ ମିଡିଆ ବଦଳରେ ସେମାନେ ବ୍ୟକ୍ତିଗତ ମେସେଜ୍ ଦେଇଥାନ୍ତି। ଏଭଳି ବିଭିନ୍ନ କାରଣ ପାଇଁ ଆଜିକାଲି ଦେଖିବାକୁ ମିଳୁଛି ଏହି ପୋଷ୍ଟିଂ ଜିରୋ ଟ୍ରେଣ୍ଡ।

**ସମୟ ଅଭାବ:** ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଆଦି ବିଭିନ୍ନ ସୋସିଆଲ ମିଡିଆକୁ ଚେକ୍ କରିବା ଓ ସେଥିରେ ସବୁଦିନ କିଛି ନା କିଛି ପୋଷ୍ଟ କରିବାକୁ କେତେଜଣଙ୍କ ପାଖରେ ସମୟ ନ ଥାଏ। ତେଣୁ ସବୁ ସମୟରେ ଏଥିରେ ଅପ୍‌ଡେଟ୍ ରହି ହୁଏନାହିଁ। ଏହି କାରଣରୁ ମଧ୍ୟ କେତେକେ ଅବଶ୍ୟ ଅଳ୍ପ ସମୟ ପାଇଁ ସୋସିଆଲ ମିଡିଆ ବ୍ୟବହାର କରନ୍ତି କିନ୍ତୁ କିଛି ପୋଷ୍ଟ କରନ୍ତି ନାହିଁ।

**କଣ୍ଟେଣ୍ଟକୁ ନେଇ ସମସ୍ୟା:** ବେଳେବେଳେ ସୋସିଆଲ ମିଡିଆର କଣ୍ଟେଣ୍ଟକୁ ନେଇ ବ୍ୟକ୍ତିଗତ ଜୀବନରେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ବିଭିନ୍ନ ପ୍ରକାର ଅନ୍‌ଲାଇନ ସ୍କାମ୍, ଡାଟା ଚୋରି ଆଦି ସୋସିଆଲ ମିଡିଆର ଡିଫେକ୍ଟ ପାଇଁ ବ୍ୟବହାରକାରୀମାନେ ଅନେକ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଳେବେଳେ ସାଧାରଣ ଫଟୋ କିମ୍ବା ଭିଡିଓକୁ ଅସାଧୁ ବ୍ୟକ୍ତି ଖରାପ ବ୍ୟବହାର କରୁଛନ୍ତି। ଏହିସବୁ କାରଣରୁ ଲୋକେ ଇଣ୍ଟରନେଟ୍‌ରେ କୌଣସି ଜିନିଷ ଶେୟାର କରିବାକୁ ଇଚ୍ଛା କରୁନାହାନ୍ତି।

**ଓଭର ଷ୍ଟିମୁଲେଶନ:** ବିବାହ ପରେ ମହିଳାଙ୍କୁ ଅନେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ହୋଇଥାଏ। ନିଜ ବ୍ୟକ୍ତିଗତ ଜୀବନକୁ ନେଇ ସୋସିଆଲ ମିଡିଆରେ କିଛି ଫଟୋ, ଭିଡିଓ ଅବା ଲେଖା ପୋଷ୍ଟକଲେ ତାହାକୁ ନେଇ ବିଭିନ୍ନ ପ୍ରକାର କମେଣ୍ଟ ଆସିଥାଏ। ତେଣୁ କିଏ ଦେଖିବ, କ'ଣ ଭାବିବ, କାହାକୁ କ'ଣ ଉତ୍ତର ଦେବାକୁ ହେବ, ଏମିତି ସବୁ କଥାକୁ ନେଇ ବିଚାର କରିବାକୁ ହୋଇଥାଏ। ବେଳେବେଳେ ଫଟୋ ପୋଷ୍ଟ କରିବା ଆଉ କମେଣ୍ଟକୁ ନେଇ ପରିବାରରେ ବିଭିନ୍ନ ସମସ୍ୟା ବି ଆସିଥାଏ। ଏହିସବୁ ଚିନ୍ତାଧାରାକୁ ନେଇ ଅନେକେ ମଧ୍ୟ ସୋସିଆଲ ମିଡିଆରେ କୌଣସି ପ୍ରକାର ପୋଷ୍ଟ କରିବାକୁ ଇଚ୍ଛା କରୁ ନାହାନ୍ତି।







## ଏମାନେ କ'ଣ କରନ୍ତି

### ପର୍ସନାଲ ମେସେଜ୍ କରେ



ଆରମ୍ଭରୁ ସୋସିଆଲ ମିଡିଆରେ ଫଟୋ କିମ୍ବା ବ୍ୟକ୍ତିଗତ ଜୀବନର କିଛି ଘଟଣାକୁ ପୋଷ୍ଟ କରିବାକୁ ମତେ ଭଲ ଲାଗେନି। ସମସ୍ତଙ୍କ ଆଗରେ ସବୁ କଥା କହି ହେବନି ଭାବି କିଛି ବି ପୋଷ୍ଟ କରେନି। କାହାକୁ କିଛି କମେଣ୍ଟ ବି ପ୍ରାୟ ଦିଏନି। ଯଦି କାହାକୁ ଶୁଭେଚ୍ଛା ଜଣାଇବାକୁ ଥାଏ କି ଫଟୋ ଦେଖାଇବାର ଇଚ୍ଛା ଥାଏ ତା'ହେଲେ ତାକୁ ପର୍ସନାଲ ଆକାଉଣ୍ଟରେ ପଠାଏ। କିନ୍ତୁ ସୋସିଆଲ ମିଡିଆର ବ୍ୟବହାର ବେଶି କରେନି। ଘର କାମ ଓ ବିଭିନ୍ନ ସାମାଜିକ ସଂସ୍ଥା ସହ ଜଡ଼ିତ ଥିବାରୁ ଫେସ୍‌ବୁକ୍, ଇନ୍‌ଷ୍ଟା ଆଦି ସବୁଦିନ ଖୋଲିବା ପାଇଁ ମୋ ପାଖରେ ସମୟ ବି ନ ଥାଏ। ତେଣୁ ଖୁବ୍ କମ୍ ସମୟ ପାଇଁ ସୋସିଆଲ ମିଡିଆ ବ୍ୟବହାରକରେ। ତା' ଛଡ଼ା ନିଜ ପର୍ସନାଲ ଇମେଜକୁ ଦୃଷ୍ଟିରେ ରଖି ସବୁବେଳେ ଫଟୋ ପୋଷ୍ଟ କରିବାକୁ ଇଚ୍ଛା ହୁଏନି। ସେଥିପାଇଁ କେବେ କେବେ ହ୍ୱାଟ୍ସଆପ୍‌ରେ କିଛି ସ୍ୱତନ୍ତ୍ର ଉତ୍ସବ ସମୟର ଫଟୋ ପୋଷ୍ଟ କରୁଛି।

*– ମମତା ଦ୍ୱିବେଦୀ*
*ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର*

### ଫଟୋ ଅପ୍‌ଲୋଡ୍ କରୁନି



ସୋସିଆଲ ମିଡିଆରେ ସମସ୍ତଙ୍କ ରିଲ୍ ଦେଖି ମତେ ବହୁତ ଭଲ ଲାଗେ। ସେଥିପାଇଁ ମୁଁ ଆଗରୁ କେତେଥର ମୋ ଫଟୋକୁ ନେଇ ରିଲ୍ କରୁଥିଲି। ମୋ ସାଙ୍ଗମାନେ ଦେଖି ବିଭିନ୍ନ କମେଣ୍ଟ ଦିଅନ୍ତି ଆଉ ମତେ ଭଲ ଲାଗୁଥିଲା। ହେଲେ ନେଗେଟିଭ୍ କମେଣ୍ଟ ଦେଖିଲେ ଭଲ ଲାଗେନି। ସେଥିପାଇଁ ଏବେ କୌଣସି ରିଲ୍ସ କରୁନି ଓ ଫେସ୍‌ବୁକରେ ଖୁବ୍ କମ୍ ଫଟୋ ଅପ୍‌ଲୋଡ୍ କରୁଛି। ଅବଶ୍ୟ ବେଶି ଇଚ୍ଛା ହେଲେ ମୋ ହ୍ୱାଟ୍ସଆପ୍ ଷ୍ଟାଟସ୍‌ରେ ବେଳେବେଳେ ପୂଜା ପର୍ବାଣୀ ସମୟର ଫଟୋ ଅପଲୋଡ୍ କରୁଛି।

*– ପ୍ରଭାସିନି ବେହେରା*
*ଶିକ୍ଷୟିତ୍ରୀ, ଶ୍ରମିକ ହାଇସ୍କୁଲ, ବାଦାମବାଡ଼ି, କଟକ*





**ଏଆଇ କଣ୍ଟେଣ୍ଟ:** ସୋସିଆଲ ମିଡିଆରେ ଏବେ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି)ର ପ୍ରଭାବ ବହୁତ ହୋଇଯାଇଛି। ତେଣୁ ଅସଲୀ ବଦଳରେ ଏଆଇ କଣ୍ଟେଣ୍ଟ ବହୁତ ଦେଖିବାକୁ ମିଳୁଛି। ଏମିତିକି କେତେକ କ୍ଷେତ୍ରରେ ବ୍ୟକ୍ତିଗତ ଫଟୋକୁ ମଧ୍ୟ ଏଆଇ ମାଧ୍ୟମରେ ବଦଳାଇ ହେଉଛି। ତେଣୁ ଏସବୁ ପ୍ରକାର ପରିବର୍ତ୍ତନ ମଧ୍ୟ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିପାରେ। ତେଣୁ ଏସବୁ ସମସ୍ୟା ନ ଆସିବା ପାଇଁ କୌଣସି ପୋଷ୍ଟ ନ କରିବା ଭଲ ବୋଲି ଅନେକେ ଭାବୁଛନ୍ତି। ଏଭଳି ବିଭିନ୍ନ ପ୍ରକାର ଚିନ୍ତାଧାରା ପାଇଁ ଏବେ ମହିଳାମାନେ ପ୍ରାୟତଃ ଜିରୋ ପୋଷ୍ଟିଂ ଟ୍ରେଣ୍ଡକୁ ଆପଣାଉଛନ୍ତି।

# ଘରକୁ ଦିଅନ୍ତୁ ରାଜକୀୟ ଲୁକ୍

**ଘରକୁ ସୁନ୍ଦରଭାବରେ ସଜାଇବା ଏକ କଳା। ସାଧାରଣ ଦେଖାଯାଉଥିବା ଘରକୁ ରାଜକୀୟ ଢଙ୍ଗରେ ସଜାଇବାକୁ ଚାହୁଁଥିଲେ ଜାଣନ୍ତୁ କିଛି ଟିପ୍ସ...**

➔ଘରେ ପରଦା ଓ କୁସନ କଭରର ରଙ୍ଗ ଏକା ପ୍ରକାର ରଖନ୍ତୁ। ଯଦି ହାଲ୍‌କା ରଙ୍ଗର ଚୟନ କରିବେ ତେବେ ଘରକୁ ପରଫେକ୍ଟ ଲୁକ୍ ମିଳିପାରିବ।

➔ଘରେ ବିଭିନ୍ନ ପ୍ରକାର ଫୁଲଗଛ ଓ ମନିପ୍ଲାଣ୍ଟ ଲଗାନ୍ତୁ। ଇଣ୍ଟେରିଅର ଡେକୋରେସନ ପାଇଁ ଲାଲ୍ ରଙ୍ଗର ଗୋଲାପ ଫୁଲ ବ୍ୟବହାର କରିପାରିବେ। ବହୁତ ସୁନ୍ଦର ଦେଖାଯିବ। ଘରକୁ ଏକ ଭିନ୍ନ ଲୁକ୍ ଦେଇହେବ। ଏଥିପାଇଁ କେଉଁ ସ୍ଥାନର କାନ୍ଥ ବ୍ୟବହାର କରିବେ ତାହା ସ୍ଥିର କରନ୍ତୁ। ନିଜ ପସନ୍ଦ ଅନୁସାରେ ପେଣ୍ଟିଂ କରି ଆପଣ ରୟାଲ, ଏଥେନିକ୍ କିମ୍ବା ଆର୍ଟିଷ୍ଟିକ୍ ଲୁକ୍ ଦେଇପାରିବେ।

➔ଘରେ ଲାଇଟ୍ କଲରର ଫର୍ନିଚର ବ୍ୟବହାର କରନ୍ତୁ। ନିଜ ପସନ୍ଦ ଅନୁସାରେ ଆପଣ ବିଭିନ୍ନ ଡିଜାଇନ୍ ଫର୍ନିଚର ବ୍ୟବହାର କରିପାରିବେ।



➔ସୁନ୍ଦରଭାବରେ ଲାଇଟ୍ ସଜାଇ ଆପଣ ଘରକୁ ଏକ ରାଜକୀୟ ଲୁକ୍ ଦେଇପାରିବେ। ତେଣୁ ବିଭିନ୍ନ ଡିଜାଇନ ଲାଇଟ୍ ଲଗାନ୍ତୁ।

➔ଘରର ଏକ ସ୍ୱତନ୍ତ୍ର ସ୍ଥାନରେ ନିଜର କିଛି ଫଟୋ ଫ୍ରେମ୍ ଲଗାଇ ଘରକୁ ସଜାଇ ପାରିବେ।

➔କାନ୍ଥରେ ସୁନ୍ଦରଭାବରେ ପେଣ୍ଟିଂ କରି

➔ ଘରେ ବିଭିନ୍ନ ଡିଜାଇନ ମିରର୍ ଲଗାନ୍ତୁ। ଏହା ଘରକୁ ଏକ ସୁନ୍ଦର ଓ ଆକର୍ଷଣୀୟ ଲୁକ୍ ଦେଇପାରିବେ।

➔ଘରେ କାନ୍ଥ ଘଣ୍ଟା ଓ ଷ୍ଟାଇଲିଶ୍ ଲ୍ୟାମ୍ପ ଲଗାନ୍ତୁ। ମାର୍କେଟରେ ଏବେ ଏହାର ସୁନ୍ଦର ଡିଜାଇନ୍ ସବୁ ମିଳୁଛି। ଏହାକୁ ବ୍ୟବହାର କରି ଘରେ ଭିନ୍ନ ପରିବେଶ ସୃଷ୍ଟି କରିପାରିବେ।

# ଶୀତଦିନିଆ କୋଟ୍

**ଶୀତଦିନେ ମହିଳାମାନେ ସୁନ୍ଦର ଓ ଷ୍ଟାଇଲିଶ୍ କୋଟ୍ ପିନ୍ଧନ୍ତି। ତେବେ ବଡି ଶେପ୍ ଅନୁସାରେ କିଭଳି କୋଟ୍ ଚୟନ କରିବେ ଜାଣିରଖନ୍ତୁ...**



★କମ୍ ହାଇଟ୍ ଥିବା ମହିଳା ସର୍ଟ କୋଟ୍ ପିନ୍ଧିଲେ ସୁନ୍ଦର ଦେଖାଯିବ। ଅଧିକ ଲମ୍ବା କୋଟ୍ ପିନ୍ଧିଲେ ମୋଟା ଏବଂ ଅଧିକ ଗେଡ଼ା ଦେଖାଯିବେ। ତେଣୁ ମିଡିୟମ ଉଲ୍ ଜ୍ୟାକେଟ୍ ସହ ବୁଟ୍ ପିନ୍ଧିପାରିବେ।

★ଡେଙ୍ଗା ମହିଳାମାନେ ଓଭର ସାଇଜ୍‌ର କୋକୁନ୍ କିମ୍ବା ଡଷ୍ଟର କୋଟ୍ ପିନ୍ଧିଲେ ଭଲ ଲାଗିବ। ଲୁକ୍ ନେଇ ଯଦି କିଛି ଏକ୍ସପେରିମେଣ୍ଟ କରିବାକୁ ଚାହୁଁଥାଆନ୍ତି ତେବେ ହେମ୍‌ଲାଇନ୍ କୋଟ୍ ମଧ୍ୟ ପିନ୍ଧିପାରିବେ। ସୁଇଂ କୋଟ୍ ମଧ୍ୟ ଷ୍ଟାଇଲିଶ୍ ଲୁକ୍ ଦେଇପାରିବ।

★ଯେଉଁମାନଙ୍କର ବଡି ଶେପ୍ ଓଭର ଗ୍ଲାସ୍ ଭଳି ହୋଇଥାଏ ସେମାନେ ଭେଲ୍‌ଭେଟ୍ କୋଟ୍ ଚୟନ କଲେ ଅଧିକ ଭଲ ଲାଗିବ। ଏଥିରେ ସ୍ଲିମ୍ ଦେଖାଯିବା ସହ ଅଣ୍ଟା ପାଖରୁ ଅଧିକ ସୁନ୍ଦର ଦେଖାଯିବ। ଏହି ମହିଳାଙ୍କୁ ଲମ୍ବା କୋଟ୍ ଆକର୍ଷଣୀୟ ଲୁକ୍ ଦେଇପାରିବ। ଏହା ସହ ଟ୍ରେଞ୍ଚ କୋଟ୍ ଏକ କ୍ଲାସି ଲୁକ୍ ଦେବ।

★ଆପଲ ବଡି ଶେପ୍ ମହିଳା କୋକୁନ୍ ୱିଣ୍ଟର କୋଟ୍ ଏବଂ ଏ ଲାଇଟ୍ କୋଟ୍ ପିନ୍ଧିପାରିବେ। ତେବେ ଅଣ୍ଟା ତଳକୁ ଏମାନେ ଯଦି ପତଳା ଦେଖାଇବାକୁ ଚାହୁଁଥାନ୍ତି ତା'ହେଲେ ସର୍ଟ ଡିଜାଇନ୍ ବମ୍ବର ଜ୍ୟାକେଟ୍ ପିନ୍ଧିପାରିବେ। ପର୍‌ଫେକ୍ଟ ଲୁକ୍ ମିଳିପାରିବ।

# ଅଁଳା ଆଚାର

ଖାଦ୍ୟରୁଚି

### ଆବଶ୍ୟକ ସାମଗ୍ରୀ

ଅଁଳା– ୧ କେଜି, କଞ୍ଚାଲଙ୍କା– ୧୦୦ ଗ୍ରାମ୍, ସୋରିଷ ତେଲ– ୧୫୦ ଗ୍ରାମ୍, କଳାଜିରା– ଅଧା ଛୋଟଚାମଚ। ହେଙ୍ଗୁ– ୧ ଛୋଟ ଚାମଚ।
ମସଲା ପାଇଁ – ରସୁଣ– ୫୦ ଗ୍ରାମ୍, ଅଦା– ୧ ଖଣ୍ଡ (ବଡ଼), ହଳଦୀ– ୧ ଖଣ୍ଡ (ବଡ଼)
ଶୁଖିଲା ମସଲା ପାଇଁ– ପାନମଧୁରୀ– ୨ ବଡ଼ ଚାମଚ, ଜିରା – ୧ ଛୋଟ ଚାମଚ, ଗୋଲମରିଚ– ୧୫ ରୁ ୨୦ଟି, ସୋରିଷ– ୧ ବଡ଼ ଚାମଚ, ମେଥି– ଅଧା ଛୋଟ ଚାମଚ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଅଁଳାକୁ ଭଲଭାବେ ଧୋଇ ବାମ୍ଫ ଦେଇ କିଛି ସମୟ ସିଝାଇ ଦିଅନ୍ତୁ। ଏହାପରେ କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଅଁଳା ଥଣ୍ଡା ହୋଇଯିବା ପରେ ତାହାକୁ ଲମ୍ବା ଆକାରରେ ଛୋଟ ଛୋଟ କରି କାଟି ଦିଅନ୍ତୁ ଓ ମଞ୍ଜିକୁ ବାହାର କରି ଦିଅନ୍ତୁ। ଏହି ଅଁଳାକୁ ଅଧଘଣ୍ଟା ପାଇଁ ଘରେ ଫ୍ୟାନ୍ ପବନରେ ଶୁଖାଇ ଦିଅନ୍ତୁ। ଖରାରେ ଶୁଆନ୍ତୁ ନାହିଁ, ଅଧିକ ଶୁଖିଲେ ଭଲ ଲାଗିବ ନାହିଁ।
ଏବେ ମସଲା ନିମନ୍ତେ ଥିବା ପାନମଧୁରୀ, ଜିରା, ଗୋଲମରିଚ, ସୋରିଷ, ମେଥି ସବୁକୁ ମିଶାଇ କଡ଼େଇରେ ହାଲ୍‌କା ଉଷୁମକରି ଦିଅନ୍ତୁ। ଏସବୁକୁ ଦରଦର କରି ଗ୍ରାଇଣ୍ଡିଂ କରି ରଖନ୍ତୁ।
ଏହାପରେ ରସୁଣ, ଅଦା ଓ କଞ୍ଚା ହଳଦୀକୁ ଭଲଭାବରେ ଗ୍ରାଇଣ୍ଡିଂକରି ଦିଅନ୍ତୁ। ଅନ୍ୟପଟେ ସୋରିଷ ତେଲକୁ ଅଳ୍ପ ଗରମ କରି ସେଥିରେ ଅଧା ଛୋଟ ଚାମଚ କଳାଜିରା ପକାନ୍ତୁ। ୧ ଚାମଚ ହେଙ୍ଗୁ ପକାନ୍ତୁ। ଏବେ ସେଥିରେ ବଟାହୋଇଥିବା ମସଲାକୁ ପକାଇ ହାଲ୍‌କା ଭାଜି ନିଅନ୍ତୁ। ଏହା ପରେ ୧ ଛୋଟ ଚାମଚ କଶ୍ମୀରୀ ଲଙ୍କାଗୁଣ୍ଡ ପକାନ୍ତୁ। ଏବେ ସେଥିରେ କଞ୍ଚା ଲଙ୍କା ପକାଇ ଅଳ୍ପ ଭାଜନ୍ତୁ। ଏହା ପରେ ଶୁଖାହୋଇଥିବା ଅଁଳା ପକାଇ ଭଲଭାବେ ମିଶାନ୍ତୁ। ଏବେ ସେଥିରେ ଶୁଖିଲା ମସଲା ଓ ଲୁଣ ପକାଇ ମିଶାନ୍ତୁ। ଏହା ପରେ ଅଧା ଛୋଟ କପ୍ ଭିନେଗାର ପକାଇ ଭଲଭାବେ ମିଶାନ୍ତୁ। ଥଣ୍ଡା ହୋଇଯିବା ପରେ କାଚ ଜାର୍‌ରେ ରଖି ଖାଆନ୍ତୁ।



ସୌନ୍ଦର୍ଯ୍ୟ

# କେଶକୁ କରନ୍ତୁ ସୁନ୍ଦର

❖ଶୀତଦିନେ ଉଷୁମପାଣିରେ କେଶ ଧୁଅନ୍ତୁ। ଅଧିକ ଗରମ ପାଣିରେ କେଶ ଧୋଇଲେ ଉଜ୍ଜ୍ୱଳତା ସହିତ କେଶମୂଳରେ ଥିବା ତୈଳଅଂଶ ନଷ୍ଟ ହୋଇଥାଏ। ଏହା ସହ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଦେଖାଦେବ।

❖କେଶ ମୂଳରେ ମସାଜ୍ କରନ୍ତୁ। ଅଙ୍ଗୁଳିରେ ତେଲ ନେଇ ସପ୍ତାହକୁ ଅତି କମ୍‌ରେ ଥରେ ମାଲିସ୍ କରନ୍ତୁ। ଏହା ଫଳରେ କେଶ ମୂଳରେ ରକ୍ତ ସଞ୍ଚାଳନ ହୋଇଥାଏ। ଏହା ସହ ରାତି ସାରା ତେଲ କେଶ ମୂଳରେ ଲାଗି ରହିବା ଫଳରେ କେଶ ଶୁଷ୍କ ହୋଇ ନ ଥାଏ। ତେଲ ଲଗାଇବାର ୭–୮ ଘଣ୍ଟା ପରେ ସାମ୍ପୁ କରନ୍ତୁ।



❖ଶୀତଦିନେ ପ୍ରାୟତଃ ରୂପି ସମସ୍ୟା ବହୁତ ହୋଇଥାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅଏଲ ଥେରାପି ବେଶ୍ ଫଳପ୍ରଦ। ସପ୍ତାହକୁ ଥରେ କିମ୍ବା ଦୁଇଥର ତେଲକୁ ଅଳ୍ପ ଉଷୁମ କରି କେଶ ମୂଳରେ ମାଲିସ୍ କରନ୍ତୁ। ଏହାପରେ କେଶ ମୂଳରେ ଏକ ତଉଲିଆରେ ବାମ୍ଫ ଦିଅନ୍ତୁ। ୩–୪ ଥର ଏହିପରି ବାମ୍ଫ ଦିଅନ୍ତୁ ଓ ସକାଳେ ସାମ୍ପୁ କରିଦିଅନ୍ତୁ।

❖କଣ୍ଡିସନର ନିଶ୍ଚୟ ଲଗାନ୍ତୁ। କଣ୍ଡିସନର ଓ ସେରମ୍ କେଶକୁ ମୁଲାୟମ କରିଥାଏ। ଏହା କେଶକୁ କୋଟିଂ ସହିତ ସୁରକ୍ଷା ଦେଇଥାଏ।

❖କେଶରେ ବିଭିନ୍ନ ପ୍ରକାର ରାସାୟନିକ ସାମଗ୍ରୀ ଲଗାଇବା ବଦଳରେ ପ୍ରାକୃତିକ ସାମଗ୍ରୀ ଲଗାନ୍ତୁ। ଅତ୍ୟଧିକ ରୁକ୍ଷ ଓ ଦୁର୍ବଳ କେଶ ହୋଇଥିଲେ ଗୋଟିଏ ଅଣ୍ଡା ସହ କିଛି ଜଡ଼ାତେଲ, ଲେମ୍ବୁରସ ଓ ଏକ ଛୋଟ ଚାମଚ ଗ୍ଲିସେରିନ୍ ମିଶାଇ ଲଗାନ୍ତୁ।

❖ଥଣ୍ଡା ପବନରେ ବାହାରକୁ ଯାଉଥିଲେ କେଶକୁ ଭଲଭାବରେ ଘୋଡ଼ାଇ ରଖନ୍ତୁ।



ଶୀତଦିନେ ରୁମ୍ ହିଟର ବ୍ୟବହାର କରୁଥିଲେ କେଶ ଅଧିକ ରୁକ୍ଷ ହୋଇଯାଏ। ତେଣୁ ଘର ଭିତରର ତାପମାତ୍ରା ବଢ଼ାଇବା ପାଇଁ ଅନ୍ୟ ଉପାୟ ଅବଲମ୍ବନ କରନ୍ତୁ।

❖ବାହାରକୁ ଯିବା ପୂର୍ବରୁ କେଶକୁ ଭଲଭାବେ ଶୁଖାଇ ଯାଆନ୍ତୁ।

❖ଦୋମୁହାଁ କେଶ ସମସ୍ୟା ଥିଲେ ନିୟମିତ ଟ୍ରିମିଂ କରାନ୍ତୁ। ଏହା ସହିତ କେଶକୁ ମୁଲାୟମ କରିବା ନିମନ୍ତେ ମଶ୍ଚରାଇଜିଂ ଟ୍ରିଟ୍‌ମେଣ୍ଟ ବି କରାନ୍ତୁ।

❖କେଶକୁ ବାରମ୍ବାର ଧୁଅନ୍ତୁ ନାହିଁ। ଏହା କେଶ ମୂଳରେ ଥିବା ତୈଳ ଅଂଶକୁ ନଷ୍ଟ କରି ଦେଇଥାଏ।

❖ମଜଭୁତ କେଶ ନିମନ୍ତେ ସୁଷମ ଖାଦ୍ୟ ଖାଆନ୍ତୁ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୨୩ରେ ଅବସର ଚିନ୍ତା କରିଥିଲେ ରୋହିତ



**ନୂଆଦିଲ୍ଲୀ,୨୨।୧୨**

୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାଜିତ ହେବା ପରେ କ୍ରିକେଟରୁ ଅବସର କଥା ଚିନ୍ତା କରିଥିଲି। ପୂର୍ବତନ ଭାରତୀୟ ଅଧିନାୟକ ରୋହିତ ଶର୍ମା ଏହା କହିଛନ୍ତି। ରୋହିତଙ୍କ ନେତୃତ୍ୱରେ ଭାରତୀୟ ଦଳ ଟୁର୍ନାମେଣ୍ଟରେ ୯ ମ୍ୟାଚ୍‌ରେ ୯ ବିଜୟ ଓ ଅପରାଜେୟ ଧାରା ସହ ଫାଇନାଲରେ ପ୍ରବେଶ କରିଥିଲା। ହେଲେ ଅହମଦାବାଦ୍ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସାମ୍ନାରେ ଖେଳାଯାଇଥିବା ଫାଇନାଲରେ ଟ୍ରାଭିସ ହେଡ୍‌ଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା।

'୨୦୨୩ ବିଶ୍ୱକପ୍ ଫାଇନାଲ ପରେ ମୁଁ ସମ୍ପୂର୍ଣ୍ଣ ବ୍ୟାକୁଳ ହୋଇଯାଇଥିଲି ଏବଂ କ୍ରିକେଟ ଆଉ ଖେଳିବାକୁ ମୁଁ ଚାହୁଁ ନ ଥିବା ଭଳି ଅନୁଭବ ହେଉଥିଲା। କାରଣ ଏହି ଖେଳ ମୋଠାରୁ ସବୁକିଛି ନେଇ ସାରିଥିବା ଏବଂ ମୋ ପାଖରେ ଆଉ କିଛି ଦେବାକୁ ନ ଥିବା ଭଳି ଅନୁଭବ ହେଉଥିଲା। ଏଥିଲାଗି ମୋତେ କିଛି ସମୟ ଲାଗିଥିଲା ଓ ନିଜକୁ ମନେ ପକାଇଥିଲି ଯେ, ମୁଁ କ୍ରିକେଟକୁ କେତେ ଭଲ ପାଏ, ଏହା ସାମ୍ନାରେ ଥିବା ବେଳେ ମୁଁ ଏହାକୁ ଏତେ ସହଜରେ ଛାଡ଼ି ପାରିବି ନାହିଁ। ଧିରେ ଧିରେ ଏନର୍ଜି ସହିତ ପଡ଼ିଆରେ ପହଞ୍ଚିଥିଲି। ବିଶ୍ୱକପ୍ ଫାଇନାଲରେ ପରାଜୟ ଯୋଗୁ ସମସ୍ତେ ଖୁବ ଦୁଃଖିତ ଥିଲେ ଏବଂ ଆମେ ବୁଝିପାରି ନ ଥିଲୁ ଯେ, କ'ଣ ଘଟିଗଲା। ଏହା ବ୍ୟକ୍ତିଗତ ଭାବେ ମୋ ପାଇଁ ଖୁବ କଷ୍ଟକର ସମୟ ଥିଲା। କାରଣ ସେହି ବିଶ୍ୱକପ୍ ଜିତିବା ପାଇଁ ମୁଁ ସବୁକିଛି କରିଥିଲି। ଏଥିଲାଗି ଦୁଇ କିମ୍ବା ୩ ମାସ ନୁହେଁ, ୨୦୨୨ରେ ଦଳର ନେତୃତ୍ୱ ନେବା ପରଠାରୁ ବିଶ୍ୱକପ୍ ଜିତିବା ହିଁ ମୋର ଏକମାତ୍ର ଲକ୍ଷ୍ୟ ଥିଲା। ଟି୨୦ ହେଉ କି ଦିନିକିଆ ବିଶ୍ୱକପ୍, ମୁଁ କେବଳ ବିଶ୍ୱକପ୍ ଜିତିବାକୁ ଚାହୁଁଥିଲି। ଏଣୁ ଏହା ଯେତେବେଳେ ହେଲା ନାହିଁ, ମୁଁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଥିଲି। ମୋ ଶରୀରରେ କ୍ରିକେଟ ଖେଳିବା ପାଇଁ ଟିକେ ବି ଏନର୍ଜି ନ ଥିଲା ଭଳି ଅନୁଭବ ହେଉଥିଲା। ମୋତେ ଏଥିରୁ ରିକଭର କରିବା ଓ ଫିଲ୍ଡକୁ ଫେରିବା ପାଇଁ କିଛି ମାସ ଲାଗିଥିଲା। ମୋ ମତରେ ତୁମେ ଯେତେବେଳେ ଏତେ ସବୁ ନିବେଶ କର ଏବଂ ଫଳାଫଳ ମିଳେ ନାହିଁ, ଭାଙ୍ଗି ପଡ଼ିବା ଏକ ପ୍ରାକୃତିକ ପ୍ରକ୍ରିୟା। ତାହା ହିଁ ମୋ ସହ ଘଟିଥିଲା। କିନ୍ତୁ ମୋତେ ଜଣା ଥିଲା ଯେ, ଜୀବନର ଶେଷ ନୁହେଁ। ଦୁଃଖ ଓ ନିରାଶ ସହ କେଉଁ ଭଳି ଲଢ଼େଇ କରାଯାଏ, ଏହା ମୋତେ ଶିକ୍ଷା ଦେଇଥିଲା। ଏହାପରେ ମୁଁ ୨୦୨୪ ଟି୨୦ ବିଶ୍ୱକପ୍ ଉପରେ ଧ୍ୟାନ ଦେଇଥିଲି। ଏହା ବର୍ତ୍ତମାନ କହିବା ଖୁବ ସହଜ। କିନ୍ତୁ ସେହି ମୁହୂର୍ତ୍ତରେ ଏହା ଅତ୍ୟନ୍ତ କଷ୍ଟକର ଥିଲା' ବୋଲି ରୋହିତ ମାଷ୍ଟର୍ସ ୟୁନିଅନ ଇଭେଣ୍ଟରେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରୋହିତଙ୍କ ନେତୃତ୍ୱରେ ଗତ ବର୍ଷ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିୟନ ହୋଇଥିଲା।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

## ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି

ଗୁଆହାଟୀର ମହମ୍ମଦ ତୟବୁଲ୍ଲା ହକି ଷ୍ଟାଡିୟମରେ ଚାଲିଥିବା ଅସ୍ମିତା ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି ଲିଗ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ନିଜର ପ୍ରଥମ ମ୍ୟାଚରେ ତ୍ରିପୁରାକୁ ୫୦-୦ ଗୋଲରେ ହରାଇଥିବା ଓଡ଼ିଶା ସୋମବାର ଦ୍ୱିତୀୟ ମ୍ୟାଚରେ ଆସାମକୁ ୧୪-୧ ଗୋଲରେ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ମିଞ୍ଜ ଏକାକୀ ୫ଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜିତା କିରୋ ଓ ଅସିମା ଏକ୍କା ୩ଟି ଲେଖାଏ, କିରନ ଏକ୍କା, ଆନନ୍ଦିନି କେର୍କେଟା, ସ୍ୱିଟି କୁଜୁର ଓ ସୋନିମା ଗୌଡ଼ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତ୍ରିପୁରା ବିପକ୍ଷ ମ୍ୟାଚଟି ସମ୍ପୂର୍ଣ୍ଣ ଏକପାଖିଆ ହୋଇଥିଲା। ପୂରା ମ୍ୟାଚରେ ଓଡ଼ିଶା ଖେଳାଳିମାନେ ତ୍ରିପୁରା ହାଫ୍‌ରେ ବଲ୍ ରଖିଥିଲେ। ଓଡ଼ିଶା ପ୍ରଥମ କ୍ୱାର୍ଟରରେ ୧୦, ଦ୍ୱିତୀୟ କ୍ୱାର୍ଟରରେ ୮, ତୃତୀୟ କ୍ୱାର୍ଟରରେ ୧୭ ଓ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ୧୫ ଗୋଲ ସ୍କୋର କରିଥିଲା। ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ଆସିଥିବା ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ମିଜୋରାମ ବିପକ୍ଷରେ ଖେଳିବ।


ପୂର୍ବାଞ୍ଚଳ ସବ୍‌ଜୁନିୟର ବାଳିକା ହକି ଲିଗ୍‌ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଥିବା ଓଡ଼ିଶା ଦଳ।

# ଜେମିମା ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ହେବେ

**ନୂଆଦିଲ୍ଲୀ,୨୨।୧୨**

ଭାରତୀୟ ଦଳର ଟପ୍ ଅର୍ଡର ବ୍ୟାଟର ଜେମିମା ରୋଡ୍ରିଗ୍ସଙ୍କୁ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସଂସ୍କରଣ ଲାଗି ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା କରାଯିବ। ଏ ନେଇ ଖୁବ୍‌ଶୀଘ୍ର ଫ୍ରାଞ୍ଚାଇଜ ପକ୍ଷରୁ ଘୋଷଣା କରାଯିବ। ଦିଲ୍ଲୀ ଫ୍ରାଞ୍ଚାଇଜ ମେଗା ଅକ୍ସନ ପୂର୍ବରୁ ପୂର୍ବତନ ଅଧିନାୟିକା ମେଗ ଲାନିଂଙ୍କୁ ରିଲିଜ କରିଥିଲା। ଗତ ମାସରେ ଦିଲ୍ଲୀରେ ଅନୁଷ୍ଠିତ ମେଗା ଅକ୍ସନ ବେଳେ ଡିସି ସହ ମାଲିକ ପାର୍ଥ ଜିନ୍ଦଲ କହିଥିଲେ ଯେ, ଆମକୁ ଜଣେ ଭାରତୀୟ ଅଧିନାୟକ ଦରକାର। ଆମେ ମନ ସ୍ଥିର କରିସାରିଛୁ। ଉଲ୍ଲେଖଯୋଗ୍ୟ ଯେ ଚଳିତବର୍ଷ ମହିଳା ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ ଜେମିମା।

# ରେଡ୍ ଷ୍ଟାର, ସହିଦ ସ୍ପୋର୍ଟିଂ ବିଜୟୀ



ଓମ୍ ଶ୍ରୀ ସାହୁ ଓ ବିଶ୍ୱ ପି. ସାହୁଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ୨ଟି ମ୍ୟାଚରେ କ୍ଲବ ଦି ରେଡ୍ ଷ୍ଟାର ଓ ସହିଦ ସ୍ପୋର୍ଟିଂ ବିଜୟ ହାସଲ କରିଛି। ରେଡ୍ ଷ୍ଟାର ୩୧ ରନରେ ପ୍ରଗତି ସ୍ପୋର୍ଟିଂକୁ ଏବଂ ସହିଦ ସ୍ପୋର୍ଟିଂ ୧୨ ରନରେ ସୋଲାର କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରେଡ୍ ଷ୍ଟାର ୨୦ ଓଭରରେ ୪ ଉଇକେଟ ହରାଇ ୯୨ ରନ କରିଥିଲା। ଅଧିନାୟକ ସମରଜିତ ସାହୁ ସର୍ବାଧିକ ୩୮ ରନ କରିଥିଲେ। ବିପକ୍ଷ ଦଳର ବୋଲର ଶ୍ରୀଜିତ ଭୂୟାଁ ୨ଟି ଉଇକେଟ ନେଇଥିଲେ। ୯୩ ରନ ବିଜୟ ଲକ୍ଷ୍ୟରେ ପ୍ରଗତି ୧୭.୫ ଓଭରରେ ୬୧ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ଅଖିଳ ପ୍ରଧାନ ୩ଟି ଏବଂ ଓମ୍ ଶ୍ରୀ ସାହୁ ୨ଟି ଉଇକେଟ ନେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଓମ୍ ଶ୍ରୀଙ୍କୁ ମୁକ୍ତେଶ୍ୱର କ୍ଲବ ଉପ କୋଷାଧ୍ୟକ୍ଷ ସୁନୀଲ ସାହୁ ପୁରସ୍କାର ପ୍ରଦାନ କରିଥିଲେ।

ଦିବସର ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ୨୦ ଓଭରରେ ୯ ଉଇକେଟ ହରାଇ ୧୦୦ ରନ କରିଥିଲା। ବିଶ୍ୱ ପି. ସାମନ୍ତରାୟ ୨୭ ରନ କରିଥିଲେ। ସୋଲାର ପକ୍ଷରୁ ଅଧିନାୟକ ସୂର୍ଯ୍ୟକାନ୍ତ ଦଳେଇ ୩ ଉଇକେଟ ନେଇଥିଲେ। ୧୦୧ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ସୋଲାର ପୂରା ୨୦ ଓଭର ଖେଳିଥିଲେ ହେଁ ୫ ଉଇକେଟ ହରାଇ ୮୮ ରନ କରିବାକୁ ସକ୍ଷମ ହୋଇଥିଲା। ମୁକ୍ତେଶ୍ୱର କୋଷାଧ୍ୟକ୍ଷ ଦତ୍ତାତ୍ରେୟ ମିଶ୍ର ଓ ପରାମର୍ଶଦାତା ଭବାନୀ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ବିଶ୍ୱ ପି. ସାହୁ (୨୭ ରନ, ୧ ଉଇକେଟ)ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ସାମସନଙ୍କ ସପକ୍ଷରେ ଶ୍ରୀକାନ୍ତ

**ନୂଆଦିଲ୍ଲୀ,୨୨।୧୨**

ଭାରତୀୟ ଟି୨୦ ବିଶ୍ୱକପ୍ ଦଳରେ ପ୍ରଥମ ପସନ୍ଦର ଉଇକେଟକିପର ଭାବେ ସ୍ଥାନ ପାଇଥିବା ସଞ୍ଜୁ ସାମସନଙ୍କ ପ୍ରତି ପୂର୍ବତନ ଚୟନକର୍ତ୍ତା କ୍ରିଷ୍ଣମଚାରି ଶ୍ରୀକାନ୍ତ ସମର୍ଥନ ବ୍ୟକ୍ତ କରିଛନ୍ତି। ଲଗାତର ୭ ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶରୁ ବାଦ୍ ପଡ଼ିବା ପରେ ସଞ୍ଜୁ ଅହମଦାବାଦରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩୭ ରନର ପାଳି ଖେଳିଥିଲେ। ଏଭଳି ଛୋଟ ଇନିଂସ ବଦଳରେ ସାମସନଙ୍କୁ ଲମ୍ବା ଇନିଂସ ଖେଳିବାକୁ ଶ୍ରୀକାନ୍ତ ପରାମର୍ଶ ଦେଇଛନ୍ତି।

'ସଞ୍ଜୁ ଖୁବ ଭଲ ବ୍ୟାଟିଂ କରିଥିଲି। ତାହା ଏକ ଭଲ ଇନିଂସ ଥିଲା। ସେ ଖେଳିଥିବା କିଛି ଷ୍ଟ୍ରୋକ୍ ଅତ୍ୟନ୍ତ ଚମତ୍କାର ଥିଲା। ସେ ଯେତେବେଳେ ଷ୍ଟ୍ରାଇକିଂ କରନ୍ତି, ସେ ପ୍ରତିପକ୍ଷ ଦଳ ପାଇଁ ମାରାତ୍ମକ ସାଜି ଜାଆନ୍ତି। ମୁଁ ସଞ୍ଜୁଙ୍କୁ କେବଳ ଗୋଟିଏ କଥା କହିବି ଯେ, ତୁମେ ୩୭ ରନ କରି ଆଉଟ୍ ହୋଇ ଯାଅ ନାହିଁ। ୩୭କୁ ୭୩ କନଭର୍ଟ କର। ଯଦି ତୁମେ ତାହା କରିଦେବ, ତେବେ ତୁମକୁ ଦଳରୁ ହଟା ଯାଇପାରିବ ନାହିଁ। ଲୋକେ ୩୦ ଏବଂ ୪୦ ରନର ଇନିଂସକୁ ଭୁଲି ଯିବେ' ବୋଲି ଶ୍ରୀକାନ୍ତ କହିଛନ୍ତି। ସଞ୍ଜୁଙ୍କ ୩୭ ରନର ଇନିଂସ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଥିଲା। ଏହି ମ୍ୟାଚ୍‌ର ଦିନକ ପରେ ଟି୨୦ ବିଶ୍ୱକପ୍ ଲାଗି ଦଳ ଘୋଷଣା କରାଯାଇଥିଲା। ଏଣୁ ଏଠାରେ ସମୟ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। କାରଣ ଟି୨୦ରେ ଆଖିଦୃଶିଆ ପ୍ରଦର୍ଶନ କରିବାରେ ବିଫଳ ହୋଇଥିବା ଉପ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଚୟନକର୍ତ୍ତାମାନେ ବାଦ୍ ଦେଇ ସାମସନଙ୍କୁ ବାଛିଥିଲେ। ଏ ସମ୍ପର୍କରେ ଶ୍ରୀକାନ୍ତ ପ୍ରକାଶ କରିଛନ୍ତି, ସଞ୍ଜୁଙ୍କୁ ଗୋଟିଏ ସୁଯୋଗ ମିଳିଲା ଏବଂ ସେ ତାହାର ସମ୍ପୂର୍ଣ୍ଣ ଫାଇଦା ଉଠାଇଛନ୍ତି। ମୋ ମତରେ ଚୟନକର୍ତ୍ତାମାନେ ବିଶ୍ୱକପ୍ ଲାଗି ଦଳ ଘୋଷଣା କରିବା ପୂର୍ବରୁ ଗିଲ୍‌ଙ୍କ ଲାଗି ଦଳରେ ସ୍ଥାନ ନ ଥିବା ଜଣାଇଥିଲେ। ଏଣୁ ତାଙ୍କୁ ଅନ୍‌ଫିଟ୍ ଘୋଷଣା କରାଯାଇଥାଇପାରେ। ଗିଲ ଗତ ସେପ୍ଟେମ୍ବରରେ ସାମସନଙ୍କ ବଦଳରେ ଅଭିଷେକ ଶର୍ମାଙ୍କ ସହ ଓପନିଂ କରିବା ଆରମ୍ଭ କରିଥିଲେ। ହେଲେ ସେ ଦଳରେ ନିଜ ସ୍ଥାନ ପକ୍କା କରିପାରି ନ ଥିଲେ। ୧୫ ଇନିଂସରେ ସେ ଗୋଟିଏ ବି ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ସେ ୩ ଇନିଂସରେ ୩୨ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଟୋ ଇଞ୍ଜୁରି କାରଣରୁ ଅନ୍ତିମ ଦୁଇ ମ୍ୟାଚ୍‌ରୁ ତାଙ୍କୁ ବାଦ୍ ଦିଆଯାଇଥିଲା।


# Classified Everyday
0674-2580101, 9692975378


REAL ESTATE

**SALE**

**2/3 BHK ready to move flat for sale at Jayadev Vihar square. Contact: 9437307086, 7008789347.** D-2878

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. ଧ-୨୮୫୦

**କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273.** D-2877

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୮୫୧




All types of physiotherapy with massage, Contact number 9556924059/ 7656969134. D-2902

**LOST**

I, Koushilya Chhatria, W/o.- Surubabu Chhatria, Village- Bhursipali, P.S.- Jamgaon, Tahasil/ District- Bolangir declare by an affidavit Sl. No. 834, Dated- 20-12-2025 that Original Regd. Sale Deed bearing No. 11622205417 executed in my favour on Dated- 31.10.2022 in Sub-Registrar Office, Sambalpur has been Lost somewhere at Birmaharajpur. It has been registered vide S.D. Entry No-06, Dated 20-12-2025 at Birmaharajpur Police Station. D-2907

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated- 11.08.2025, I, Dukhia Behera, At- Daruthenga, Jujhagada, Dist.- Khordha, Odisha-752005 declare that I have changed my name from Dukhishyam Behera to Dukhia Behera. Henceforth, I shall be known as Dukhia Behera for all purposes.
Dukhia Behera
D- 2904

I, Nayan Kumar Nayak, S/o. Rabindra Nayak, R/o. New Colony, Sadeipali, P.O./P.S.- Burla, District- Sambalpur-768017 declare by this affidavit No.5506, dated- 20.12.2025 that my father's name has been wrongly mentioned as Ranindra Naik instead of Rabindra Nayak in my Passport bearing No. N3248041. That now onwards he shall be known as Rabindra Nayak for all future purposes. D- 2905

By virtue of an affidavit sworn before the Executive Magistrate, Berhampur, Ganjam, I, Mamata Bhatta, W/o.- Ramesh Chandra Bhatta, resident of At/P.O.- Niyati Bihar, near Pukudibandha Square, Ambapua, Dist.- Ganjam, Odisha Vide affidavit No. A-606 Dtd.- 20.12.2025 that now onwards, I will be known as MAMATA KUMARI BHATTA for all future purposes. D-2906

SANJEEB KUMAR MINZ, S/o.- Sukhi Minz, R/o.- K8/799, Kalinganagar, Ghatikia, Bhubaneswar-751003 changed my name as SANJEEV KUMAR MINZ vide affidavit dated 17.12.25. D- 2903

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେିଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କ୍ରିଷ୍ଣାପ୍ପା ଗୌଥାମଙ୍କ ଅବସର

**ନୂଆଦିଲ୍ଲୀ,୨୨।୧୨**



କ୍ରିଷ୍ଣାପ୍ପା ଗୌଥାମ ସୋମବାର କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଛନ୍ତି। ୩୭ ବର୍ଷୀୟ କ୍ରିକେଟର ଏହି ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ତାଙ୍କର ୧୪ ବର୍ଷ ଲମ୍ବା ପେସାଦାର କ୍ରିକେଟର କ୍ୟାରିୟରର ଅନ୍ତ ଘଟିଛି। ସେ ଅଫ ସ୍ପିନ ବୋଲିଂ ସାଙ୍ଗକୁ ଲୋୟର ଅର୍ଡରରେ ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା ଥିଲେ। ସେ ୨୦୧୨ ରଣଜୀ ଟ୍ରଫି ସିଜନରେ ପଦାର୍ପଣ କରିଥିଲେ। ୨୦୧୬-୧୭ ରଣଜୀ ସିଜନ ତାଙ୍କ କ୍ୟାରିୟରର ଉଲ୍ଲେଖନୀୟ ସିଜନ ଥିଲା। ଏହି ବର୍ଷ ସେ ୮ ମ୍ୟାଚ୍‌ରେ ୨୭ ଉଇକେଟ ନେଇଥିଲେ। ଗୌଥାମଙ୍କ ନାମରେ ଉଭୟ ଫାଷ୍ଟ-କ୍ଲାସ ଓ ଲିଷ୍ଟ ଏ' କ୍ରିକେଟରେ ୩୨୦ ଉଇକେଟ ରହିଛି। ଭଲ ପ୍ରଦର୍ଶନ ବଳରେ ସେ ଭାରତ ଏ' ଦଳରେ ସ୍ଥାନ ପାଇଥିଲେ। ୨୦୨୧ରେ ସେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ ଏବଂ ଅନ୍ତର୍ଜାତୀୟ ସ୍ତରରେ ଏକମାତ୍ର ଦିନିକିଆ ମ୍ୟାଚ୍ ଖେଳି ଗୋଟିଏ ଉଇକେଟ ନେଇଥିଲେ।

# ଇଞ୍ଜିନିୟରିଂ ବିଭାଗ ଚାମ୍ପିୟନ

**ଭୁବନେଶ୍ୱର, ୨୨।୧୨ (ବିଜୟ ରଣା)**

## ନିଳାଦ୍ରୀ କପ୍ ଟି୨୦ ଟେନିସ ବଲ୍ କ୍ରିକେଟ

ପୂର୍ବତଟ ରେଳପଥ କ୍ରୀଡ଼ା ସଂଘ (ଇକୋର୍ସା) ଦ୍ୱାରା ଆୟୋଜିତ ଦ୍ୱିତୀୟ ନୀଳାଦ୍ରି କପ୍ ଟି୨୦ ଆନ୍ତଃବିଭାଗୀୟ ଟେନିସ୍ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ମଞ୍ଚେଶ୍ୱରର ରେଳୱେ କ୍ରିକେଟ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲରେ, ଆର୍. ପି. ଏଫ୍. ଦଳକୁ ପରାସ୍ତ କରି ଇଞ୍ଜିନିୟରିଂ ବିଭାଗ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ବିଜୟୀ ଏବଂ ଉପବିଜେତା ଦଳକୁ ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରିଥିଲେ। ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ମଧ୍ୟ ସେ ପୁରସ୍କୃତ କରିଥିଲେ। ଏହି ଚାମ୍ପିୟନଶିପ୍‌ରେ ପୂର୍ବତଟ ରେଳପଥର ବିଭିନ୍ନ ବିଭାଗର ମୋଟ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ। ଡିସେମ୍ବର ୧ରୁ ୨୧ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଲିଗ୍ ମ୍ୟାଚ୍, ସେମିଫାଇନାଲ୍ ଓ ଫାଇନାଲକୁ ମିଶାଇ ମୋଟ ୨୮ଟି ମ୍ୟାଚ୍ ଆଇସିସିର ଟି୨୦ ନିୟମାବଳୀ ଅନୁସାରେ ଖେଳାଯାଇଥିଲା। ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ଅଧ୍ୟକ୍ଷ ଡା. ହେମନ୍ତ କାଗ୍ରା ଟୁର୍ନାମେଣ୍ଟର ପରିକଳ୍ପନା ଓ ସଫଳ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।



ଚାମ୍ପିୟନ ଇଞ୍ଜିନିୟରିଂ ବିଭାଗ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

# ଶଙ୍ଖଜ୍ୟୋତି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ପବିତ୍ରନଗର,୨୨।୧୨(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଖୁଣ୍ଡ ଗ୍ରାମ ନିକଟସ୍ଥ ଶଙ୍ଖଜ୍ୟୋତି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ନନ୍ଦ କିଶୋର ମହାକୁଡ଼ ଯୋଗଦେଇ ଶୃଙ୍ଖଳା ଓ ଅନୁଶାସନ ଦ୍ୱାରା ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଫେସର ସଦାଶିବ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବୁଢ଼ାପାଳ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡିଲେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ ଐଶ୍ୱର୍ଯ୍ୟ ରଞ୍ଜନ ପ୍ରଧାନ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ସ୍କୁଲ ଅଧ୍ୟକ୍ଷ ବୈଷ୍ଣବ ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ରାହୁଲ ତିର୍କୀ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

# ସଞ୍ଜୀବନି ମାର୍କେଟ-ହେମୁସରପଡ଼ା ରାସ୍ତାରୁ ହଟିବ ଜବରଦଖଲ

■ନୋଟିସ ମାରିଲା ଅନୁଗୋଳ ପୌରପାଳିକା
■ଆମ୍ବୁଲାନ୍ସ, ଠେଲା ଗାଡ଼ି, ଉଠାଦୋକାନ ପାଇଁ ହେଉଥିଲା ଟ୍ରାଫିକ ସମସ୍ୟା

ଅନୁଗୋଳ,୨୨।୧୨(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଛକ ଠାରୁ ହେମୁସରପଡ଼ା ଛକ ପର୍ଯ୍ୟନ୍ତ ରାସ୍ତାରେ ଠେଲା, ଉଠାଦୋକାନ, ଘରୋଇ ଆମ୍ବୁଲାନ୍ସ ରଖିବା କାରଣରୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଜିଲାପାଳଙ୍କ ଠାରୁ ପୌରପ୍ରଶାସନ ଯାଏ, ସବୁଠାରେ ମାଳମାଳ ଅଭିଯୋଗ ହେବା ପରେ ପୌରପାଳିକା ପକ୍ଷରୁ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ବଡ଼ ପଦକ୍ଷେପ ନିଆଯାଇଛି। ସଞ୍ଜୀବନୀ ମାର୍କେଟ ମେଡିକାଲ ଛକ ଠାରୁ ହେମସୁରପଡା ଦୁର୍ଗା ମଣ୍ଡପଛକ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରିବାକୁ ସୋମବାର ନୋଟିସ ଲଗାଯାଇଛି।

ସୂଚନା ମୁତାବକ, ସଞ୍ଜୀବନୀ ମାର୍କେଟ ମେଡିକାଲ ଛକଠାରୁ ହେମସୁରପଡ଼ା ଦୁର୍ଗା ମଣ୍ଡପଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଉଠା ଦୋକାନ, ଠେଲାଗାଡ଼ି, ଆମ୍ବୁଲାନ୍ସ, ଚାରିଚକିଆ ଯାନ ପାର୍କିଂ ହେଉଥିଲା। ଏଥିସହ ପାଖରେ ଜିଲା ମୁଖ୍ୟ ଚିକିତ୍ସାଳୟ, ଜିଲା କାରାଗାର, ଡେଲିମାର୍କେଟ ଆଦି ଭିଡ଼ ପ୍ରବଣ ସ୍ଥାନ ରହିଥିବାରୁ ପ୍ରତିଦିନ ଏହି ରାସ୍ତାକୁ ଅନେକ ଲୋକେ ବ୍ୟବହାର କରୁଛନ୍ତି। ଫଳରେ ଯାତାୟାତ ସମୟରେ ରାସ୍ତା ଉପରେ ଗାଡ଼ି ଏବଂ ଠେଲା ସହ ଉଠାଦୋକାନ କାରଣରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଦେଖାଯାଉଛି। ଏପରିକି କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ରାସ୍ତାକଡ଼ ଏବଂ ଅନ୍ୟ ସରକାରୀ ଜାଗାରେ ଉଠାଦୋକାନମାନଙ୍କୁ ବସାଇ ସେମାନଙ୍କଠାରୁ ଭଡ଼ା ମଧ୍ୟ ଆଦାୟ କରିଆସୁଛନ୍ତି। ସମସ୍ତ ଘଟଣାକୁ ଆଖି ଆଗରେ ରଖି ପୌର ପ୍ରଶାସନ ସଞ୍ଜୀବନି ମାର୍କେଟ ଠାରୁ ହେମୁସରପଡ଼ା ପର୍ଯ୍ୟନ୍ତ ପ୍ରାୟ ୨ଶହ ମିଟର ରାସ୍ତାର ଉଭୟ ପାର୍ଶ୍ୱରୁ ଉଠାଦୋକାନ ଏବଂ ପାର୍କିଂକୁ ଅବୈଧ ଘୋଷଣା କରିଛି। ଯଦି କୌଣସି ବ୍ୟକ୍ତି ଅମାନିଆ ହୋଇ ପୁନର୍ବାର ଉପରୋକ୍ତ ସ୍ଥାନ ଜବରଦଖଲ କରନ୍ତି, ଅନୁଗୋଳ ପୌରପାଳିକା ତରଫରୁ ପୌର ଆଇନ ଅନୁଯାୟୀ ପ୍ରତିଦିନ ୨ ହଜାର ଟଙ୍କା ଲେଖାଏ ଜୋରିମାନା ଆଦାୟ ସହିତ ଉଚ୍ଛେଦ କରାଯିବ ବୋଲି କାନ୍ଥରେ ନୋଟିସ ମରାଯାଇଥିବା ଦେଖାଯାଇଛି।


ପୌର ପ୍ରଶାସନ ପକ୍ଷରୁ କାନ୍ଥରେ ନୋଟିସ ଲଗାଯାଇଛି।

# ୨୪ରେ କେନ୍ଦ୍ରମନ୍ତ୍ରୀଙ୍କ ଅନୁଗୋଳ ଗସ୍ତ

ଅନୁଗୋଳ,୨୨।୧୨(ମାନସ ବିଶ୍ୱାଳ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆସନ୍ତା ୨୪ ତାରିଖରେ ଅନୁଗୋଳ ଜିଲା ଗସ୍ତରେ ଆସିବାର କାର୍ଯ୍ୟସୂଚୀ ରହିଛି। ୨୩ ତାରିଖ ରାତିରେ କେନ୍ଦ୍ରମନ୍ତ୍ରୀ ତାଳଚେର ଦିନଦୟାଳ ନଗରସ୍ଥିତ ବାସଭବନରେ ପହଞ୍ଚି ରାତ୍ରିଯାପନ କରିବେ। ୨୪ ତାରିଖରେ ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମରେ ଯୋଗଦେବେ। ଚମ୍ପତିମୁଣ୍ଡାଠାରେ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଏମ୍ପି ହଲ୍ ଓ ବିବେକାନନ୍ଦ ପାର୍କର ଉଦ୍‌ଘାଟନ କରିବେ। ସାତକୋଶିଆ ମଣ୍ଡଳରେ ବାଲିଜେରେଙ୍ଗ ଠାରୁ ବେତର ପର୍ଯ୍ୟନ୍ତ ରାସ୍ତା, ଶରଧାପୁର ଠାରୁ ପଥରଗଡ଼ ପର୍ଯ୍ୟନ୍ତ, ମାଣିକଯୋଡ଼ି ଠାରୁ କୃଷ୍ଣଚନ୍ଦ୍ରପୁରଗଡ଼, ଅନ୍ଧୁଲିଆ ଠାରୁ ତାବଡ଼ା, ନୂଆଁ ବଡ଼ଦାଣ୍ଡ ସାହିକୁ ଯୋଡୁଥିବା ପୋଲ, ଶରଧାପୁର ଠାରୁ ଗଦେଇମୁଣ୍ଡା ପର୍ଯ୍ୟନ୍ତ ଯୋଡୁଥିବା ପୋଲ ଆଦି ୬ଟି ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଶୁଭଦେବେ। ଏଥିସହ ଅନେକ ବିକାଶମୂଳକ କାର୍ଯ୍ୟର ଶୁଭ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ଗସ୍ତ କରିବେ।

# କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଧାୟକଙ୍କ ସହ ଅନ୍ୟମାନେ।

ଅନୁଗୋଳ,୨୨।୧୨(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ପିଏମ୍ ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରିୟବ୍ରତ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ପୂର୍ବତନ ଛାତ୍ର ତଥା ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ହାଇସ୍କୁଲ ପଡ଼ିଆର ଉନ୍ନତୀକରଣ କରାଯିବ ବୋଲି କହିବା ସହ ବିଦ୍ୟାର୍ଥୀ ଜୀବନରେ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ବିଧାୟକ ମତ ରଖିଥିଲେ। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ତଥା ଶିକ୍ଷକମାନଙ୍କ ଦାୟିତ୍ୱବୋଧ ଉପରେ ଆଲୋଚନା କରିଥିଲେ। ଜିଲା କ୍ରୀଡ଼ାଧିକାରୀ ଅକ୍ଷୟ କୁମାର ଶିଠ ଓ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଧର୍ମନିରଞ୍ଜନ ମିଶ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମନ୍ଦାକିନୀ ପ୍ରଧାନ, ଶିକ୍ଷକ ସୁଶାନ୍ତ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ବିନୋଦ ଚନ୍ଦ୍ର ଦେହୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରିଚାଳନା କମିଟି ଉପସଭାପତି ସଂଘମିତ୍ରା ସାହୁ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଗୁରୁ, ଛାତ୍ରୀଛାତ୍ର ସହଯୋଗ କରିଥିଲେ।


ବଅଁରପାଳ ବ୍ଲକ ତୁଳସୀପାଳ ନିକଟରେ ସୋମବାର ଗୋଟିଏ ଦନ୍ତା ହାତୀ।
(ଫଟୋ- ଦିବ୍ୟଶାନ୍ତନୁ)

# ଜିଲା ମେକାନିକ ସଂଘ ପକ୍ଷରୁ ରକ୍ତଦାନ ଶିବିର



ରକ୍ତଦାନ ଶିବିରରେ ଯୋଗଦେଇଥିବା ମେକାନିକ ସଂଘ କର୍ମକର୍ତ୍ତାମାନେ।

ଅନୁଗୋଳ,୨୨।୧୨(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ପିସିସି ଉଚ୍ଚବିଦ୍ୟାଳୟ ପରିସରରେ ରବିବାର ଜିଲା ମେକାନିକ ସଂଘ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ କଟକ ଏସ୍‌ସିବି ମେଡିକାଲ କଲେଜକୁ ପଠାଯାଇଥିଲା। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ରକ୍ତଦାତାମାନଙ୍କୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥିଭାବେ ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ପିସିସି ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ଜେନା ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସଂଘ ସଭାପତି କବି ପ୍ରଧାନ, ସମ୍ପାଦକ ହିମାଂଶୁ ପ୍ରଧାନ ଉପସ୍ଥିତ ଥିଲେ। ଭୁବନେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼ ଟାଉନଶିପ୍ ମେକାନିକ ସଂଘ ସଭାପତି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ମହାନ୍ତି, ଉଦୟ ପାଲ, ଜଗନ୍ନାଥ ସାହୁ, ବାବୁଲି ସ୍ୱାଇଁ, ପ୍ରଭାତ ସାହୁ, ସୁମନ୍ତ ଦେହୁରୀ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଥାନା ଅଧିକାରୀଙ୍କୁ ବସ୍ ତଳେ ଚାପିଦେବାକୁ ଉଦ୍ୟମ

ଅନୁଗୋଳ,୨୨।୧୨(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସାଇବର ଥାନା ଅଧିକାରୀ ଇନ୍ସପେକ୍ଟର ଖଲେଶ୍ୱର ସେଠୀଙ୍କୁ ହତ୍ୟା କରିବାକୁ ଉଦ୍ୟମ ହୋଇଛି। ରାସ୍ତା ଉପରେ ବସ୍ ଚଢ଼ାଇ ଦେବାକୁ ଉଦ୍ୟମ କରାଯାଇଥିବା ନେଇ ଅନୁଗୋଳ ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇଛି। ଅନୁଗୋଳ ସହରରେ ରାତିଅଧରେ ଜଣେ ଥାନା ଅଧିକାରୀଙ୍କୁ ଗାଡ଼ି ଚଢ଼ାଇ ଏପରି ହତ୍ୟା କରିବାକୁ ଉଦ୍ୟମ କରାଯିବା ଘଟଣା ଜଣାପଡ଼ିବା ପରେ ଏହା ସହରବାସୀଙ୍କୁ ଚକିତ କରିଦେଇଛି।

ଅଭିଯୋଗ ଅନୁଯାୟୀ, ଅନୁଗୋଳ ସାଇବର ଥାନା ଅଧିକାରୀ ଇନ୍ସପେକ୍ଟର ଖଲେଶ୍ୱର ସେଠୀ ଗତ ୧୮ ତାରିଖ ରାତି ପ୍ରାୟ ସାଢ଼େ ୧୧ଟା ବେଳେ ଡ୍ୟୁଟି ସାରି ଘରକୁ ଫେରୁଥିଲେ। ଏହି ସମୟରେ ବୁଢ଼ୀ ଠାକୁରାଣୀ ଛକ ନିକଟରେ ଏକ ବସ୍ ହଠାତ ତାଙ୍କ ଆଡ଼କୁ ମାଡ଼ି ଆସିଥିଲା। ବସ ଚାଳକ ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ଗାଡ଼ି ଚଳାଇ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ତେବେ ରାସ୍ତାକଡ଼କୁ ପଳାଇଯିବାରୁ ଇନ୍ସପେକ୍ଟର ସେଠୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହାପରେ ବସ୍ ଚାଳକଙ୍କ ସହ ୨ ଜଣ ସହଯୋଗୀ ଇନ୍ସପେକ୍ଟର ସେଠୀଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ସୂଚନା ପାଇ ଅନୁଗୋଳ ଥାନାରୁ ଜଣେ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଇନ୍ସପେକ୍ଟର ସେଠୀଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ଥାନାରେ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା ରୁଜୁ କରି ଆକ୍ରମଣକାରୀଙ୍କୁ ଚିହ୍ନଟ ଓ ଧରିବାକୁ ତଦନ୍ତକୁ ଜୋରଦାର କରିଛନ୍ତି।

# ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡ଼ା



ସଫଳ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ପବିତ୍ରନଗର,୨୨।୧୨(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଦୀପଶିଖା ଏନ୍‌ଟିପିସି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଏନ୍‌ଟିପିସି କଣିହାଁର ମୁଖ୍ୟ ମହାପ୍ରବନ୍ଧକ ସତ୍ୟ ରାମାକୃଷ୍ଣ ମୁଖ୍ୟ ଅତିଥି, ମାନବ ସଂସାଧନର ମୁଖ୍ୟ ନବନୀତ କୁମାର ସମ୍ମାନିତ ଅତିଥି, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ଅତିରିକ୍ତ ମହାପ୍ରବନ୍ଧକ ଅଲେଖ କୁମାର ବେହେରା ଅଧ୍ୟକ୍ଷ ଭାବରେ ଉପସ୍ଥିତ ରହି କ୍ରୀଡ଼ା ସମାରୋହ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିନରେ ସିଆଇଏସ୍‌ଏଫ୍ ଡେପୁଟି କମାଣ୍ଡାଣ୍ଟ ଆଲୋକ କୁମାର ପାଣ୍ଡେ ମୁଖ୍ୟ ଅତିଥି ଓ ବିଦ୍ୟାଳୟ ପରିଚାଳନା ସମିତି କୋଷାଧ୍ୟକ୍ଷ ଲୋକନାଥ ସାମନ୍ତ ଯୋଗଦେଇ କ୍ରୀଡ଼ା ସମାରୋହ ସମାପନ କରିଥିଲେ। ସମସ୍ତ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମାନବ ସଂସାଧନ ବିଭାଗ ଅଧିକାରୀ ରାମ ଅବତାର ବଞ୍ଜାରା ଓ ସିଭିଲ ବିଭାଗ ଉପ ମହାପ୍ରବନ୍ଧକ ରାମ ସତ୍ୟମ କାର୍ଯ୍ୟ ତଦାରଖ କରିଥିଲେ। ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ, ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସତ୍ୟ ସନାତନୀ ସଙ୍ଗଠନର ବୈଠକ

ତାଳଚେର, ୨୨।୧୨ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ସତ୍ୟ ସନାତନୀ ସଙ୍ଗଠନର ଏକ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ସ୍ଥାନୀୟ ପଶ୍ଚିମେଶ୍ୱର ଆମ୍ବତୋଟା ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ୍ମନ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା ଭାଜପା ଉପସଭାପତି ମନୋଜ କୁମାର ପ୍ରଧାନ ଯୋଗଦେଇ ସନାତନ ଧର୍ମର ମହତ୍ତ୍ୱ ଓ ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପଦ୍ମନ ଜେନା, କାର୍ଯ୍ୟକାରୀ ସଭାପତି ଉର୍ମିଳା ଦେହୁରୀ, ସାଧାରଣ ସମ୍ପାଦକ ଭାବେ କୃତି ସୁନ୍ଦର ମହାରଣା, ଉପସଭାପତି ଭାବେ ଆଶିଷ ମିଶ୍ର, କୋଷାଧ୍ୟକ୍ଷ ଭାବେ ତନ୍ମୟ କୁମାର ସିଂ, ସହ ସମ୍ପାଦକ ଭାବେ ପ୍ରତିମା ମିଶ୍ର, ସମୀକ୍ଷକ ଭାବେ ସନ୍ତୋଷ ସାହୁ, ଉପଦେଷ୍ଟା ଭାବେ ନଗରପାଳ ପବିତ୍ର ଭୂତିଆ, ଜସ୍ମିନ ପ୍ରଧାନ, ଚୈତନ୍ୟ ପ୍ରଧାନ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ସଞ୍ଜୟ ମହାପାତ୍ର, ସୌଭାଗ୍ୟ ଚନ୍ଦ୍ର ସାହୁ, ରାକେଶ ଆଚାର୍ଯ୍ୟ, ସଞ୍ଜୀବ କୁମାର ସାଓ, ଉଷାରାଣୀ ଦାସ ଓ ଲକ୍ଷ୍ମୀଧର ଦାସ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ଏହି ଅବସରରେ ପୂର୍ବତନ ସୈନିକ ମଳୟ କୁମାର ଜେନା ଓ ସଫଳ ଚାଷୀ ଦୁର୍ଯ୍ୟୋଧନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ସଙ୍ଗଠନର କର୍ମକର୍ତ୍ତାମାନେ।

# ଅଷ୍ଟକିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଆଠମଲ୍ଲିକ,୨୨।୧୨ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଲୁହାସିଙ୍ଗା ପଞ୍ଚାୟତ ପତାକା ଗ୍ରାମର ଖେଳ ପଡ଼ିଆରେ ୧୪ ତମ ରାଜ୍ୟସ୍ତରୀୟ ଅଷ୍ଟକିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଡିଓ ଚିଟସ ମହାନନ୍ଦିଆ, ସମ୍ମାନିତ ଅତିଥି ଭାବେ ଅଏଡ଼ା ସେବା ସମବାୟ ସମିତି ସମ୍ପାଦକ ପଞ୍ଚାନନ ସାହ, ଯୁବନେତା ରମେଶ ଗୋପାଳ, ପତାକା ଗ୍ରାମ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଫ୍ରେଣ୍ଡସ ପାରା ଭୁବନେଶ୍ୱର ଓ ସ୍ପୋର୍ଟସ ହଷ୍ଟେଲ ଫୁଲବାଣୀ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଭୁବନେଶ୍ୱର ୧/୦ ଗୋଲରେ ବିଜୟୀ ହୋଇଥିଲା। ଜିତେନ୍ଦ୍ର ପାତ୍ର, ଅର୍ଜୁନ ନାଏକ, ଗରୀବ ବେହେରା, ଦିଲୀପ ରାଉତ, ପ୍ରଫୁଲ୍ଲ କୁମାର ସାହୁ ଖେଳ ପରିଚାଳନା କରିଥିଲେ। ଉପଦେଷ୍ଟା ବୁଦ୍ଧିମାନ ମେହେର, ସଭାପତି ବସନ୍ତ ଷଣ୍ଢ, କମିଟି ସଭ୍ୟ ସୌରଭ ଦେହୁରୀ, ଅମୂଲ୍ୟ ପ୍ରଧାନ, ରାଜା ଭୁକ୍ତା, ଦଶରଥ ପ୍ରଧାନ, ଆକାଶ ଦେହୁରୀ, ଅଜିତ ଦେହୁରୀ, କୁନା ଷଣ୍ଢ, ଟୁନା ଷଣ୍ଢ, ଯୋଗେନ୍ଦ୍ର ମାହାର, ପପୁନ ଲହରା, ଚିନ୍ମୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ଫୁଟବଲ ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଅଭିଯୋଗ ଶୁଣାଣିରେ ୧୬୭ ଅଭିଯୋଗ ଗ୍ରହଣ

ଅନୁଗୋଳ, ୨୨।୧୨(ମାନସ ବିଶ୍ୱାଳ)/ ପବିତ୍ରନଗର (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର, ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ମୋଟ ୨୦୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବଜ୍ରକୋଟ ଗ୍ରାମରେ କିଡନୀ ରୋଗ ନେଇ ବହୁ ଲୋକ ଅଭିଯୋଗ କରିବା ପରେ ତାହାକୁ ସିଧାସଳଖ ସିଡିଏମ୍‌ଓଙ୍କ ମାଧ୍ୟମରେ କଣିହାଁ ଚିକିତ୍ସା ଅଧିକାରୀଙ୍କୁ ତଦାରଖ ପାଇଁ ଦିଆଯାଇଥିଲା। ତେଣୁ ତାହାକୁ ବାଦ ଦେଇ ୧୨୮ ଅଭିଯୋଗର ଶୁଣାଣି କରାଯାଇଥିଲା। ଶିବିରସ୍ଥଳରେ ତୁରନ୍ତ ୨୭ ଅଭିଯୋଗର ଫଇସଲା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ବଜ୍ରକୋଟ ପଞ୍ଚାୟତର ପଞ୍ଚାଳି ନାଏକ, ଶ୍ରୀମତୀ ବେହେରାଙ୍କୁ ଚିକିତ୍ସା ନିମନ୍ତେ ୫ହଜାର ଟଙ୍କା ଲେଖାଏ ଆର୍ଥିକ ରାଶି, ବିଜୟ ସାମଲ ଓ ପଞ୍ଚୁ ନାଏକଙ୍କୁ ୭୫୦୦ ଟଙ୍କା ଲେଖାଏ ଆର୍ଥିକ ରାଶି, ଏବଂ ଜିଲା ରେଡ୍‌କ୍ରସ ପାଣ୍ଠିରୁ ବଜ୍ରକୋଟ ପଞ୍ଚାୟତର ଦୁଃଶାସନ ମହାନ୍ତି, ଜୟନ୍ତ ସାହୁ, ବିନୋଦ ପଦଲି, ତ୍ରିଲୋଚନ ବିଶିଙ୍କୁ ଚିକିତ୍ସା ନିମନ୍ତେ ୭୫୦୦ ଟଙ୍କା ଲେଖାଏ, ଜେମା ନାଏକଙ୍କୁ ୫୦୦୦ ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମଦନ ମୋହନ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, କଣିହାଁ ଭାରପ୍ରାପ୍ତ ତହସିଲଦାର କସ୍ତୁରୀ ଶା (ଆଇଏଏସ୍), ଡେପୁଟି କଲେକ୍ଟର ଡାନିଏଲ ଏକ୍କା, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଚିନ୍ମୟ ଦାସ ଏବଂ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ୨ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ୫୦୦ ଟଙ୍କା ଓ ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ବଅଁରପାଳ ବ୍ଲକ କୁରୁଡୋଳ ଗ୍ରାମର ବିନୋଦ ବିହାରୀ ସାହୁଙ୍କ ଝିଅ ସ୍ନେହଲତା ସାହୁଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।



କଣିହାଁ ବ୍ଲକରେ ଜନଶୁଣାଣିରେ ଜିଲାପାଳ ଓ ଏସ୍‌ପିଙ୍କ ସହ ଅନ୍ୟ ଅଧିକାରୀମାନେ।

# ଭାଇଙ୍କୁ ହତ୍ୟା ଧମକ ଅଭିଯୋଗ

ବଇଣ୍ଡା, ୨୨।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୂଆସୁସବ ଗ୍ରାମର ମଦୁସୁଦନ ପ୍ରଧାନଙ୍କୁ ତାଙ୍କ ଭାଇ ବାବୁଲା ପ୍ରଧାନ ହତ୍ୟା ଧମକ ଦେଇଥିବା ରବିବାର ମଧୁସୂଦନ କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୪୯/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ମଧୁସୂଦନ ଓ ବାବୁଲାଙ୍କ ପରିବାର ମଧ୍ୟରେ ପୂର୍ବରୁ କଳହ ଲାଗି ରହିଥିଲା। ଏହାକୁ କେନ୍ଦ୍ରକରି ମଧୁସୂଦନଙ୍କୁ ବାବୁଲା ଏକ ଟାଙ୍ଗିଆରେ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ମଦ ଜବତ, ଜଣେ ଗିରଫ

ବଇଣ୍ଡା, ୨୨।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ବଇଣ୍ଡା ଫାଣ୍ଡି ପୋଲିସ ଶନିବାର କଦଳୀମୁଣ୍ଡା ଗ୍ରାମରେ ଚଢ଼ାଉ କରି ଗଗନ ସେଠୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୮ ଲିଟର ମହୁଲି ମଦ ଜବତ କରିଛି। ଗଗନ ଘରେ ଚୋରାରେ ମଦ ବିକ୍ରି କରିବା ପାଇଁ ନେଉଥିବା ବେଳେ ଫାଣ୍ଡି ଅଧିକାରୀ ତପନ କୁମାର ରାଏ ଚଢ଼ାଉ କରିଥିଲେ। ଏ ନେଇ ନମ୍ବର ୪୪୫/୨୫ରେ ଏକ ମାମଲା ରୁଜୁ କରାଯାଇଛି।

# ଉତ୍ତମ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ



ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

## ଓ.ପି. ଜିନ୍ଦଲ ସ୍କୁଲର ବାର୍ଷିକ ଉତ୍ସବ

ଅନୁଗୋଳ,୨୨।୧୨ (ମାନସ ବିଶ୍ୱାଳ)

ଅନୁଗୋଳ ଜିନ୍ଦଲ ନଗରସ୍ଥିତ ଓ.ପି. ଜିନ୍ଦଲ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିନ୍ଦଲ ମହିଳା ସମିତି ସଭାପତି ସୀମା ମଲହାନ ଓ ଅନିତା ମିତ୍ତଲ, ସମ୍ମିଳିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ୍ ଉପସଭାପତି ତଥା ପ୍ରଶାସନିକ ମୁଖ୍ୟ କରୋନେଲ ସୁଦୀପ ମାଜୀ ଯୋଗ ଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ଅନୁଗୋଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇନଚାର୍ଜ) ତଥା ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପଙ୍କଜ ମଲହାନ, ଜିନ୍ଦଲ ଷ୍ଟିଲ ଅନୁଗୋଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ ଓ ଆଇରନ ଜୋନ) ତଥା ବିଦ୍ୟାଳୟ ପରିଚାଳନା କମିଟି ଉପାଧ୍ୟକ୍ଷ ଦାମୋଦର ମିତ୍ତଲ, ମାନବ ସମ୍ବଳ ବିଭାଗ ସଭାପତି ତଥା ସି.ଏଚ୍.ଆର୍.ଓ. ଦିଲୀପ କୁମାର ସିହ୍ନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କଠିନ ପରିଶ୍ରମ କରି ସଫଳତା ହାସଲ ସହ ଆଗାମୀ ଦିନରେ ଉତ୍ତମ ମଣିଷ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନିଟ୍, ଜେଇ ମେନ୍ ଓ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପୁରାତନ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବେଷ୍ଟ ହାଉସ (ସିସିଏ) ସରୋଜିନୀ ହାଉସ, ବେଷ୍ଟ ହାଉସ (ଏକାଡେମିକ) ଆଜାଦ ହାଉସ, ବେଷ୍ଟ ହାଉସ (ସାମଗ୍ରିକ) ରାମାନୁଜନ ହାଉସକୁ ବିଜୟୀ ଏବଂ ବେଷ୍ଟ ହାଉସ (ସାମଗ୍ରିକ) ଭାବେ ସରୋଜିନୀ ହାଉସକୁ ରନର୍ସଅପ ଘୋଷଣା କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଉପାଧ୍ୟକ୍ଷ ଡ. ଅରୁଣ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୩/୨୦୨୫ Bhubaneswar, Tuesday, December 23/ 2025




# ବିଜୟ ସହ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)

## ସନ୍ତୋଷ ଟ୍ରଫି ଫୁଟ୍‌ବଲ

ଛତିଶଗଡ଼ର ନରେନପୁରରେ ୭୯ତମ ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫି ସୋମବାର ଆରମ୍ଭ ହୋଇଛି। ଓଡ଼ିଶା ଏହାର ପ୍ରଥମ ଗ୍ରୁପ୍ 'ଏଫ୍' ମ୍ୟାଚରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଶ୍ରୀକାନ୍ତ ଗଡ଼ବାଙ୍କ ଡବଲ ବଲରେ ଓଡ଼ିଶା ୪-୦ ଗୋଲରେ ମଧ ପ୍ରଦେଶକୁ ପରାସ୍ତ କରିଛି। ଫଳରେ ୩ ପଏଣ୍ଟ ସହ ଓଡ଼ିଶା ଗ୍ରୁପ୍ 'ଏଫ୍'ର ଶୀର୍ଷରେ ରହିଛି। ମ୍ୟାଚର ୧୫ଶ ମିନିଟରେ ଅଧିନାୟକ କାର୍ତ୍ତିକ ହେନ୍ତାଳଙ୍କ ଗୋଲ ବଳରେ ଓଡ଼ିଶା ପ୍ରଥମାର୍ଦ୍ଧ ଶେଷ ବେଳକୁ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ମଧ ପ୍ରଦେଶ କଡ଼ା ଚ୍ୟାଲେଞ୍ଜ ଦେବାକୁ ସକ୍ଷମ ହୋଇଥିବାବେଳେ ୭୫ତମ ମିନିଟରେ ଜିତୁ ମୁଦୁଲି ଏକ ଗୋଲ ସ୍କୋର କରି ଓଡ଼ିଶାର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଶେଷ ଭାଗରେ ଶ୍ରୀକାନ୍ତ ଗଡ଼ବା ଚମତ୍କାର ପ୍ରଦର୍ଶନ କରି ମ୍ୟାଚକୁ ଏକପାଖିଆ କରି ଦେଇଥିଲେ।


ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

୭୭ତମ ମିନିଟରେ ସେ ବ୍ୟକ୍ତିଗତ ପ୍ରଥମ ଗୋଲ ଦେଇ ଓଡ଼ିଶାକୁ ୩-୦ରେ ଆଗୁଆ କରିଥିବାବେଳେ ଇଞ୍ଜୁରି ଟାଇମ୍ ୯୦+୪ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ବିଜୟ ସହ ଅଭିଯାନ ଆରମ୍ଭ କରିଥିବାରୁ ଓଡ଼ିଶା ଦଳକୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୨୪ ତାରିଖରେ ତେଲଙ୍ଗାନା ସହିତ ଖେଳିବ। ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚରେ ତେଲଙ୍ଗାନା ୨-୧ ଗୋଲରେ ଛତିଶଗଡ଼କୁ ହରାଇ ୩ ପଏଣ୍ଟ ପାଇଛି।

# ଫିଫା ର୍‍ୟାଙ୍କିଙ୍ଗରେ ସ୍ପେନ୍ ନମ୍ବର ୱାନ୍

ଜୁରିଚ୍, ୨୨।୧୨(ଏପି)

ସ୍ପେନର ପୁରୁଷ ଫୁଟ୍‌ବଲ ଦଳ ଫିଫା ର୍‍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନ ସହ ୨୦୨୫ ବର୍ଷ ଶେଷ କରିବାକୁ ଯାଉଛି। ସୋମବାର ପ୍ରକାଶିତ ନୂଆ ର୍‍ୟାଙ୍କିଙ୍ଗ ତାଲିକାରେ ସାମାନ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଛି। ଗତ ଫିଫା ର୍‍ୟାଙ୍କିଙ୍ଗ ତାଲିକା ନଭେମ୍ବର ୧୯ରେ ପ୍ରକାଶ ପାଇଥିଲା। ଏଥର ଟପ୍ ଟେନ୍‌ରେ କୌଣସି ପରିବର୍ତ୍ତନ ଘଟି ନାହିଁ। ସ୍ପେନ ପଛକୁ ପ୍ରଥମ ୧୦ ମଧ୍ୟରେ ସ୍ଥାନ ପାଇଥିବା ଦେଶଗୁଡ଼ିକ ଯଥାକ୍ରମେ ହେଲେ ଆର୍ଜେଣ୍ଟିନା, ଫ୍ରାନ୍ସ, ଇଂଲଣ୍ଡ, ବ୍ରାଜିଲ, ପର୍ତ୍ତୁଗାଲ, ନେଦରଲାଣ୍ଡ୍ସ, ବେଲଜିୟମ, ଜର୍ମାନୀ ଓ କ୍ରୋଏସିଆ। ସ୍ପେନ ଇତିମଧ୍ୟରେ ବିଶ୍ୱକପ୍ ଗ୍ରୁପ୍ 'ଇ' କ୍ୱାଲିଫାଇଂ ଜିତିସାରିଛି। ୨୦୨୬ରେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋ ମିଳିତ ଭାବେ ଆୟୋଜନ କରୁଥିବା ଫିଫା ଫୁଟ୍‌ବଲ ବିଶ୍ୱକପ୍‌ର ଗ୍ରୁପ୍ 'ଏଚ୍'ରେ ଉରୁଗୁଏ, ସୌଦି ଆରବ ଓ କେପ୍ ଭର୍ଡେଙ୍କୁ ଭେଟିବ ଏହି ଦଳ। ତାଲିକାରେ ସବୁଠାରୁ ବଡ଼ ପଦୋନ୍ନତି ଘଟିଥିବା ଭିଏତ୍‌ନାମ ୩ ସ୍ଥାନ ଉପରେ ୧୦୭ତମ ସ୍ଥାନରେ ରହିଛି।

# ସ୍ୱସ୍ତିଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ



ସ୍ୱର୍ଣ୍ଣ ପଦକ ସହ ସ୍ୱସ୍ତି ସିଂ।

ଭୁବନେଶ୍ୱର, ୨୨।୧୨ (ତପନ ସ୍ୱାଇଁ)

## ଜାତୀୟ ଟ୍ରାକ୍ ସାଇକ୍ଲିଂ

ଉତ୍ତରାଖଣ୍ଡରେ ଚାଲିଥିବା ୭୭ତମ ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ସ୍ୱସ୍ତି ସିଂ। ରାଜ୍ୟର ଏହି ତାରକା ସାଇକ୍ଲିଷ୍ଟ ସୋମବାର ଅନୁଷ୍ଠିତ ସିନିୟର ଏଲିଟ ୪ କିଲୋମିଟର ବ୍ୟକ୍ତଗତ ପର୍ସ୍ୟୁଟ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୂର୍ବରୁ ଅନୁଷ୍ଠିତ ୧ କିମି ଏଲିଟ ମହିଳା ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ୍‌ରେ ମଧ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ଦଳର ସଦସ୍ୟା ଥିଲେ ସ୍ୱସ୍ତି। ଏହି ଦଳରେ ତାଙ୍କ ବ୍ୟତୀତ ରେଜିୟା ଦେବୀ, ମଧୁସ୍ମିତା ବେଡେକ ଓ ବର୍ଷାରାଣୀ ବାରିକ ସାମିଲ ଥିଲେ।

# ପ୍ରୟାଗରାଜ ସେମିରେ

ଭୁବନ, ୨୨।୧୨
(ବିପିନ ବିହାରୀ ସେଠୀ):

## ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ

ଢେଙ୍କାନାଳ ଜିଲା ଭୁବନ ହାଇସ୍କୁଲ ଖେଳପଡିଆଠାରେ ଚାଲିଥିବା ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ୩ୟ ଲିଗ୍‌ମ୍ୟାଚରେ ରାମେଶ୍ୱର ଟିମ୍ ଭୁନେଶ୍ୱରକୁ ହରାଇ ପ୍ରୟାଗରାଜ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ରାମେଶ୍ୱର ନିର୍ଦ୍ଧାରିତ ୩୦ ଓଭର ଖେଳରୁ ୨୯.୦୧ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସରାନ୍ନୁ କୁମାର ସର୍ବାଧିକ ୪୫ ରନ ସଂଗ୍ରହ କରିଥିଲେ। ଜବାବରେ ପ୍ରୟାଗରାଜ ଦଳ ୨୯ ଓଭରରେ ୯ ଟି ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରି ସେମିଫାଇନାଲକୁ ପ୍ରବେଶ କରିଛି। ଦଳ ପକ୍ଷରୁ କ୍ରିଷ୍ଣା ପାଣ୍ଡେ ସର୍ବାଧିକ ୪୯ ରନ ସଂଗ୍ରହ କରିଥିଲେ। ଖେଳକୁ ଯସମିନ୍ଦର ସିଂ ଓ ଜ୍ୟୋତିପ୍ରକାଶ ମଲ୍ଲିକ ପରିଚାଳନା କରିଥିବା ବେଳେ ସୂର୍ଯ୍ୟପ୍ରକାଶ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ୪ର୍ଥ ଲିଗ ମ୍ୟାଚ ବୁଧବାର ଭୁବନ ସହିତ ପୁରୀ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଏସିଆ କପ୍ ବିଜେତାଙ୍କୁ ପାକିସ୍ତାନର ଆର୍ଥିକ ପୁରସ୍କାର ଘୋଷଣା

କରାଚୀ,୨୨।୧୨ (ପି.ଟି.)

ଦୁବାଇରେ ୧୯ବର୍ଷରୁ କମ୍ ଏସିଆକପ୍ ବିଜୟୀ ପାକିସ୍ତାନ ଦଳର ସଦସ୍ୟମାନଙ୍କ ଲାଗି ଦେଶର ପ୍ରଧାନମନ୍ତ୍ରୀ ଶାହବାଜ ଶରିଫ ୧୦ ନିୟୁତ ପାକିସ୍ତାନୀ ଟଙ୍କା ସ୍ୱତନ୍ତ୍ର ପୁରସ୍କାର ଘୋଷଣା କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତକୁ ୧୯୧ରନରେ ପରାସ୍ତ କରି ପାକିସ୍ତାନ ଚାମ୍ପିୟନ ବିଜୟୀ ହୋଇଛି। ଶରିଫ ଟାଇଟଲ ବିଜୟୀ ଦଳ ଅଫିସିଆଲମାନଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏକ ଅଭ୍ୟର୍ଥନା ଉତ୍ସବରେ ଶରିଫ ଏହି ପୁରସ୍କାର ଘୋଷଣା କରିବା ସହ ଦଳର ପ୍ରଦର୍ଶନକୁ ନେଇ ଉଚ୍ଚ ପ୍ରଶଂସା କରିଛନ୍ତି। ଟିମ୍ ମ୍ୟାନେଜର ତଥା ମେଣ୍ଟର ସର୍ଫରାଜ ଅହମ୍ମଦ କହିଛନ୍ତି, ଅଭ୍ୟର୍ଥନା ଉତ୍ସବ ପରେ ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ଖେଳାଳିଙ୍କ ଲାଗି ୧୦ନିୟୁତ (ପ୍ରାୟ ୩୬,୦୦୦ ଆମେରିକୀୟ ଡଲାର) ନଗଦ ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି। ଦଳର ଏହି ସଫଳତା ପାଇଁ ଦୀର୍ଘ ଦିନର ଚୟନ ପ୍ରକ୍ରିୟାକୁ ଶ୍ରେୟ ଦେଇଛନ୍ତି ପାକିସ୍ତାନ ମୁଖ୍ୟ କୋଚ୍ ଶହିଦ ଅନୱାର।

# ପଞ୍ଜାବ ଦଳରେ ଗିଲ୍, ଅଭିଷେକ ଓ ଅର୍ଶଦୀପ

ଚଣ୍ଡିଗଡ଼, ୨୨।୧୨ (ପି.ଟି.)

ଭାରତୀୟ ଦଳର ଖେଳାଳିଙ୍କ ପାଇଁ ଜାତୀୟ ଦିନିକିଆ ଚାମ୍ପିୟନଶିପ୍‌ରେ ଖେଳିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି। ଫଳତଃ ବିଜୟ ହଜାରେ ଟ୍ରଫି ପାଇଁ ପଞ୍ଜାବ ଦଳରୁ ଖେଳିବାକୁ ଯାଉଛନ୍ତି ଭାରତୀୟ ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ଶୁବମନ ଗିଲ, ବିଶ୍ୱର ନମ୍ବର-୧

## ବିଜୟ ହଜାରେ ଟ୍ରଫି

ଟି୨୦ ବ୍ୟାଟର ଅଭିଷେକ ଶର୍ମା ଓ ପେସ୍ ବୋଲର ଅର୍ଶଦୀପ ସିଂ। ଜାନୁଆରୀ ୧୧ରୁ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ଆରମ୍ଭ ହେବାକୁଥିବାରୁ ଭାରତର ଟି୨୦ ବିଶ୍ୱକପ୍ ଦଳରୁ ବାଦ୍ ପଡ଼ିଥିବା ଗିଲ୍ ଏବଂ ହ୍ୱାଇଟ ବଲ୍‌ର ଜଣେ ନିୟମିତ ସଦସ୍ୟ ଅର୍ଶଦୀପ ମାତ୍ର ୨ରୁ ୩ଟି ମ୍ୟାଚ ପାଇଁ ଉପଲବ୍ଧ ହେବେ। ପଞ୍ଜାବ ଟୁର୍ନାମେଣ୍ଟ ଫେଭରିଟ୍ ମୁମ୍ବାଇ ସହ ଗ୍ରୁପ୍ 'ସି'ରେ ସ୍ଥାନ ପାଇଛି। ଦଳ ଏହାର ପ୍ରଥମ ଦୁଇଟି ମ୍ୟାଚ୍ ମହାରାଷ୍ଟ୍ର (ଡିସେମ୍ବର ୨୪) ଓ


ଅଭିଷେକ ଶର୍ମା, ଶୁବମନ ଗିଲ୍ ଓ ଅର୍ଶଦୀପ ସିଂ।

ଛତିଶଗଡ଼ (ଡିସେମ୍ବର ୨୬) ବିପକ୍ଷରେ ଖେଳିବ। ଏହି ଦୁଇଟି ଗେମ୍ ପାଇଁ ଗିଲ୍ ଓ ଅର୍ଶଦୀପ ଉପଲବ୍ଧ ହେବେ ବୋଲି ଆଶା କରାଯାଉଛି। ଟି୨୦ ସ୍ପେଶାଲିଷ୍ଟ ଅଭିଷେକ ଅଧିକ ଗେମ୍ ପାଇଁ ଉପଲବ୍ଧ ହେବେ ବୋଲି ଆଶା କରାଯାଉଛି। ମୁମ୍ବାଇ ଓ ପଞ୍ଜାବ ମ୍ୟାଚ ଜାନୁଆରୀ ୮ରେ ଜୟପୁରରେ ଖେଳାଯିବ। ସେ ସମୟରେ ମୁମ୍ବାଇର ରୋହିତ ଶର୍ମା ଓ ପଞ୍ଜାବର ଗିଲ୍ ଉପଲବ୍ଧ ହେବେନି।

**ପଞ୍ଜାବ ବିଜୟ ହଜାରେ ଟ୍ରଫି ଦଳ:** ଶୁବମନ ଗିଲ୍, ଅଭିଷେକ ଶର୍ମା, ଅର୍ଶଦୀପ ସିଂ, ପ୍ରଭଶିମରନ ସିଂ (ଉଇକେଟକିପର), ହାର୍ନୁର ପନ୍ନୁ, ଅନମୋଲପ୍ରୀତ ସିଂ, ଉଦୟ ସହରନ, ନମନ ଧୀର, ସଲିଲ ଆରୋରା (ଉଇକେଟକିପର), ସନଭୀର ସିଂ, ରମଣଦୀପ ସିଂ, ଯଶପ୍ରୀତ ସିଂ, ଗୁର୍ନୁର ବ୍ରାର, ହରପ୍ରୀତ୍ ବ୍ରାର୍, ରଘୁ ଶର୍ମା, କ୍ରିଶ ଭଗତ, ଗୌରବ ଚୌଧାରୀ ଓ ସୁଖଦୀପ ବାଜ୍‌ୱା।

# ନ୍ୟୁଜିଲାଣ୍ଡ ୨-୦ରେ ସିରିଜ୍ ବିଜୟୀ


ଉଇକେଟ ନେବାପରେ ଜାକବ ଡୁଫି (ବାମ)।

ମାଉଣ୍ଟ ମଙ୍ଗାନୁଇ
(ନ୍ୟୁଜିଲାଣ୍ଡ), ୨୨।୧୨ (ଏପି)

ସୋମବାର ଶେଷ ହୋଇଥିବା ତୃତୀୟ କ୍ରିକେଟ ଟେଷ୍ଟରେ ୱେଷ୍ଟଇଣ୍ଡିଜକୁ ୩୨୩ରନରେ ହରାଇ ଦେଇଛି ନ୍ୟୁଜିଲାଣ୍ଡ। ଏଥିସହିତ ଦଳ ସିରିଜକୁ ୨-୦ରେ ଜିତି ନେଇଛି। ମ୍ୟାଚରେ ୪୬୨ରନର ବିଜୟ ଲକ୍ଷ୍ୟକୁ ନେଇ ୱେଷ୍ଟଇଣ୍ଡିଜ ଦଳ ରବିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୧୬ ଓଭରରେ କୌଣସି ଉଇକେଟ ନ ହରାଇ ୪୩ରନ କରିଥିଲା। ସୋମବାର ମ୍ୟାଚର ୫ମ ତଥା ଅନ୍ତିମ ଦିବସରେ ଜାକବ ଡୁଫି (୫/୪୨)ଙ୍କ ୫ଉଇକେଟ ସଫଳତା ଯୋଗୁ ୱେଷ୍ଟଇଣ୍ଡିଜ ମାତ୍ର ୧୩୮ ରନରେ ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ବ୍ରାଣ୍ଡନ କିଙ୍ଗ୍ ୬୭ ରନ କରିଥିଲେ। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ୱେଷ୍ଟଇଣ୍ଡିଜର ୭ଜଣ ବ୍ୟାଟରଙ୍କ ସ୍କୋର ୨ଅଙ୍କ ସ୍ପର୍ଶ କରିପାରି ନ ଥିଲା। ୱେଷ୍ଟଇଣ୍ଡିଜ ଶାମାର ଜୋଶେଫ ଓ ଅଲ୍‌ଜାରି ଜୋଶେଫଙ୍କ ବିନା ଏହି ମ୍ୟାଚ ଖେଳିଥିଲା। ଅନ୍ୟପକ୍ଷରେ ଆଘାତଜନିତ ସମସ୍ୟା ଯୋଗୁ ମ୍ୟାଟ୍ ହେନ୍‌ରୀ, ୱିଲ୍ ଓ'ରୁର୍କି, ବେନ୍ ସିଅର୍ସ, କାଇଲ ଜେମିସନ, ନାଥାନ ସ୍ମିଥ୍ ଓ ବ୍ଲେୟର ଟିକ୍‌ନରଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତିରେ ଡୁଫି ନ୍ୟୁଜିଲାଣ୍ଡ ପେସ୍ ବାହିନୀର ନେତୃତ୍ୱ ନେଇଥିଲେ। ତୃତୀୟ ଟେଷ୍ଟର ପରିସଂଖ୍ୟାନ ଉଲ୍ଲେଖନୀୟ ଥିଲା। ଡେଭନ କନୱେଙ୍କ ୨୨୭ ଏବଂ ଟମ୍ ଲଥାମଙ୍କ ୧୩୭ ଏବଂ ସେମାନଙ୍କ ମଧ୍ୟରେ ଓପନିଂ ଭାଗୀଦାରିରେ ୩୨୩ରନ ଯୋଗଦାନ ଯୋଗୁ ନ୍ୟୁଜିଲାଣ୍ଡ ୫୭୫/୮ ସ୍କୋରରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଦ୍ୱିତୀୟ ଇନିଂସରେ କନୱେ ଓ ଲଥାମ ଯଥାକ୍ରମେ ୧୦୦ ଓ ୧୦୧ ରନ କରିଥିଲେ। ଦୁହିଁଙ୍କ ମଧ୍ୟରେ ୧୯୨ ରନର ପାର୍ଟନରଶିପ୍ ହୋଇଥିଲା। ନ୍ୟୁଜିଲାଣ୍ଡ ୩୦୬/୨ ସ୍କୋରରେ ଏହାର ଦ୍ୱିତୀୟ ଇନିଂସ ଘୋଷଣର କରିଥିଲା। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୪୨୦ରନ କରି ଅଲଆଉଟ ହୋଇଯିବା ଦ୍ୱାରା ଦଳ ପାଇଁ ୪୬୨ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଯାଇଥିଲା। ଡେଭନ କନୱେ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗୋଟିଏ ଟେଷ୍ଟ ମ୍ୟାଚରେ ଦ୍ୱିଶତକ ଓ ଶତକ ହାସଲ କରିବାରେ କନୱେ ନ୍ୟୁଜିଲାଣ୍ଡର ପ୍ରଥମ ଖେଳାଳି ବିବେଚିତ ହୋଇଛନ୍ତି। ପୂର୍ବରୁ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୪ ଉଇକେଟ ନେଇଥିବା ଜାକବ ଡୁଫି ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

# ରାଜ୍ୟସ୍ତରୀୟ ୭ମ ବାଗଡ଼ିଆ କପ୍ ଉଦ୍‌ଘାଟିତ

ଛେଣ୍ଡିପଦା,୨୨।୧୨(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବାଗଡ଼ିଆ କ୍ରିକେଟ ଆସୋସିଏଶନ ପକ୍ଷରୁ ୭ମ ବାଗଡ଼ିଆ କ୍ରିକେଟ କପ୍ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସଭାପତି ତ୍ରିଲୋଚନ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସାମାଜିକ କର୍ମୀ ବିନୋଦ କୁମାର ସରଳିଆ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପ୍ରଧାନ, ଅବସରପ୍ରାପ୍ତ ପ୍ରାଧ୍ୟପକ ପ୍ରଦୀପ କର, ବାଗଡ଼ିଆ ପୂର୍ବତନ ସଭାପତି ବିଜୟ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରମିଳା ସାହୁ, ବାଗଡ଼ିଆ ସରପଞ୍ଚ ପୁଷ୍ପଲତା ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରଥମ ମ୍ୟାଚ୍ ଭୁବନେଶ୍ୱରର ଏମ୍‌ଆର୍‌ଏଫ କୋମାଣ୍ଡୋ ଇଲେଭେନନ୍ ସହିତ ସମ୍ବଲପୁର ଏଙ୍ଗରି ଟାଇଗର ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏମ୍‌ଆର୍‌ଏଫ କୋମାଣ୍ଡୋ ଇଲେଭେନ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ଡିସିସି ସନ୍ଥପୁରା ଓ କୋରାପୁଟ ଏକାଦଶ ଟିମ୍ ମୁହାଁମୁହିଁ ହୋଇଥିଲେ। ଏଥିରେ କେନ୍ଦ୍ରାପଡ଼ା ଡିସିସି ସନ୍ଥପୁରା ୬୬ ରନ୍‌ରେ ବିଜୟୀ ହୋଇଥିଲା। ବେଣୁଧର ସାହୁ ଓ ପ୍ରସନ୍ନ କୁମାର ପରିଚାଳନା କରିଥିଲେ। କ୍ରିକେଟ ଆସୋସିଏଶନ ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ଦେବାଶିଷ ପ୍ରଧାନ, ଗଗନ ବିହାରୀ ପ୍ରଧାନ, ଉମେଶ ମାଝୀ, ଲିଙ୍କନ ଦେହୁରୀ, ଚନ୍ଦନ ପ୍ରଧାନ, ଆସିକି ମାହାଳିକ ଓ ସ୍କୋରର ଭାବେ ଡମ୍ବରୁ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ବାଗଡ଼ିଆ କପ୍‌କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ